ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୫୧
୧୭ ଜାନୁଆରୀ, ୨୦୨୬ ଶନିବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 251
17th January, 2026 Saturday
Kendrapara

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com
RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ସକୃତ୍‌କନ୍ଦୁକ ପାତେନୋତ୍ ପତତ୍ୟଧଃ ପତନ୍ନପି**
**ତଥା ତ୍ୱନାର୍ଯ୍ୟଃ ପତତି ମୃତ୍‌ପିଣ୍ଡପତନଂ ଯଥା ।**

ସାଧୁ ଲୋକର ପତନ ହେଲେ ମଧ୍ୟ ତା'ର ପୁଣି ଅଭ୍ୟୁଦୟ ହୁଏ ଯେପରି କନ୍ଦୁକ ଭୂମିରେ ପତିତ ହେଲେ ଉପରକୁ ଉଠେ, ମାତ୍ର ମାଟିର ପାତ୍ର ଭୂମିରେ ପଡ଼ିଲେ ଭଗ୍ନ ହୁଏ, ସେହିପରି ଅସାଧୁ ଲୋକର ପତନ ହିଁ ତା'ର ବିନାଶର କାରଣ ହୁଏ ।

# ବିଜେପି ସହ ବିଜେଡିର ସେଟିଂ
# ଏବେ ୨ ଗଲେ: ଆଗକୁ ଆହୁରି ଯିବେ

**ଭୁବନେଶ୍ୱର,୧୬।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବିଜୁ ଜନତା ଦଳର ଦୁଇ ବିଧାୟକଙ୍କ ନିଲମ୍ବନ ପରେ ବିଜେଡିକୁ ଟାର୍ଗେଟ୍ କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । ସେ କହିଛନ୍ତି ବିଜେପିକୁ ମଜଭୁତ କରିବାକୁ ବିଜେଡି ଉଦ୍ୟମ

### ଭକ୍ତଙ୍କ ଭବିଷ୍ୟବାଣୀ

କରୁଛି । ଦୁଇ ବିଧାୟକଙ୍କୁ ବିଜେପିକୁ ଟେକିଦେଲା ବିଜେଡି । ରାଜ୍ୟସଭା ନିର୍ବାଚନ ପୂର୍ବରୁ ଆହୁରି ବିଧାୟକଙ୍କୁ ମଧ୍ୟ ବିଜେପିକୁ ଟେକିଦେବ ବିଜେଡି । ରାଜ୍ୟସଭାରେ ଆଗରୁ ମଧ୍ୟ ବିଜେଡି ସମସ୍ତ ବିଲ୍‌ରେ ବିଜେପିକୁ ସମର୍ଥନ ଦେଇଆସିଛି, ଏବେ ମଧ୍ୟ ଦେବ । ରାଜ୍ୟସଭା ପାଇଁ ବିଜେଡିର ରାଜନୈତିକ ନିଷ୍ପତ୍ତି ବିଜେପି ପାଇଁ ସମର୍ପିତ । ତେଣୁ ସିଏ ବିଜେପି କିମ୍ବା ବିଜେଡିରୁ ଯେଉଁ ଦଳରୁ ଯେଉଁ ନେତା ରାଜ୍ୟସଭା ଗଲେ ଏକା କଥା । ଯେଉଁ ଅଫିସରମାନେ ବିଜେଡି ପାଇଁ କାମ କରୁଥିଲେ, ବିଜେପି ସରକାର ଆସିବା ପରେ ତାଙ୍କୁ ପରିବର୍ତ୍ତନ କରାଯାଇଥିଲା । ଏବେ ସେହି ଅଫିସର ପୁନର୍ବାର ପୁରୁଣା ସ୍ଥାନକୁ ଫେରିଲେଣି । ବର୍ତ୍ତମାନ ସରକାର ଚଳାଇବାରେ ମଧ୍ୟ ଉକ୍ତ ଅଫିସରମାନଙ୍କର ଅନେକ ଯୋଗଦାନ ରହିଛି ବୋଲି ଭକ୍ତ ଦାସ କହିଛନ୍ତି ।

## ବିଜେଡି ନେତୃତ୍ୱକୁ ଅରବିନ୍ଦଙ୍କ ଚାଲେଞ୍ଜ

**ଭୁବନେଶ୍ୱର,୧୬।୧: ଏକ୍ସପ୍ରେସ୍ ନ୍ୟୁଜ୍**

କେବଳ ଜଣକୁ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ବୋଲି କହି ସାଧାରଣରେ ନିନ୍ଦିତ କରିବା ଠିକ୍ ନୁହେଁ । ବରଂ ଏହା ସାବ୍ୟସ୍ତ କରିବା ଦରକାର ବୋଲି ରୋକ୍‌ଠୋକ୍ କହିଛନ୍ତି ପାଟକୁରାର ଯୁବ ବିଧାୟକ ଅରବିନ୍ଦ ମହାପାତ୍ର ।



ଗଣମାଧ୍ୟମ ପକ୍ଷରୁ ତାଙ୍କ ସହ ଯୋଗାଯୋଗ କରାଗଲା ବେଳେ ସେ ସ୍ପଷ୍ଟ ଭାବେ କହିଥିଲେ ଯେ ସେ ଦଳରେ ସାମିଲ ହେବା ପରଠାରୁ ଲଗାତାର ଭାବେ କେବଳ ଦଳର ସ୍ୱାର୍ଥ ଓ ସମ୍ମାନ ରକ୍ଷା ପାଇଁ କାର୍ଯ୍ୟ କରିଆସିଛନ୍ତି । ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ହିଁ ନେତା ମାନିଛନ୍ତି । କେବେ ବି କୌଣସି ଦଳ ବିରୋଧୀ କାର୍ଯ୍ୟରେ ସେ ସଂପୃକ୍ତ ହୋଇନାହାନ୍ତି । ବିଧାନସଭାରେ ଭିତରେ ହେଉ କି ବାହାରେ ହେଉ, ଦଳୀୟ ବୈଠକରେ ହେଉ କି ସାଧାରଣ ସଭା ସମିତିରେ ହେଉ ସବୁବେଳେ ଦଳର ସମ୍ମାନ ରକ୍ଷା କରିବା ପାଇଁ କାର୍ଯ୍ୟ କରିଆସିଛନ୍ତି ତାହା ସମସ୍ତେ ଦେଖିଛନ୍ତି, ଦେଖୁଛନ୍ତି । କିନ୍ତୁ ଆକସ୍ମିକ ଭାବେ ସେ ଦଳ ବିରୋଧୀ କାର୍ଯ୍ୟରେ ସଂପୃକ୍ତ ଥିବା ଦର୍ଶାଯାଇ ଯେପରି ନିଲମ୍ବନ ଆଦେଶ ଜାରି ହେଲା ଓ ଗଣମାଧ୍ୟମରେ ତାହା ବହୁଳ ଭାବେ ପ୍ରସାରିତ ହେଲା ତାହା ତାଙ୍କୁ ବ୍ୟଥିତ କରିଛି । ପ୍ରକୃତରେ ସେ ନିର୍ଦ୍ଦିଷ୍ଟ ଭାବେ କେଉଁ ଦଳ ବିରୋଧୀ କାର୍ଯ୍ୟରେ ସଂପୃକ୍ତ ତାହା ଦଳ ନେତୃତ୍ୱ ସାବ୍ୟସ୍ତ କରିବା ଦରକାର ବୋଲି ଶ୍ରୀ ମହାପାତ୍ର ଚାଲେଞ୍ଜ ଦେଇଛନ୍ତି ।

ଅନ୍ୟପଟେ ଯୁବ ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ଲୋକପ୍ରିୟତାକୁ ହଜମ କରିନପାରି ଭି.କେ. ପାଣ୍ଡିଆନ୍ ଓ ତାଙ୍କ ଏକାନ୍ତ ଅନୁଗତ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଷଡ଼ଯନ୍ତ୍ର କରି ତାଙ୍କ ବିରୋଧରେ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବାଭଳି ଅମୂଳକ ଅଭିଯୋଗ କରି ନିଲମ୍ବନ କରାଇଥିବାର ଅଭିଯୋଗ କରି ଅରବିନ୍ଦଙ୍କ ସମର୍ଥନମାନେ ବିଭିନ୍ନ ସ୍ଥାନରେ ନାରାବାଜି କରୁଥିବାର ଦେଖିବାକୁ ମିଳିଛି ।

# ମୂର୍ତ୍ତିଙ୍କୁ ପଚାରିଲେ ଶିକ୍ଷାଗତ ଯୋଗ୍ୟତା

## ଉତ୍ତର ନଦେବାରୁ ମଦୁଆ ଶିକ୍ଷକ ଭାଙ୍ଗିଲେ ଗଣେଶ, ସରସ୍ୱତୀ

**ରାୟଗଡ଼ା,୧୬।୧ ଏକ୍ସପ୍ରେସ୍ ନ୍ୟୁଜ୍**



ଜଣେ ଶିକ୍ଷକ ମଦ ନିଶାରେ ବିଦ୍ୟାଳୟ ପରିସରରେ ଥିବା ଭଗବାନ ଗଣେଶ ଓ ସରସ୍ୱତୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଲେ । କୌଣସି ଉତ୍ତର ନ ମିଳିବାରୁ ଉଭୟ ଭଗବାନଙ୍କୁ ମାଡ ମାରି ମୂର୍ତ୍ତି ଭାଙ୍ଗିଦେଇଥିବା ଭଳି ଘଟଣା ଦେଖିବାକୁ ମିଳିଛି । ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଅନୁସୂଚିତ ଜାନଜାତି ଓ ଜାତି ପଛୁଆ ବର୍ଗ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ବାଦଳାସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ । ଶିକ୍ଷକଙ୍କ ପ୍ରଶ୍ନର ଜବାବ ଦେଇନପାରି ଅନେକଥର ବିଦ୍ୟାର୍ଥୀ ମାଡ଼ ଖାଇଥିବା ଘଟଣା ସାମ୍ନାକୁ ଆସୁଥିଲା । କିନ୍ତୁ ଶିକ୍ଷକଙ୍କ ପ୍ରଶ୍ନର ଜବାବ ଦେଇନପାରି ଗତକାଲି ବିଦ୍ୟାଦାତ୍ରୀ ସରସ୍ୱତୀ ଏବଂ ଗଣେଶ ମୂର୍ତ୍ତିଙ୍କୁ ମାଡ଼ ଖାଇବାକୁ ପଡିଛି ମଦୁଆ ଶିକ୍ଷକଙ୍କ ହାତରୁ ।

ଘଟଣାରୁ ପ୍ରକାଶଯେ ଗତକାଲି ସନ୍ଧ୍ୟା ସମୟରେ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ କେ କ୍ରିଷ୍ଣା ରାଜୁ ମଦ ନିଶାରେ ବିଦ୍ୟାଳୟ ପରିସରରେ ଘୁରି ବୁଲୁଥିଲେ । ଶିକ୍ଷକଙ୍କ ଏଭଳି ଅବସ୍ଥା ଦେଖି ଛାତ୍ରଛାତ୍ରୀ ଓ ଉପସ୍ଥିତ ଶିକ୍ଷକମାନେ ମଦୁଆ ଶିକ୍ଷକଙ୍କ ସାମ୍ନାକୁ ଯିବାକୁ ଉଚିତ ମଣିନଥିଲେ । ହେଲେ ସନ୍ଧ୍ୟା ସମୟରେ ମଦୁଆ ଶିକ୍ଷକ ଜଣକ ଆଉ କାହାକୁ ନପାଇ ବିଦ୍ୟାଳୟ ପରିସରରେ ରଖାଯାଇଥିବା ଗଣେଶ ଏବଂ ସରସ୍ୱତୀ ମୂର୍ତ୍ତି ସହ ବାର୍ତ୍ତାଳପ କରି ପ୍ରଶ୍ନ ପଚାରିବା ଆରମ୍ଭ କରିଦେଇଥିଲେ ।

ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କ କହିବାନୁଯାୟୀ ଶିକ୍ଷକ ଜଣଙ୍କ ମୂର୍ତ୍ତିଗୁଡିକୁ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ପଚାରିଥିଲେ ଏବଂ ଉତ୍ତର ମିଳିନଥିବାରୁ ମୂର୍ତ୍ତିଗୁଡିକୁ ଏକ ପଥରରେ ଆଘାତ କରିଥିଲେ । ଫଳରେ ମୂର୍ତ୍ତିଗୁଡିକର ହାତ ଓ ଅନ୍ୟାନ୍ୟ ଅଙ୍ଗ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି । ପୂର୍ବରୁ ମଧ୍ୟ ଏହି ଶିକ୍ଷକ ଜଣଙ୍କ ମଦ ପିଇ ଛାତ୍ରଙ୍କୁ ବାଡେଇବା ଭିଡିଓ ଭାଇରାଲ ହେଇଥିଲା । କିଛି ଦିନ ହେଲା ଆମ୍ବଦଳାସ୍ଥିତ *(ଶେଷ ପୃଷ୍ଠା ଦେଖନ୍ତୁ)*

## ୨୦ରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ

**ନୂଆଦିଲ୍ଲୀ,୧୬।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ୨୦ ତାରିଖରେ ହେବ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ । ଏଥିପାଇଁ ଜାରି ହୋଇଛି ବିଜ୍ଞପ୍ତି । ନୋଟିଫିକେସନ ଅନୁଯାୟୀ, ଜାନୁଆରୀ ୧୬ରେ ନିର୍ବାଚକ ମଣ୍ଡଳୀ ମତଦାତାଙ୍କ ତାଲିକା ପ୍ରକାଶ କରିବ । ଜାନୁଆରୀ ୧୯ ତାରିଖ ଅପରାହ୍ନ ୨ଟାରୁ ୪ଟା ଯାଏଁ ନାମାଙ୍କନ ଦାଖଲ ହେବ । ଅପରାହ୍ନ ୪ଟାରୁ ୫ଟା ନାମାଙ୍କନ ଯାଞ୍ଚ ହେବ । ୫ଟାରୁ ୬ଟା ମଧ୍ୟରେ ନାମାଙ୍କନ ପ୍ରତ୍ୟାହାର ହେବ । ୨୦ ତାରିଖରେ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ନାଁ ଘୋଷଣା ହେବ । ଏବେ ନୀତିନ ନବୀନ କାର୍ଯ୍ୟକାରୀ ଅଧ୍ୟକ୍ଷ ଅଛନ୍ତି ।

ବର୍ତ୍ତମାନର କାର୍ଯ୍ୟକାରୀ ଅଧ୍ୟକ୍ଷ ନୀତିନ ନବୀନ ରିପିଟ୍ ହୋଇପାରନ୍ତି । ଏକମାତ୍ର ପ୍ରାର୍ଥୀ ଭାବେ ସେ ନାମାଙ୍କନ ଦାଖଲ କରିବେ ବୋଲି ଚର୍ଚ୍ଚା ହେଉଛି । ତେବେ ବିଜେପି କମାଣ କିଏ ସମ୍ଭାଳିବେ ଜାନୁଆରୀ ୨୦ରେ ବିଧିବଦ୍ଧ ଘୋଷଣା ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହ ମନ୍ତ୍ରୀ ଅମିତ ଶାହ, ପାର୍ଟି ଅଧ୍ୟକ୍ଷ ଜେପି ନଡ୍ଡା ନୀତିନଙ୍କ ପ୍ରସ୍ତାବକ ହୋଇପାରନ୍ତି ।

## ନିଶାଙ୍କ ନୃତ୍ୟ ଦେଖିଥିବା ପୁଲିସଙ୍କ ବଦଳି

**ବଲାଙ୍ଗୀର,୧୬।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଯାତ୍ରା ନୃତ୍ୟଶିଳ୍ପୀ ନିଶା ମହାରଣାଙ୍କ ପାଇଁ ବଦଳିଲେ ପୁଲିସ ବାବୁ । ନିଶାଙ୍କ ନୃତ୍ୟ ଦେଖିବା ପଡିଲା ମହଙ୍ଗା । ନିଶା ମହାରଣାଙ୍କ ଅଶ୍ଳୀଳ ନୃତ୍ୟ ଦେଖି ପୁଲିସ ଏଏସଆଇଙ୍କ ବଦଳି । ବଲାଙ୍ଗୀର ଜିଲ୍ଲା ଚନ୍ଦନଭାଟି ଏଏସଆଇ ରଞ୍ଜିତ ପ୍ରଧାନଙ୍କ ବଦଳି ହୋଇଛି । ଘଟଣା ଅନୁସାରେ ଗତ ୧୨ ତାରିଖରେ ବଲାଙ୍ଗୀର ଜିଲ୍ଲା ଚନ୍ଦନଭାଟିରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରିଥିଲେ ନିଶା । ଯାହାକୁ ନେଇ ସଦର ଥାନାରେ ଏକ ମାମଲା ରୁଜୁ ହୋଇଥିଲା । ନିଶାଙ୍କ ଅଶ୍ଳୀଳ ନୃତ୍ୟ ସମୟରେ ସମ୍ପୃକ୍ତ ଏଏସଆଇ ମଞ୍ଚ ତଳେ ବସି ନୃତ୍ୟ ଦେଖୁଥିଲେ । ହସିହସି ମଜା *(ଶେଷ ପୃଷ୍ଠା ଦେଖନ୍ତୁ)*

# ବିଜେଡିରୁ ଆଉ ଦୁଇ ନେତା ନିଲମ୍ବିତ





**ଭୁବନେଶ୍ୱର,୧୬।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଚମ୍ପୁଆ ବିଧାୟକ ସନାତନ ମହାକୁଡ ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ଗତକାଲି ବିଜେଡିରୁ ନିଲମ୍ବନ କରାଯାଇଥିବା ବେଳେ ଆଜି ଆଉ ଦୁଇ ଜଣ ନେତାଙ୍କୁ ନିଲମ୍ବନ କରାଯାଇଛି । ସେମାନେ ହେଉଛନ୍ତି, ଯାଜପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଜେନା ଓ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ । ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ଯୋଗୁ ସେମାନଙ୍କୁ ନିଲମ୍ବନ କରାଯାଇଥିବା କୁହାଯାଇଛି । ତେବେ ସେମାନେ କେଉଁ ପ୍ରକାରର ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିଲେ, ତାହା ଚିଠିରେ ଉଲ୍ଲେଖ କରାଯାଇନାହିଁ ।

ଦୁଇଟି ଭିନ୍ନଭିନ୍ନ ନିର୍ଦ୍ଦେଶନାମାରେ ଏହି ଦୁଇ ନେତାଙ୍କୁ ନିଲମ୍ବନ କରିଛି ବିଜେଡି । ଯାଜପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଜେନାଙ୍କୁ ନିଲମ୍ବନ ନେଇ ବିଜେଡିର ଯେଉଁ ଅଫିସ୍ ଅର୍ଡର ଆସିଛି, ସେଥିରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ସ୍ୱାକ୍ଷର ରହିଛି । ଅନ୍ୟପକ୍ଷରେ ଯାଜପୁର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳଙ୍କୁ ନିଲମ୍ବନ କରାଯାଇଥିବା ନେଇ ଯେଉଁ ଚିଠି ଆସିଛି, ସେଥିରେ ଉପସଭାପତି (ବିଜେଡି ମୁଖ୍ୟାଳୟ) ପ୍ରତାପ ଜେନାଙ୍କ ସ୍ୱାକ୍ଷର ରହିଛି । ଦଳର ସଭାପତିଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ନିଲମ୍ବନ କରାଯାଇଛି ବୋଲି ସେଥିରେ ଲେଖାଯାଇଛି ।

ବରିଷ୍ଠ ବିଜେଡି ନେତ୍ରୀ ତଥା ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ କହିଛନ୍ତି, ବିଜେଡି ଟିକେଟରେ ସେମାନେ (ନଳିନୀପ୍ରଭା *(ଶେଷ ପୃଷ୍ଠା ଦେଖନ୍ତୁ)*

## ନବୀନ ନିଜ ଛାଇକୁ ବି ଭୟ କରୁଛନ୍ତି: ରବି

**ଭୁବନେଶ୍ୱର,୧୬।୧ ଏକ୍ସପ୍ରେସ୍ ନ୍ୟୁଜ୍**

ନବୀନଙ୍କ ସବୁବେଳେ ଛାଇକୁ ଭୟ । ନବୀନ ବିଜୟଙ୍କ ପୁଅକୁ ଡ଼ାକି ଆଣି ପ୍ରାର୍ଥୀ କରିଥିଲେ ବାପାଙ୍କୁ କିଛି ପଚାରିନାହାନ୍ତି । ସେତେବେଳେ ବିଜୟ ଆଉ ନଳିନୀଙ୍କୁ ବାହାର କରି କହିଥିଲେ ଦୁର୍ନୀତି ଗସ୍ତ ଆଉ ଏବେ ବି ସେୟା । ପରୋକ୍ଷରେ ଅତନୁ ସବ୍ୟସାଚୀଙ୍କୁ ଟାର୍ଗେଟ କଲେ ବରିଷ୍ଠ ବିଜେପି ନେତା ରବି ପାଣି । ଯେଉଁମାନେ କାଲି ବିଶ୍ୱାସଘାତକ ଓ ଦୁର୍ନୀତିଗସ୍ତ କହୁଥିଲେ ସେମାନେ ମେ ୨୯ରେ କ'ଣ କରିଥିଲେ ? ନବୀନଙ୍କ ପାଖରେ ଘେରିକି ଅଛନ୍ତି ବିଶ୍ୱାସଘାତକ । ନବୀନ କ'ଣ କୋଳି ଖାଇ ମଞ୍ଜି ପୋତିଛନ୍ତି କି ସବୁବେଳେ ରହିବେ । ଆମେ ୫୦ରୁ ୬୦ ସବୁବେଳେ ବସୁଛୁ, ଓଡିଶା ବୁଲୁଛୁ, ନୂଆ ସମୀକରଣ କଥା ଚିନ୍ତା କରାଯାଉଛି । ବିଜୁବାବୁ ଟିକେ ଭୁଲ ପାଇଁ ୪୫କୁ ଖସି ଆସିଥିଲେ ଆଉ ନବୀନ ଏବେ ଜିରୋ । କହୁଥିଲେ ହାତ ହଲେଇଲେ ଭୋଟ, ନୂଆପଡାରେ କ'ଣ ହେଲା । ଦୁଇ ବିଧାୟକଙ୍କ ଉପରେ ଆକ୍ସନ ବୁମେରାଂ ହୋଇପାରେ ।

# ଖାଦାନରେ ପଥର ପଡ଼ି ୨ ଶ୍ରମିକ ମୃତ

**ମାଲକାନଗିରି,୧୬।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବେଆଇନ ଖାଦାନରୁ ମୋରମ ଖୋଳିବା ବେଳେ ପଥର ଅତଡା ଖସି ୨ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମାଲକାନଗିରି ସହର ପ୍ରବେଶ ଦ୍ୱାର ତାରିଣୀ ମନ୍ଦିର ପାର୍ଶ୍ୱରେ ଥିବା ପଥର କୁଆଁରୀ ପାହାଡ଼ରେ ଖାଦାନ ଚାଲିଥିବା ବେଳେ ଏଭଳି ଘଟଣା ଘଟିଛି । ଘଟଣାସ୍ଥଳରେ ପୁଲିସ ପହଁଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି । ଏନେଇ ମାଲକାନଗିରି ଆଦର୍ଶ ଥାନା ଆଇଆଇସି ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି ।

ସୂଚନାନୁଯାୟୀ, ଶୁକ୍ରବାର ସକାଳେ ମାଲକାନଗିରି ସହର ପ୍ରବେଶ ଦ୍ୱାର ତାରିଣୀ ମନ୍ଦିର ପାର୍ଶ୍ୱରେ ଥିବା ପଥର କୁଆଁରୀ ପାହାଡ଼ରୁ ବେଆଇନ ଭାବେ ମୋରମ ମାଟି



ଖୋଳା ଚାଲିଥିଲା । ଏହି ସମୟରେ ହଠାତ୍ ପଥର ଅତଡା ଖସି ମାଲକାନଗିରି ସତ୍ୟମଗୁଡା ଗ୍ରାମର ଟୁନା ଗାଦବା (୨୧ ବର୍ଷ)ଙ୍କ ମୃତ୍ୟୁ ହୋଇଥିଲା । ଅନ୍ୟ ଜଣେ ଶ୍ରମିକ ଚମ୍ପାଖାରି ଗ୍ରାମର ମିଟୁ ମାଡି (୩୧ ବର୍ଷ) ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ମାଲକାନଗିରି ଜିଲ୍ଲା ହସ୍ପିଟାଲକୁ ନେଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମିଟୁ ମାଡିଙ୍କର ମୃତ୍ୟୁ ଘଟିଛି ।

ଏହି ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଟ୍ରାକ୍ଟର ଡ୍ରାଇଭର ସମେତ ଅନ୍ୟ ଶ୍ରମିକମାନେ ଚମ୍ପଟ ମାରିଥିଲେ । ଖବର ପାଇ ଜିଲ୍ଲା କଂଗ୍ରେସ ସଭାପତି ଜି. ଶ୍ରୀନିବାସ ରାଓ ଓ ସତ୍ୟମଗୁଡା ଗ୍ରାମବାସୀ ଘଟଣାସ୍ଥଳରେ ପହଁଚି ଉକ୍ତ ଶ୍ରମିକଙ୍କୁ ପଥର କାଢି ଉଦ୍ଧାର କରିବା ସହ ଦୁର୍ଘଟଣା ବାବଦରେ ମାଲକାନଗିରି ଥାନାକୁ ଖବର ଦେଇଥିଲେ । ମୃତ ଦୁଇ ଶ୍ରମିକ ଘରର ଏକମାତ୍ର ରୋଜଗାରିଆ ପୁଅ ଥିଲେ । ସେମାନେ ଶ୍ରମିକ ଶ୍ରେଣୀର ହୋଇଥିବା ବେଳେ ମୂଲ ମଜୁରୀ କରି ଗୁଜୁରାଣ ମେଣ୍ଟାଉ ଥିଲେ । ସେମାନଙ୍କ ମୃତ୍ୟୁରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି । ମୃତକଙ୍କ ପରିବାରକୁ ଆର୍ଥିକ ସାହାଯ୍ୟ ଦେବାକୁ ସ୍ଥାନୀୟ ବାସିନ୍ଦା ପ୍ରଶାସନ ନିକଟରେ ଦାବି କରିଛନ୍ତି ।

## ବନ୍ଧୁକ ବିକ୍ରି ପୂର୍ବରୁ ବେପାରୀ ଗିରଫ

**ଭୁବନେଶ୍ୱର,୧୬।୧: ଏକ୍ସପ୍ରେସ୍ ନ୍ୟୁଜ୍**



ବିହାରର ବନ୍ଧୁକ, ଭୁବନେଶ୍ୱରରେ ବିକ୍ରି । ବିହାରରୁ ଓଡ଼ିଶା ଚାଲିଥିଲା ହତିଆର ବିକ୍ରି ନେଟୱର୍କ । ରାଜ୍ୟ ବାହାରୁ ଆଣି ରାଜଧାନୀରେ ବିକ୍ରି କରୁଥିଲେ ମାରଣାସ୍ତ୍ର ମାଫିଆ । ମାତ୍ର ଡିଲ୍ ବେଳେ ମାଡ଼ି ବସିଲା କମିଶନରେଟ୍ ପୁଲିସର ସ୍ପେଶାଲ ୟୁନିଟ୍ । ଚଡ଼ାଉ ସମୟରେ ଜଣେ ବେପାରି ଗିରଫ ହୋଇଥିବା ବେଳେ ତା'ଠାରୁ ୬ଟି ବନ୍ଧୁକ ଜବତ ହୋଇଛି ।

ପୁଲିସ କମିଶନରଙ୍କ ସୂଚନା ମୁତାବକ, ରାଜଧାନୀରେ ବନ୍ଧୁକ କାରବାର ନେଇ ପୂର୍ବରୁ ସୁରକ ଥିଲା । କିଛି ବେପାରୀ ଏବଂ ଗ୍ରାହକ ସ୍କାନରରେ ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ବେପାରି ବିହାରରୁ ବନ୍ଧୁକ ଆଣି ଭୁବନେଶ୍ୱରରେ ବିକ୍ରି କରିବା ନେଇ ଯୋଜନା ଚଳାଇଥିଲା । ଏନେଇ ଖବର ପାଇ କମିଶନରେଟ୍ ପୁଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ ଚଢ଼ାଉ କରି ବେପାରୀକୁ ଧରିବାରେ ସଫଳ ହୋଇଥିଲା । ତେବେ ଗିରଫ ଅଭିଯୁକ୍ତ *(ଶେଷ ପୃଷ୍ଠା ଦେଖନ୍ତୁ)*

## ୩ ଆସାମୀଙ୍କୁ କୋର୍ଟ ଚାଲାଣ

**ରାଜନଗର,୧୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ହଂସୁଆ ସେତୁ ନିକଟ ଡିଆପାରୀ ଗ୍ରାମର ଧିରେନ୍ଦ୍ର ସେଠୀଙ୍କ ନାମରେ ଦୀର୍ଘଦିନ ହେବ ୱାରେଣ୍ଟ ଜାରୀ ହୋଇଥିଲା । ତାଙ୍କୁ ରାଜନଗର ପୋଲିସ ଧରି କୋର୍ଟ ଚାଲାଣ କରିଛି । ଏହାବ୍ୟତୀତ ତାଙ୍କ ସାନଭାଇ ବିରେନ୍ଦ୍ର ସେଠୀ ୨୦୨୫ ମସିହାରେ ଧିରେନ୍ଦ୍ରଙ୍କ ସ୍ତ୍ରୀଙ୍କୁ ମାଡ ମାରି ଆଖି ଫୁଟାଇ ଦେଇଥିଲା । ସେହି ମାମଲାରେ ବିରେନ୍ଦ୍ରଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଏହି ବ୍ଲକ ଘଡିଆମାଳ ପଚାଂୟତ ପଟୁଂପଲୀ ଗ୍ରାମର ବିଜୟ ନାୟକଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ୨୦୨୧ରେ ବିଜୟ ଜଣେ ନାବାଳିକାକୁ ଅପହରଣ କରିବା ସହ ବଳାତ୍କାର କରିଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଥିଲା । ବିଜୟଙ୍କୁ କେନ୍ଦ୍ରାପଡା ପୋକ୍ସୋ କୋର୍ଟରେ ହାଜର କରାଯାଇଥିଲା । ଜାମିନୀ ନାମଂଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସେହିପରି ଧିରେନ୍ଦ୍ର ଓ ବିରେନ୍ଦ୍ରଙ୍କୁ ରାଜନଗର ଜେଏମଏଫସିଙ୍କ କୋର୍ଟରେ ହାଜର କରାଯାଇଥିଲା । ସେମାନଙ୍କ ଜାମିନୀ ନାମଂଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

# ଜିଲ୍ଲା ମହୋତ୍ସବରେ ଭିଆଇପି ସଂସ୍କୃତି

**କେନ୍ଦ୍ରାପଡ଼ା,୧୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଦେଶର ପ୍ରଧାନମନ୍ତ୍ରୀଙ୍କଠାରୁ ମୁଖ୍ୟମନ୍ତ୍ରୀଙ୍କ ଯାଏ ଭିଆଇପି ଓ ଭିଭିଆଇପି ସଂସ୍କୃତି ବିରୋଧ କରିଆସିଛନ୍ତି । ହେଲେ କେନ୍ଦ୍ରାପଡ଼ା ଜିଲ୍ଲାରେ ଥିବା ପ୍ରଶାସନିକ ଅଧିକାରୀଙ୍କର ନିଜକୁ ଭିଆଇ ତଥା ଭିଭିଆଇପି ଦେଖାଇବା ମୋହ ପ୍ରବଳ । ଓଏଏସ କି ଓଆରଏସ ଲାଗିଗଲେ ଗାଡ଼ିରେ ତ ନାଲିବତି ଲାଗିବା ଥୟ । ତେବେ ଜିଲ୍ଲାବାସୀ ସାଧାରଣ ଜନତାଙ୍କୁ ନ୍ୟୁନ୍ କରି ନିଜକୁ ଭିଆଇପି ବୋଲି ଦେଖାଇବାକୁ ଲୋକଙ୍କ ଟିକସ ଟଙ୍କାରେ ଅନୁଷ୍ଠିତ ଜିଲ୍ଲା ମହୋତ୍ସବରେ ଯେପରି ଯୋଜନାବଦ୍ଧ ପ୍ରଚେଷ୍ଟା କରାଯାଇଛି ସେଥିନେଇ ସଚେତନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

ଏଥିନେଇ ହୋଇଥିବା ଅଭିଯୋଗରୁ ପ୍ରକାଶଯେ, ଆଜିକାଲି ଯେକୌଣସି

### ସଚେତନ ମହଲରେ ତୀବ୍ର ପ୍ରତିକ୍ରିୟା

ସଭାସମିତି ହେଉ କି ରାଜନୈତିକ ସମାବେଶ ହେଉ ଏପରିକି ପାଲା ଦାସକାଠିଆ ହେଉ କେହି ତଳେ ବସିବା କି ଛିଡ଼ା ହୋଇ ରହିବାର ବ୍ୟବସ୍ଥା ନାହିଁ । ଗତ ୨୦୦୩ ମସିହାରେ ତମାମ ଜିଲ୍ଲାବାସୀଙ୍କୁ ସାମିଲ କରି ପ୍ରଥମ କରି କରାଯାଇଥିବା ଜିଲ୍ଲା ମହୋତ୍ସବରେ ଅନ୍ୟୁନ୍ ୭ହଜାର ଲୋକ ବସିବା ପାଇଁ ଚେୟାରର ବ୍ୟବସ୍ଥା କରାଯାଇଥିଲା । ଅତିଥି ମାନଙ୍କ ପାଇଁ ଅବଶ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ଥିଲା । ତା'ପର ଠାରୁ ଯଦିଓ ଜିଲ୍ଲା ମହୋତ୍ସବ ହୋଇନାହିଁ ତଥାପି ଗତ କିଛି ବର୍ଷ ହେଲା ଅନୁଷ୍ଠିତ ପଲ୍ଲୀଶ୍ରୀ ମେଳା ସହିତ ଜିଲ୍ଲା ମହୋତ୍ସବ ନାଁ କୁ ଯୋଡ଼ି ଦିଆଯାଇଆସୁଥିଲା । ହେଲେ ସ୍ୱତନ୍ତ୍ର ଭିଆଇପି ତଥା ଭିଭିଆଇପି ଆସନ ସହିତ ପାଶ୍ ବ୍ୟବସ୍ଥା କେବେ ଦେଖିବାକୁ ମିଳୁନଥିଲା । କେବଳ ଆଗରେ କିଛି ସୋଫା ଅତିଥିମାନଙ୍କ ପାଇଁ ପକାଯାଉଥିଲା ଏବଂ ବିଶେଷ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉନଥିବାରୁ ଯେଉଁ ଛୋଟମୋଟ କାର୍ଯ୍ୟକ୍ରମ ହେଉଥିଲା, ତାକୁ ଜିଲ୍ଲାବାସୀ ସାଧାରଣ ଲୋକ ଉପଭୋଗ କରିବା ପାଇଁ ଅନ୍ୟୁନ ହଜାର ଚେୟାର ପକାଯାଉଥିଲା । ବେସରକାରୀ ଉଦ୍ୟମରେ ଅନୁଷ୍ଠିତ ଡ଼େରାବିଶ ମହୋତ୍ସବରେ ପ୍ରାୟ ୫ହଜାର ପାଖାପାଖି ଚେୟାର ସାଧାରଣ ଲୋକଙ୍କ ପାଇଁ ପକାଯାଉଛି । ଚଳିତ ବର୍ଷ ରାଜ୍ୟ ସ୍ତରୀୟ ପଲ୍ଲୀଶ୍ରୀ ମେଳା ସହିତ ଯୋଡ଼ି ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଉଥିବା ଜିଲ୍ଲା ମହୋତ୍ସବରେ ଅବଶ୍ୟ ଲୋକଙ୍କ ଟିକସ ଟଙ୍କାରେ ବ୍ୟୟବହୁଳ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି । ଯାହାକୁ ଦେଖିବାକୁ ସଂଧ୍ୟାରେ ଭିଡ଼ ଲାଗୁଛି । ହେଲେ ଲୋକଙ୍କୁ ବସିବା ପାଇଁ ଚେୟାର *(ଶେଷ ପୃଷ୍ଠା ଦେଖନ୍ତୁ)*

## ଅବସର ପରେ କ୍ୱାଟର ମାଡି ବସିଛନ୍ତି ଅଧିକାରୀ

**କେନ୍ଦ୍ରାପଡ଼ା,୧୫।୧: ଏକ୍ସପ୍ରେସ୍ ନ୍ୟୁଜ୍**

ତମାମ ଚାକିରି ଜୀବନର ୩୦ ବର୍ଷ କନିକା ତହସିଲ, ରାଜକନିକା ବ୍ଲକ ଆଇସିଡିଏସ ବିଭାଗରେ ଅଦଳବଦଳ ହୋଇ ଚାକିରୀ କରିବା ପରେ ପୁଣି ଦୁଇ ଦୁଇଥର ଓଏସଡ଼ି ପଦରେ ୪ ବର୍ଷ ବି ପୁରା କଲେ । ଏବେ ତିନି ମାସ ହେବ ସେତକ ସରିଗଲା ପରେ ବି ପୂର୍ବତନ କିରାଣୀ ଥିବା ଅବକାଶ ସ୍ୱାଇଁ କନିକା ତହସିଲ ଷ୍ଟାଫ କ୍ୱାଟର ମାଡି ବସି ରହିଛନ୍ତି । କେବେ ଜିଲ୍ଲା ଦପ୍ତର ସହ ଭଲ ସମ୍ପର୍କ ତ ପୁଣି କେବେ ତୃତୀୟ ମହଲା ସହ ଭିତିରି ସମ୍ପର୍କ ହେଉ ବା ଆଳି ନେତାଙ୍କ ପିସି ଆଦାୟ ପାଇଁ ଏଜେଣ୍ଟ ଭାବରେ ହେଉ ନିଜ ଚାକିରୀ ଜୀବନର ୪୦ ବର୍ଷ କନିକାରେ କାଟିବା ପରେ ଏବେ ଚାକିରୀ ଗଲେ ବି ସେହି ସରକାରୀ କ୍ୱାଟରରେ ମାଡିବସି ରହିବା ଉଭୟ ବ୍ଲକ ଓ ତହସିଲ ପାଇଁ ବରଦାନ ସାବ୍ୟସ୍ତ ହୋଇଛି । ତମାମ ଚାକିରୀ ଜୀବନରେ ବହୁ ଅନିୟମିତତା କରି ବିଧାୟକମାନଙ୍କ ପାଖ ଲୋକ ହୋଇ ସବୁଠୁ ପୁରୁଣା ଏବଂ ବିଶ୍ୱାସୀ ବ୍ୟକ୍ତି ଭାବରେ ନିଜର ଗୋଲାମୀ ମାନସିକତା ପାଇଁ ନିଜକୁ ସୁରକ୍ଷିତ ରଖିଥିବା ଏହି କରିତକର୍ମା ପୂର୍ବତନ କର୍ମଚାରୀ ଦୁଇ ମାସ ହେବ କୁଆଡେ ଗାଏବ ପରେ ପନ୍ଦର ଦିନ ହେବ ଆସି ପୁଣି ସେହି ସରକାରୀ କ୍ୱାଟରରେ ରହିବା ଆମ ପ୍ରଶାସନର ଅସଲ ରୂପକୁ ପଦାରେ ପକାଇଛି । ଏବର କର୍ମଚାରୀମାନେ ସରକାରୀ କ୍ୱାଟର ପାଇଁ ଖୋସାମତ କରି ପାଉନଥିବା ବେଳେ ଜଣେ ଅବସର କର୍ମଚାରୀ ବର୍ଷ ବର୍ଷ ଧରି କ୍ୱାଟର ମାଡି ବସିବା କଥା କେମିତି ତହସିଲ ପ୍ରଶାସନ କିମ୍ବା ଜିଲ୍ଲାପାଳଙ୍କ ଦୃଷ୍ଟିକୁ ଆସୁନାହିଁ ତାହା ପ୍ରଶ୍ନବାଚୀ ଆଣିଛି । ଏ ସମ୍ପର୍କରେ କନିକା ତହସିଲଦାରଙ୍କୁ ପଚାରିଲେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୭ ଜାନୁଆରୀ ୨୦୨୬ । ଶନିବାର




# ସମ୍ବଲପୁରରେ ଜବରଦଖଲ ଉଚ୍ଛେଦ

**ସମ୍ବଲପୁର: ଏକ୍ସପ୍ରେସ ନ୍ୟୁଜ୍**

ସମ୍ବଲପୁର ମହାନଗର ନିଗମ ପକ୍ଷରୁ ନିଗମ ଅଞ୍ଚଳରେ ଜବରଦଖଲ ହୋଇ ରହିଥିବା ବିଭିନ୍ନ ସ୍ଥାନ ଗୁଡ଼ିକରେ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି । ବିଗତ କିଛି ଦିନ ହେବ ଏହି ପ୍ରକ୍ରିୟା ସ୍ଥଗିତ ଥିବା ବେଳେ ନୁତନ ବର୍ଷରୁ ଏହା ପୁନଃ ଆରମ୍ଭ କରାଯାଇଛି । ସମ୍ବଲପୁରର ରେମେଡ ଛକରୁ ନେଇ ଅଇଁଠାପାଲି ଛକ ପର୍ଯ୍ୟନ୍ତ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଅନେକ ସରକାରୀ ଜମି ଜବରଦଖଲକାରୀଙ୍କ କବଜାରେ ରହିଥିବାରୁ ସେ ଗୁଡିକୁ ଉଚ୍ଛେଦ କରାଯାଇ ରାସ୍ତା ପ୍ରଶସ୍ତିକରଣ ସହିତ ଅନ୍ୟାନ୍ୟ ଜନହିତକର କାର୍ଯ୍ୟରେ ଲଗାଇବାର ଯୋଜନା ପ୍ରଶାସନ ରଖିଛି । ଏହି କ୍ରମରେ ଗୁରୁବାର ରେମେଡ ଛକର ଉଭୟ ପାର୍ଶ୍ୱରେ ଥିବା ୬୦ରୁ ଉର୍ଦ୍ଧ୍ୱ ଅସ୍ଥାୟୀ ଦୋକାନ, ସରକାରୀ ଜମିରେ କରିଥିବା ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକର ପାର୍କିଂ ସ୍ଥାନ, ଟିପିଡବ୍ଲ୍ୟୁଓଡିଏଲର ବିଦ୍ୟୁତ ଖୁଣ୍ଟ ଆଦିକୁ ଜବରଦଖଲ ଉଚ୍ଛେଦ କରାଯାଇଛି । ଏ ସମ୍ପର୍କରେ ନିଗମର କାର୍ଯ୍ୟକାରୀ ଅଧିକାରୀ ତଥା ଡେପୁଟି କମିଶନର ସୁଶାନ୍ତ ସାହୁ କହିଛନ୍ତି ଯେ, ବିଗତ ଦିନରେ ସରକାରୀ ଜମି ଗୁଡ଼ିକୁ ଚିହ୍ନଟ କରି ସେମାନଙ୍କୁ ସରକାରୀ ଜମିରୁ ଜବରଦଖଲ ଛାଡିବାକୁ ଅଞ୍ଚଳରେ ଡାକବାଜି ଯନ୍ତ୍ର ଜରିଆରେ ସୂଚନା ଦିଆଯାଇଥିଲା ।

ଏହା ସତ୍ତ୍ୱେ ଜବରଦଖଲକାରୀମାନେ ସରକାରୀ ଜମି ଖାଲି ନ କରିବାରୁ ନିଗମର କାର୍ଯ୍ୟକାରୀ ସ୍କ୍ୱାର୍ଡ, ପୋଲିସ, ତହସିଲଦାର, ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଓ ଅନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଇଛି ।

## ଅବକାରୀ ବିଭାଗ ପଞ୍ଝାରେ ୨ ନିଶାବେପାରୀ

**ଜଗତସିଂହପୁର: ଏକ୍ସପ୍ରେସ ନ୍ୟୁଜ୍**



ସମଗ୍ର ରାଜ୍ୟରେ ଅବକାରୀ ବିଭାଗର ସ୍ପେଶାଲ ଡ୍ରାଇଭ ଚାଲିଥିବାବେଳେ ମଙ୍ଗଳବାର ଦିନ ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ଚଢ଼ାଉ କରି ଦୁଇ ଜଣ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ବିଭାଗ ।

ଜଗତସିଂହପୁର ଥାନା ଅନ୍ତର୍ଗତ ମାର୍କଣ୍ଡପୁର ଗ୍ରାମରେ ଦୀର୍ଘ ଦିନ ହେବ ବ୍ରାଉନସୁଗାର କାରବାର ଲୁଚାଛପାରେ ଚାଲୁଥିବାର ଏକ ଅଭିଯୋଗକୁ ଭିତ୍ତି କରି ଜଗତସିଂହପୁର ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ଇନ୍ସପେକ୍ଟର ପ୍ରଭାସ ଚୌଧୁରୀଙ୍କ ନେତୃତ୍ୱରେ ଏକ ଟିମ ମାର୍କଣ୍ଡେଶ୍ୱର ମନ୍ଦିର ନିକଟରେ ଜଗି ରହିଥିଲେ । ଅଭିଯୁକ୍ତ ମହିଳା ଜଣଙ୍କ ଗ୍ରାହକଙ୍କୁ ହେରୋଇନ ବିକ୍ରି କରିବା ପାଇଁ ଆସିଥିବା ବେଳେ ପୂର୍ବରୁ ଛକି ରହିଥିବା ଟିମ୍ ତାଙ୍କୁ କାବୁ କରିନେଇଥିଲେ । ଯାଞ୍ଚ ପରେ ତାଙ୍କ ନିକଟରୁ ୮୨ ଗ୍ରାମର ବେଆଇନ ହେରୋଇନ ଏବଂ ଏକ ଆଣ୍ଡ୍ରଏଡ ଫୋନ ଜବତ କରାଯାଇଥିଲା ଯାହାର ଆନୁମାନିକ ମୂଲ୍ୟ ୮,୨୦,୦୦୦ ଟଙ୍କା ହେବ । ଗିରଫ ଅଭିଯୁକ୍ତ ଜଣକ ହେଲେ କଣ୍ଠାବଲ୍ଲଭପୁର ଗ୍ରାମର ରବିନ୍ଦ୍ରନାଥ ଭୋଇଙ୍କ ପତ୍ନୀ ଟୁନି ଭୋଇ(୫୦) ।

ସେହିପରି ଅନ୍ୟ ଏକ ଘଟଣାକ୍ରମ ଜଗତସିଂହପୁର ଅବକାରୀ ରେଞ୍ଜର ଇନ୍ସପେକ୍ଟର ଶ୍ରୀକାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ଅନ୍ୟ ଏକ ଟିମ ବାଲିକୁଦା ଥାନା ଅନ୍ତର୍ଗତ ମାଛଗାଁ ବଜାରରେ ଚଢ଼ାଉ କରି ୧୬ ଗ୍ରାମର ହେରୋଇନ ଜବତ କରିବା ସହ ହେରୋଇନ ବ୍ୟବସାୟରେ ଜଡିତ ଥିବା ସିଙ୍ଗିତାଲିଆ ଗ୍ରାମର ସ୍ୱର୍ଗତ ଗୁରୁଚରଣ ନାୟକଙ୍କ ପୁଅ ସୂର୍ଯ୍ୟକାନ୍ତ ନାୟକ(୨୯)ଙ୍କୁ ଗିରଫ କରିଛି । ଜବତ ହେରୋଇନ ର ଆନୁମାନିକ ମୂଲ୍ୟ ୧,୬୦,୦୦୦ ଟଙ୍କା ହେବ ।

ଆଜିର ଏହି ଚଢ଼ାଉରେ ଜଗତସିଂହପୁର ଅବକାରୀ ରେଞ୍ଜର କନଷ୍ଟେବଳ ଜୟଦେବ ପାତ୍ର, ଶୁଭଶ୍ରୀ ବିଶ୍ୱାଳ, ଦୀନବନ୍ଧୁ ସେଠୀ, ଅନୁରାଗ ସୂର୍ଯ୍ୟବଂଶୀ, ଜିଲ୍ଲା ଭ୍ରାମ୍ୟମାଣ ସଂସ୍ଥାର ଇନ୍ସପେକ୍ଟର ବନ୍ଦନା ପଟ୍ଟନାୟକ, ଏସ୍ଆଇ ସନ୍ତୋଷ ନାୟକ, ଏଏସ୍ଆଇ ପିନାକୀ ରଞ୍ଜନ ରାଉତରାୟ, କନଷ୍ଟେବଳ ସବିତା ନାୟକ, ବିଶ୍ୱରଞ୍ଜନ ସ୍ୱାଇଁ, ସୁକାନ୍ତ ମାଝୀ ପ୍ରମୁଖ ସାମିଲ ଥିଲେ । ପ୍ରକାଶ ଥାଉ କି ଗିରଫ ଅଭିଯୁକ୍ତ ଟୁନି ଭୋଇ ଜଣେ ପେଶାଦାର ହେରୋଇନ ବ୍ୟବସାୟୀ । ତାଙ୍କ ନାମରେ ପୂର୍ବରୁ ଅନେକ ମାମଲା ରହିଛି ।

ଗିରଫ ଦୁଇ ଅଭିଯୁକ୍ତଙ୍କୁ ଦୁଇଟି ଅଲଗା ଅଲଗା ମାମଲାରେ କୋର୍ଟ ଚାଲାଣ କରାଯାଇଥିବାବେଳେ ଅଭିଯୁକ୍ତ ଦ୍ୱୟଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି ।

ନାର୍କୋଟିକ୍ସ ବ୍ୟବସାୟ ବିରୋଧରେ ଚଢ଼ାଉକୁ ଅଧିକ ତୀବ୍ରତର କରାଯିବ ସହ ଶୂନ୍ୟସହନଶୀଳ ନୀତିରେ ସମସ୍ତ ଅଭିଯୁକ୍ତଙ୍କୁ ଦମନ କରିବା ପାଇଁ ଆଗାମୀ ଦିନରେ ଅବକାରୀ ବିଭାଗ ତାର ପ୍ରୟାସ ଜାରି ରଖିବ ବୋଲି ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନ ପ୍ରକାଶ କରିଛନ୍ତି ।

## ଅଟୋ ସହ ଗଞ୍ଜେଇ ଜବତ, ଦୁଇ ଗିରଫ

**ମୁନିଗୁଡା: ଏକ୍ସପ୍ରେସ ନ୍ୟୁଜ୍**



ଦିନ ଥିଲା ରାୟଗଡା ଜିଲ୍ଲାର ମୁନିଗୁଡା ସଦର ମହକୁମାରେ ଗଞ୍ଜେଇ ବେପାରୀ ଓ ଦଲାଲଙ୍କ ସହ କିଛି ସାମ୍ବାଦିକ ସାମିଲ ହେଇ ଚନ୍ଦ୍ରପୁରୁ ବ୍ଲକ ଅଞ୍ଚଳରୁ ଗଞ୍ଜେଇ ଆସି ବାହାର ରାଜ୍ୟକୁ ଚାଲାଣ ହେଉଥିଲା । ସେତେବେଳେ ଚୋରା ଗଞ୍ଜେଇ ବେପାରୀଙ୍କର ଭୂସ୍ୱର୍ଗ ପାଲଟି ଥିଲା ମୁନିଗୁଡା । ଯେତେବେଳେ ଏସଡିପିଓ ଚନ୍ଦ୍ରଶେଖର ହୋତା ଓ ଆଇଆଇସି ସୁଜ୍ଞାନୀ ସାହୁ ଆସିଲେ ସେ ସମୟରେ ଗଞ୍ଜେଇ ଟ୍ରକ, ବାଇକ ଏବଂ କାରମାନଙ୍କରୁ ଗଞ୍ଜେଇ ଧରିବାରେ ଏସଡିପିଓ ଓସ୍ତାଦ ପାଲଟି ରାରଗଡା ଜିଲ୍ଲା ତଥା ଓଡିଶାରେ ସୁନାମ ଅର୍ଜନ କରି ପାରିଥିଲେ । ସେବେଠାରୁ ଗଞ୍ଜେଇ ବେପାରୀ ଜେଲ ଭୋଗ କରୁଥିବା ବେଳେ ମୁନିଗୁଡାରେ ଗଞ୍ଜେଇ ବେପାର ସ୍ୱପ୍ନ ହୋଇ ପଡିଥିଲା । ସୌଦାମିନି ବେହେରା ଆଇଆଇସି ହୋଇ ଆସିବା ପରେ ସେହି ପୁରୁଣା ବେପାରୀଙ୍କ କାରନାମା ଆରମ୍ଭ ହୋଇ ମୁନିଗୁଡା ଗଞ୍ଜେଇ ବେପାରୀଙ୍କ ଭୂସ୍ୱର୍ଗ ପାଲଟି ଗଲା । ଏପରିକି ଲଜିଂ ଠାରୁ ଆରମ୍ଭ କରି ରେଷ୍ଟୁରାଣ୍ଟ ପର୍ଯ୍ୟନ୍ତ ଗଞ୍ଜେଇବସ୍ତା ହାଉଯାଉ ହେଲା, ଆଇଆଇସି ମାଡାମ କେତେକ ସ୍ଥାନରୁ ଗଞ୍ଜେଇ ଧରୁଥିବା ବେଳେ ଆସାମୀଙ୍କୁ ଧରି ନଥାନ୍ତି ବୋଲି ଅଭିଯୋଗ ହେଉଥିଲା, ଯାହାକୁ ନେଇ ସାଧାରଣରେ ବିଭିନ୍ନ ଆଲୋଚନା ଲାଗିରହିଥିଲା । ହେଲେ ଆଇଆଇସି ଶ୍ରୀମତୀ ବେହେରାଙ୍କ ବଦଳୀ ପରେ ନୂତନ ଭାବେ ମୁନିଗଡା ଥାନାରେ ଆଇଆଇସି କେଶବ ଷଡଙ୍ଗୀ ଯୋଗ ଦେବା ତିନିଦିନ ଭିତରେ ବୁଧବାର ନାକାଚେକିଂ ଓ 'ଅପରେସନ ଷ୍ଟ୍ରାଇକ' ଅଭିଯାନରେ ଏନଡିପିଏସ ମାମଲା ଚିହ୍ନଟ କରି ଓଡି ୧୨ଏଫ୍ ୭୩୧୯ ନମ୍ବର ଥାଇ ଏକ ଅଟୋରେ ୨୮କେଜି ୨୦୦ ଗ୍ରାମ ଗଞ୍ଜେଇ ଯାଉଥିଲା । ଗଞ୍ଜେଇ ସହ ଅଟୋକୁ ଜବତ କରାଯିବା ସହିତ ବେପାରୀ ଦ୍ୱୟ କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ଥାନା ଅଧିନସ୍ଥ ମାଳିପଡା ଗ୍ରାମର ଆହିତା ମଣ୍ଡଳ (୨୫ )ପିତା -ଲଚ୍ଚିନ୍ଦ୍ର ମଣ୍ଡଳ, ସଦମ୍ ନାୟକ (୨୭)ପିତା -ନିକଦମ୍ ନାୟକଙ୍କୁ ଗିରଫ କରି ତାଙ୍କଠାରୁ ଦୁଇଟି ମୋବାଇଲ ଫୋନ ଏବଂ ନଗଦ ୧୦ହଜାର ଟଙ୍କା ଜବତ କରାଯାଇଛି । ଅଭିଯୁକ୍ତ ଫୁଲବାଣିରୁ ମୁନିଗୁଡା ଦେଇ କେରଳକୁ ଏହି ଗଞ୍ଜେଇ ଚାଲାଣ କରିବାକୁ ଆଣିଥିଲେ ବୋଲି ସଫେଇ ଦେଇଛନ୍ତି । ମୁନିଗୁଡା ପୋଲିସ ଥାନା କେଶନଂ ୨୦/୨୦୨୬ ପ୍ରକାରେ ଗିରଫ ଆସାମିକୁ କୋର୍ଟ ଚାଲାଣ କରାଯାଇଛି ବୋଲି ଆଇଆଇସି ଶ୍ରୀ ଷଡଙ୍ଗୀ ସୂଚନା ଦେଇଛନ୍ତି । ନୂତନ ଆଇସିଙ୍କର ପ୍ରଥମରୁ ଏପରି ପଦକ୍ଷେପରେ ଗଞ୍ଜେଇ ମାଫିଆଙ୍କର କୋକୁଆ ଭୟ ସୃଷ୍ଟି ହୋଇ ବଜାରରେ ଚୁପୁରୁଚାପୁରୁ ଚାଲିଛି । ଏପରି ପ୍ରଶଂସନୀୟ କାର୍ଯ୍ୟକୁ ଜନସାଧାରଣ ଆଇଆଇସିଙ୍କୁ ବଧାଇ ଜଣାଇବା ସହ ଅସଜଡା ମୁନିଗୁଡାକୁ ଆଇନ ଶୃଙ୍ଖଳାରେ ସଜାଡି ମୁନିଗୁଡା ବାସୀଙ୍କୁ ସୁରକ୍ଷିତ ଚଳପ୍ରଚଳରେ ସହାୟ ହେବେ ବୋଲି ଆଶା କରାଯାଉଛି ।

## ସର୍ଟ ସର୍କିଟରୁ ଜଳିଗଲା ଦୋକାନ

**ମାଲକାନଗିରି: ଏକ୍ସପ୍ରେସ ନ୍ୟୁଜ୍**



ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ପୁରୁଣା ବସଷ୍ଟାଣ୍ଡ ନିକଟରେ ଥିବା ଏକ ଇଲେକ୍ଟ୍ରି ଦୋକାନରେ ବିଦ୍ୟୁତ ସର୍ଟ ସର୍କିଟରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି । ମିଳିଥିବା ସୂଚନା ମୁତାବକ ଏହି ଦୋକାନଟିର ମାଲିକ ହୋଉଛନ୍ତି ବାଲିମେଳା ସହରରେ ରହୁଥିବା ଈଶ୍ୱର ପାତ୍ର । ସେ ପ୍ରତ୍ୟେକ ଦିନ ରାତିରେ ନିଜ ଦୋକାନ ବନ୍ଦ କରି ଘରକୁ ଯିବା ସମୟରେ ଠାକୁରଙ୍କ ନିକଟରେ ଦୀପଟିଏ ଲଗାଇ ଘରକୁ ଯାଇଥାନ୍ତି । ସବୁ ଦିନ ପରି ସେ ବୁଧବାର ରାତିରେ ମଧ ଦୋକାନ ବନ୍ଦ କରିବା ସମୟରରେ ଠାକୁରଙ୍କ ନିକଟରେ ଦୀପଟିଏ ଲଗାଇ ଘରକୁ ଫେରିଯାଥିଲେ । ଗୁରୁବାର ସକାଳୁ ପଡ଼ୋଶୀ ଦୋକାନଟି ଜଳଖିଆ ଦୋକାନ ହୋଇଥିବାରୁ ଭୋର ସମୟରେ ଉକ୍ତ ଦୋକାନ ଖୋଲିବା ପାଇଁ କର୍ମଚାରୀମାନେ ଆସିଥିଲେ । ଉକ୍ତ ହୋଟେଲ ପାର୍ଶ୍ୱରେ ଥିବା ଈଶ୍ୱରଙ୍କ ଦୋକାନରୁ ପ୍ରବଳ ଧୂଆଁ ବାହାରୁ ଥିବାରୁ ଦେଖିବା ସଙ୍ଗେ ସଙ୍ଗେ ସେମାନେ ପ୍ରଥମେ ନିଜ ହୋଟେଲ ମାଲିକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ । ତେବେ ହୋଟେଲ ମାଲିକ ତୁରନ୍ତ ଘଟଣା ସମ୍ପର୍କରେ ଇଲେକଟ୍ରିକ ଦୋକାନ ମାଲିକ ଈଶ୍ୱରଙ୍କୁ ଜଣାଇଥିଲେ । ଖବର ପାଇ ଈଶ୍ୱର ସଙ୍ଗେ ସଙ୍ଗେ ନିଜ ଦୋକାନକୁ ଆସି ସଟର ଖୋଲି ଦେଖିଲା ବେଳକୁ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ୍ଣ ଭାବେ ପୋଡିଯାଇଥିଲା । ସ୍ଥାନୀୟ ଲୋକମାନଙ୍କ ସହାୟତାରେ ଦୋକାନରେ ହୁତୁ ହୁତୁ ହୋଇ ଜଳୁଥିବା ନିଆଁକୁ ଆୟତ କରାଯାଇଥିଲା । ଏହି ଅଗ୍ନିକାଣ୍ଡରେ ଉକ୍ତ ଦୋକାନରେ ଥିବା ପ୍ରାୟ ୫ଲକ୍ଷ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ସମେତ ବହୁ ଆସବାବ ପାତ୍ର ପୋଡି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ।

## ବେଲୁନ୍ ଫୁଙ୍କି ଚାଲିଗଲା ଶିଶୁର ଜୀବନ

**ବେଗୁନିଆ: ଏକ୍ସପ୍ରେସ ନ୍ୟୁଜ୍**

ପିଲାଙ୍କ ଜୀବନ ନେଉଛି ପ୍ୟାକେଟ୍ ଖାଦ୍ୟ, ଚିପ୍ସ ଖାଇସାରିବା ପରେ ବେଲୁନ ଫୁଙ୍କିବା ସମୟରେ ଫାଟିଯିବାରୁ ଚାଲିଗଲା ଶିଶୁର ଜୀବନ । ବେଗୁନିଆ ଜଙ୍କିଆ ଥାନା ସିକୋଫାଣ୍ଡି ଅନ୍ତର୍ଗତ ନିଧିପୁର ଗ୍ରାମରୁ ସାମ୍ନାକୁ ଆସିଛି ଏଭଳି ଅଭାବନୀୟ ଘଟଣା । ବଜାରରେ ବିକ୍ରି ହେଉଥିବା କୁରୁକୁରେ ଖାଇବା ପରେ ସେଥିରେ ଥିବା ବେଲୁନ୍ ଫୁଙ୍କୁଥିଲା ଅଭୟ ପାଇକରାୟଙ୍କ ଛୋଟ ପୁଅ ତାପସ ପାଇକରାୟ ।

ବେଲୁନ୍‌ଟି ହଠାତ୍ ଫାଟିଯାଇ ପିଲାଟିର ପାଟି ଭିତରେ ପଶି ଯାଇ ଥିଲା । ପରିବାର ଲୋକ ଚିକିତ୍ସା ନିମନ୍ତେ ବୋତଳମା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ତାପସକୁ ଭର୍ତ୍ତି କରିଥିଲେ । ବହୁତ ଚେଷ୍ଟା କରିଥିଲେ ମଧ ତା ତଣ୍ଟିରୁ ବେଲୁନକୁ ବାହାର କରିପାରିନଥିଲେ ଡାକ୍ତର । ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଗୁରୁତର ଭାବେ ସ୍ଥାନାନ୍ତରିତ କରାଯାଇଥିଲା । ଡାକ୍ତର ସେଠାରେ ଶିଶୁଟିକୁ ମୃତ ଘୋଷଣା କରିଛନ୍ତି । ଏଭଳି ବେନାମୀ କୁରୁକୁରି କମ୍ପାନୀକୁ ବଜାରକୁ ବନ୍ଦ ଓ କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଗ୍ରାମବାସୀ ।

## 'ଧାନର ଅଭାବି ବିକ୍ରି ପରିସ୍ଥିତି ହେଲେ ସରକାର ଦାୟୀ ରହିବ'

**ବଲାଙ୍ଗିର: ଏକ୍ସପ୍ରେସ ନ୍ୟୁଜ୍**



ବିଜେଡି ସରକାର ଦୀର୍ଘ ୨୪ ବର୍ଷ ଧରି ଋଷୀଙ୍କୁ ପ୍ରତାରଣା କରିଛି । ଗତ ନିର୍ବାଚନରେ ଋଷୀଙ୍କ ଭୋଟରେ ଜିତିଥିବା ବିଜେପି ସରକାରର ବୋନସ ଘୋଷଣା ଋଷୀଙ୍କ ମନରେ କିଛିଟା ଆନନ୍ଦ ଦେଇଥିଲା କିନ୍ତୁ ସମୟକ୍ରମେ ଦେଖିବାକୁ ମିଳୁଛି ଏହି ସରକାର ପ୍ରତିଶୃତିରୁ ଓହରି ଯିବାରେ ବୋଧହୁଏ ରେକର୍ଡ କରିବ । ଏ ବର୍ଷ ଧାନର ଏମ୍ଏସ୍ପିରେ କେନ୍ଦ୍ର ସରକାର କିଛି ଟଙ୍କା ବଢେଇବା ସତ୍ତ୍ୱେ ମଧ ରାଜ୍ୟ ସରକାର ଋଷୀଙ୍କୁ ସେହି ବର୍ଦ୍ଧିତ ମୂଲ୍ୟରୁ ବଂଚିତ କରୁଛି । ପୁଣି ବର୍ତ୍ତମାନ କହୁଛି ୧୫୦ କ୍ୱିଣ୍ଟାଲ ଉପରେ ଅମଳ କରୁଥିବା ଋଷୀକୁ ୧୫୦ କ୍ୱିଣ୍ଟାଲରୁ ଅଧିକ ଧାନ ଉପରେ କୌଣସି ପ୍ରକାର ବୋନସ ଦିଆଯିବ ନାହିଁ । ତା'ଉପରେ ପୁଣି କଟନି ଛଟନିର ମାଡ । ପ୍ରଥମେ କଟନି ଛଟନି ହେବ ନାହିଁ କହୁଥିବା ସରକାର ଏବେ ତାର କଥାରୁ ପୁଣି ଓହରୁଛି । ଏଣୁ ରାଜ୍ୟର ଋଷୀ ଏହି ସରକାରର ପ୍ରତିଶ୍ରୁତି ଋଷୀମାନଙ୍କ ପ୍ରତି ଏକ ବଡ ପ୍ରତାରଣା ବୋଲି ବଲାଙ୍ଗିର ବ୍ଲକ ଅନ୍ତର୍ଗତ ଖଲିଆପାଲି ପଞ୍ଚାୟତର କିରାବାହାଲ ଠାରେ ଋଷୀ ଓ ସାଧାରଣ ଲୋକଙ୍କ ସମସ୍ୟା ଉପରେ ଆଲୋଚନା ବେଳେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର କ୍ଷୋଭର ସହ କହିଛନ୍ତି । ଶ୍ରୀ ମିଶ୍ର ଆହୁରି ମଧ କହିଛନ୍ତି ଯେ ଏ ବର୍ଷ ଧାନର ଅଭାବି ବିକ୍ରି ପାଇଁ ଖୋଦ ସରକାର କ୍ଷେତ୍ର ପ୍ରସ୍ତୁତ କରୁଛି କାରଣ ମିଲର୍ସ ଧାନମଣ୍ଡିରେ ଉପସ୍ଥିତ ରହି କଟନି ଛଟନି ପାଇଁ ଋଷୀ ଉପରେ ଋପ ପକାଇବା ସହ ଧାନ ଉଠାଉନାହିଁ । ଏ ସବୁରେ ସରକାର ଓ ଅଧିକାରୀଙ୍କ ପ୍ରଚ୍ଛନ୍ନ ହାତ ରହୁଛି ତେଣୁ ବର୍ତ୍ତମାନ ସମସ୍ୟା ଦେଖାଦେଉଛି ଯେ ଉନ୍ନତମାନର ଧାନ ଋଷ କରୁଥିବା ଆମ ଋଷୀ ବର୍ତ୍ତମାନ ବାଧ ହୋଇ ବହୁତ କମ୍ ରେଟରେ ତାର ଧାନ ବିକି ପାରେ । ସକମା ଧାନ ମଣ୍ଡିରେ ଅନେକ ଋଷୀଙ୍କ ଧାନ ଆଜି ପର୍ଯ୍ୟନ୍ତ ପଡି ରହୁଥିବାରୁ ଋଷୀଙ୍କ ମନରେ ଅସାନ୍ତି ଭରି ରହୁଛି । ଏ ସବୁର ସମାଧାନ ପାଇଁ ଶ୍ରୀ ମିଶ୍ର ହସ୍ତକ୍ଷେପ କରନ୍ତୁ ବୋଲି ସ୍ଥାନୀୟ ଲୋକେ ଅନୁରୋଧ କରିଥିଲେ । ଆଲୋଚନା ବେଳେ ଖଡାମଖନା କିରାବାହାଲ ଯୁଧିଷ୍ଠିର ସେତୁ ଉପରେ ମଦ୍ୟପମାନଙ୍କ ପ୍ରଦୁର୍ଭାବ ବଢୁଥିବା ଲୋକେ ଅଭିଯୋଗ କରିଥିଲେ । ତେଣୁ ଏ ଅଞ୍ଚଳକୁ ପୋଲିସ ପେଟ୍ରୋଲିଂର ବ୍ୟବସ୍ଥା କରିବାକୁ ଶ୍ରୀ ମିଶ୍ରଙ୍କୁ ଲୋକେ ଅନୁରୋଧ କରିଥିଲେ । ଯୁଧିଷ୍ଠିର ସେତୁର ଆଡିବନ୍ଧ ବାରମ୍ବାର ଭାଙ୍ଗୁଥିବାରୁ ସ୍ଥାନୀୟ ଋଷୀଙ୍କ ଫସଲ ହାନି ହେଉଛି । ଏହାକୁ ନେଇ ଶ୍ରୀ ମିଶ୍ର ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ ସହ କଥା ହେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଆଜିର ଏହି ଆଲୋଚନା ବେଳେ ସତ୍ୟନାରାୟଣ ମହାକୁର, ଗଣ୍ଡୁଲା ସେଠ, ସୂର୍ଯ୍ୟମଣି ବରର୍ତ୍ତି, ପରମାନନ୍ଦ ସେଠ, ଦିନବନ୍ଧୁ ମହାକୁର, ଚମ୍ପେ ମହାକୁର, ରୋହିତ ମହାକୁର, ଦୁର୍ଯ୍ୟୋଧନ ବରର୍ତ୍ତି, ଅବଧୁତ ବରର୍ତ୍ତି, ପୁଟୁ ମେର୍ଲି, ଶ୍ରୀବତ୍ସ ସେଠ, ନରସିଂହ ମହାକୁର, କୁଶଧ୍ୱଜ ମାହାରଙ୍କ ସମେତ ଅନେକ ଗ୍ରାମବାସୀ ସାମିଲ ହୋଇଥିଲେ ।

## ବାଣିଜ୍ୟ

# ମିଶିଯିବ ୨ଟି ବଡ଼ ବ୍ୟାଙ୍କ୍ !

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**




ସରକାର ଦୁଇଟି ବଡ଼ ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କକୁ ମିଶ୍ରଣ କରିବାକୁ ପ୍ରସ୍ତୁତ ହେଉଛନ୍ତି । ବ୍ୟାଙ୍କଗୁଡ଼ିକୁ ମଜବୁତ କରିବା ଏବଂ ସେମାନଙ୍କର ଦକ୍ଷତା ବୃଦ୍ଧି କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଉଛି । ସରକାର ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆ ଏବଂ ବ୍ୟାଙ୍କ ଅଫ ଇଣ୍ଡିଆକୁ ମିଶ୍ରଣ କରିବାକୁ ପ୍ରସ୍ତୁତ ହେଉଛନ୍ତି । ଏହି ବିଷୟ ସହିତ ପରିଚିତ ଲୋକମାନେ କହିଛନ୍ତି ଯେ ସରକାର ଏହି ପ୍ରସ୍ତାବ ଉପରେ କାମ କରୁଛନ୍ତି । ଯଦି ଏହି ମିଶ୍ରଣ ହୁଏ, ତେବେ ଏହା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସବିଆଇ) ପରେ ଦେଶର ଦ୍ୱିତୀୟ ବୃହତ ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କ ହୋଇଯିବ ।

ପୂର୍ବରୁ, ଅନେକ ଗଣମାଧ୍ୟମ ରିପୋର୍ଟ ପ୍ରକାଶ କରିଥିଲା ଯେ ଅର୍ଥ ମନ୍ତ୍ରଣାଳୟ ଚେନ୍ନାଇ-ଭିତ୍ତିକ ଦୁଇଟି ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କ - ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଏବଂ ଇଣ୍ଡିଆନ ବ୍ୟାଙ୍କକୁ ମିଶ୍ରଣ କରିବାର ବିକଳ୍ପ ଉପରେ ବିଋର କରୁଛି । ଏହା ସହିତ, ପଞ୍ଜାବ ଏବଂ ସିନ୍ଧ ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ ମହାରାଷ୍ଟ୍ର ପାଇଁ ଯୋଜନା ଋଲିଛି । ଏହି ବ୍ୟାଙ୍କଗୁଡ଼ିକର ଅନ୍ୟ ବଡ଼ ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କ ତୁଳନାରେ କମ ସମ୍ପତ୍ତି ଅଛି, ତେଣୁ ସରକାର ଭବିଷ୍ୟତରେ ସେଗୁଡ଼ିକୁ ଘରୋଇକରଣ ପାଇଁ ବିଋର କରିପାରନ୍ତି ।

୨୦୧୭ରୁ ୨୦୨୦ ମଧ୍ୟରେ, ସରକାର ୧୦ଟି ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କକୁ ଋରିଟି ବଡ଼ ବ୍ୟାଙ୍କରେ ମିଶ୍ରଣ କରିଥିଲେ । ପରବର୍ତ୍ତୀ ସମୟରେ, ୨୦୧୭ରେ ୨୭ଟି ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କ ସଂଖ୍ୟା ହ୍ରାସ ପାଇ ୧୨କୁ ଗଲା ।

ଯଦି ସରକାରଙ୍କ ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆ ଏବଂ ବ୍ୟାଙ୍କ ଅଫ ଇଣ୍ଡିଆର ମିଶ୍ରଣ ଯୋଜନା କାର୍ଯ୍ୟକାରୀ ହୁଏ, ତେବେ ମିଶ୍ରିତ ବ୍ୟାଙ୍କ ପ୍ରାୟ ୨୫.୬୭ ଲକ୍ଷ କୋଟି ସମ୍ପତ୍ତି ସହିତ ଦେଶର ଦ୍ୱିତୀୟ ସର୍ବବୃହତ ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କ ହୋଇଯିବ ।

ଏହା ବ୍ୟାଙ୍କ ଅଫ ବରୋଦାକୁ ପଛରେ ପକାଇବ, ଯାହାର ସମ୍ପତ୍ତି ୧୮.୬୨ ଲକ୍ଷ କୋଟି । ବର୍ତ୍ତମାନ, ଦେଶର ସର୍ବବୃହତ ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କ ହେଉଛି ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସବିଆଇ) ।

ଏହା ବ୍ୟାଙ୍କିଂ କ୍ଷେତ୍ରରେ ପ୍ରତିଯୋଗିତା ବୃଦ୍ଧି କରିବ ଏବଂ ଗ୍ରାହକମାନଙ୍କୁ ଉତ୍ତମ ସେବା ପ୍ରଦାନ କରିବ । ପୂର୍ବରୁ, ୨୦୧୯-୨୦୨୦ରେ ୟୁନିଅନ ବ୍ୟାଙ୍କ ସହିତ ଆନ୍ଧ୍ର ବ୍ୟାଙ୍କ ଏବଂ କର୍ପୋରେସନ ବ୍ୟାଙ୍କର ମିଶ୍ରଣ ଭଳି ପ୍ରମୁଖ ମିଶ୍ରଣ ହୋଇଥିଲା, ଯାହା ବ୍ୟାଙ୍କଗୁଡ଼ିକୁ ମଜବୁତ କରିଥିଲା । ଏହି ନୂତନ ପଦକ୍ଷେପ ସମାନ ଦିଗରେ ।

ଯଦିଓ ଏହା ଏପର୍ଯ୍ୟନ୍ତ ଏକ ଆଲୋଚନା ପର୍ଯ୍ୟାୟ ଏବଂ କୌଣସି ସରକାରୀ ଘୋଷଣା କରାଯାଇ ନାହିଁ, ଯଦି ଏହା ହୁଏ, ତେବେ ଏହା ବ୍ୟାଙ୍କିଂ ଜଗତରେ ନୂତନ ଇତିହାସ ସୃଷ୍ଟି କରିବ । ଛୋଟ ବ୍ୟାଙ୍କଗୁଡ଼ିକୁ ବଡ଼ ବ୍ୟାଙ୍କରେ ମିଶ୍ରଣ କରିବା ଦ୍ୱାରା ଓଭରଲାପିଂ ହ୍ରାସ ହେବ, ଖର୍ଚ୍ଚ ସଞ୍ଚୟ ହେବ ଏବଂ ଲାଭ ବୃଦ୍ଧି ହେବ ।

## ଘରଭଙ୍ଗା ବିରୁଦ୍ଧରେ ବିଜେଡିର ବିଶାଳ ଶୋଭାଯାତ୍ରା

**ଫୁଲବାଣୀ: ଏକ୍ସପ୍ରେସ ନ୍ୟୁଜ୍**




କନ୍ଧମାଳ ଜିଲ୍ଲା ଫୁଲବାଣୀ ମୁନିସିପାଲିଟି ଅଞ୍ଚଳରେ ଘରଭଙ୍ଗାଯିବା ପାଇଁ ସରକାରଙ୍କ ପଦକ୍ଷେପକୁ ବିଜେଡି ତୀବ୍ର ନିନ୍ଦା କରିବା ସହିତ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରା ମାଦିକୁନ୍ଦା ଛକରୁ ବାହାରି ଥିଲା, ବିଜୁ ପଟନାୟକ ଛକରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ମୂର୍ତ୍ତିରେ ମାଲ୍ୟାର୍ପଣ କରି ସିଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଶୋଭାଯାତ୍ରା ଯାଇ ପହଞ୍ଚିଥିଲା । ରାଜ୍ୟ ସରକାରଙ୍କର ଏଭଳି ଜନ ବିରୋଧୀ ନୀତି, କନ୍ଧମାଳ ଜିଲ୍ଲାର ହାଡ଼ ଭଙ୍ଗା ଶୀତ ସମୟରେ ଲୋକଙ୍କୁ ଘର ଭଙ୍ଗାଯିବ ପାଇଁ ନୋଟିସ ଜାରି କରିବା କେତେଦୂର ନ୍ୟାୟ ସଂଗତ ବୋଲି ଜିଲ୍ଲା ସଭାପତି ପଦ୍ମନାଭ ବେହେରା ପ୍ରଶ୍ନ କରିଥିଲେ, ଏହାପରେ ପୂର୍ବତନ ସଭାପତି ସରୋଜ କର୍ଣ୍ଣ ମଧ ସରକାରଙ୍କର ଏଭଳି ପଦକ୍ଷେପକୁ ଦୃଢ଼ ନିନ୍ଦା କରିଥିଲେ, ସାଧାରଣ ସମ୍ପାଦକ ସତ୍ୟନାରାୟଣ ବେହେରା, ସରକାର ଯଦି ଘର ଭଙ୍ଗା କାର୍ଯ୍ୟକ୍ରମରୁ ନିବୃତ ନ ରୁହନ୍ତି ତାହେଲେ ଆଗାମୀ ଦିନରେ ଜନ ଆନ୍ଦୋଳନର ସାମ୍ନା କରିବାକୁ ପ୍ରସ୍ତୁତ ରୁହନ୍ତୁ ବୋଲି ଚେତା ବନି ଦେଇଥିଲେ । ଏହାର ପୁନଃର ବିଚାର କରାଯିବା ପାଇଁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଆଜିର ବିଶାଳ ଶୋଭାଯାତ୍ରାରେ ବିଜେଡିର ବହୁ ତୁଙ୍ଗ ନେତା ତଥା କମଳାକାନ୍ତ ପାଣ୍ଡେ, କୈଳାସ ମୁଖି, ରାଧା ମୋହନ ମହାପାତ୍ର, ବିମଳ ପାଢ଼ୀ, ସୁଧୀର କହଁର, ଶିବ ତ୍ରିପାଠୀ, ପୌରାଧାକ୍ଷା ପାୟଲ ବେହେରା, ପୁନମ କହଁର, ବିକ୍ରମ ବେହେରା, ବୀରେନ୍ଦ୍ର କହଁର ପ୍ରମୁଖ ଶୋଭାଯାତ୍ରାରେ ନିଜକୁ ସାମିଲ କରିଥିଲେ ଓ ଲୋକଙ୍କ ସମସ୍ୟା ସମାଧାନ କରିବା ପାଇଁ ଅଣ୍ଟା ଭିଡି ଠିଆ ହୋଇଥିଲେ । ଆଗାମୀ ଦିନରେ ଯଦି ସରକାର କିମ୍ବା ଜିଲ୍ଲା ପ୍ରଶାସନ ନିରୀହ ଗରିବମାନଙ୍କ ଘରଭଙ୍ଗା ନୀତିକୁ ପ୍ରତ୍ୟାହାର ନ କରନ୍ତି ତାହେଲେ ଆଗାମୀ ଦିନରେ କନ୍ଧମାଳ ଜିଲ୍ଲାବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ବରିଷ୍ଠ ନେତା ସରୋଜ କର୍ଣ୍ଣ, ସାଧାରଣ ସମ୍ପାଦକ ସତ୍ୟନାରାୟଣ ବେହେରା ପ୍ରଶାସନକୁ ଚେତାବନୀ ଦେଇଥିଲେ ।

## ସିଆଇଟିୟୁ ଓ କୃଷକସଭା ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

**ନୀଳଗିରି: ଏକ୍ସପ୍ରେସ ନ୍ୟୁଜ୍**

ଶୁକ୍ରବାର ବାଲେଶ୍ୱର ଜିଲ୍ଲା ନୀଳଗିରିରେ ଚାରି ଦଫା ଦାବୀ ନେଇ ଆଜି ସି ଆଇ ଟି ୟୁର ଜିଲ୍ଲା ସମ୍ପାଦକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉପଜିଲ୍ଲାପାଳ ନୀଳଗିରିଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଶ୍ରମିକମାନଙ୍କୁ ମାସିକ ୨୬ ହଜାର ଟଙ୍କା ମଜୁରୀ, ଓ୍ୱାର୍କର୍ସ ମାନଙ୍କୁ ସରକାରୀ ମାନ୍ୟତା କ୍ଷ ଭି ବି ଜି ରାମ ଜି ସ୍କିମକୁ ବଦଳାଇ ପୂର୍ବରୁ ଥିବା ମନରେଗା ଯୋଜନା କୁ ପ୍ରଚାଳନ କରିବା, ମାସକୁ ୩୦୦ୟୁନିଟ୍ ବିଜୁଳି ମାଗଣାରେ ଯୋଗାଇଦେବା ଓ ସ୍ମାର୍ଟମିଟର ପ୍ରତ୍ୟାହାର ଦାବୀରେ ପ୍ରଧାନମନ୍ତ୍ରୀଙ୍କୁ ଦାବୀ ପତ୍ର ଦିଆଯାଇଛି । ଉକ୍ତ ପ୍ରତିନିଧି ଦଳର ସତ୍ୟଜିତ ଦାସ, ଉମାକାନ୍ତ ଷଡଙ୍ଗୀ, କାଳିଆ ପାତ୍ର, ଗଜେନ୍ଦ୍ର ସିଂ, ପୁରୁଷୋତ୍ତମ ଖଣ୍ଡେଇ, ପ୍ରଦୀପ କୁମାର ମିଶ୍ର, ଉପସ୍ଥିତ ଥିଲେ । ଆସନ୍ତା ୧୯ ତାରିଖ ଦିନ ସି ଆଇ ଟି ୟୁ କୃଷକସଭା ଓ କ୍ଷେତ୍ର ମଜଦୁର ମିଳିତ ସମାବେଶକୁ ସଫଳ କରିବା ପାଇଁ ଶ୍ରୀ ପାତ୍ର ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ।



## ସିନେମାଫିନେମା ଟିଭିଫିବି

# ଶିଖିବା କେବେ ବନ୍ଦ ହୁଏନି

ମେଗାଷ୍ଟାର ଅମିତାଭ ବଚ୍ଚନ ଶିଖିବା, ସମୟ ଏବଂ କାମର ଦ୍ରୁତ ପରିବର୍ତ୍ତନଶୀଳ ପ୍ରକୃତି ଉପରେ ପ୍ରତିଫଳିତ ହୋଇ କହିଛନ୍ତି ଯେ ପ୍ରତ୍ୟେକ ଦିନ ଏକ ନୂତନ ଶିକ୍ଷା ଆଣିଥାଏ, ଆଜିକାଲି ନବସୃଜନର ଗତି ପ୍ରାୟତଃ ବୟସ ବଢ଼ିବା ସହିତ ତାଳ ଦେଇ ଚାଲିବା କଷ୍ଟକର କରିଦିଏ ।

ନିଜ ବ୍ଲଗରେ ବିଗ୍ ବି ତାଙ୍କର ଚିନ୍ତାଧାରା ସେୟାର କରିଛନ୍ତି ଯେ ଅନେକ ସମୟରେ ଅନୁତାପର ଭାବନା ଥାଏ ଯେ କିଛି ଜିନିଷ ବର୍ଷ ବର୍ଷ ପୂର୍ବରୁ ଶିଖି ପାରିନଥାନ୍ତା ।

'ପ୍ରତ୍ୟେକ ଦିନ ଏକ ଶିକ୍ଷା ଏବଂ ଅନୁତାପ ହେଉଛି ଯାହା ଶିଖିବା ଆବଶ୍ୟକ ତାହା ବହୁ ବର୍ଷ ପୂର୍ବରୁ ଶିଖିବା ଉଚିତ । ଅନୁତାପ ଅଧିକ କାରଣ ବର୍ତ୍ତମାନ ଯାହା ଶିଖାଯାଉଛି ତାହା ସେତେବେଳେ ନଥିଲା ଏବଂ ବର୍ତ୍ତମାନ ଶିଖିବାର ଇଚ୍ଛା, ପ୍ରୟାସ ଏବଂ ଶକ୍ତି ହ୍ରାସ ପାଉଛି - ସମୟ ଏବଂ ବୟସ ସହିତ ।'

ତାରା ଦେଖିଛନ୍ତି ଯେ ଉଦ୍ଭାବନ ଏବଂ ନୂତନ ପ୍ରଣାଳୀ ଏତେ ଦ୍ରୁତ ଗତିରେ ବିକଶିତ ହୁଏ ଯେ ଯେତେବେଳେ ଜଣେ ସେଗୁଡ଼ିକୁ ବୁଝିବା ଆରମ୍ଭ କରେ, ସମୟ ପୂର୍ବରୁ ଆଗକୁ ବଢ଼ିସାରିଛି ।

'ଉଦ୍ଭାବନ ଏବଂ ନୂତନ ପ୍ରଣାଳୀର ଗତି ଏତେ ଦ୍ରୁତ ଯେ, ଯେତେବେଳେ ଆପଣ ଏହାକୁ ଶିଖିବା ଆରମ୍ଭ କରନ୍ତି ସେତେବେଳେ ସମୟ ଚାଲିଯାଏ (ସିଆଇସି) ।' ସାମ୍ପ୍ରତିକ ବୈଠକରୁ, ସେ କହିଥିଲେ ଯେ ମୁଖ୍ୟ ଉପାୟ ହେଉଛି ମୌଳିକ ବିଷୟଗୁଡ଼ିକୁ ସଠିକ୍ ଭାବରେ ଗ୍ରହଣ କରିବା ଏବଂ ତା'ପରେ କାମକୁ ଆଗକୁ ବଢ଼ାଇବା ପାଇଁ ସର୍ବୋତ୍ତମ ଏବଂ ଦକ୍ଷ ସମ୍ପ୍ରତିକ ପ୍ରତିଭା ଉପରେ ନିର୍ଭର କରିବା ।

ସେ ଆହୁରି ମଧ କହିଛନ୍ତି: 'ତେଣୁ ଆଜି ଅନେକ ବୈଠକରୁ ଉପଦେଶ ହେଉଛି ମୌଳିକ ବିଷୟଗୁଡ଼ିକୁ ସ୍ଥାପନ କରିବା ଏବଂ ତା'ପରେ କାର୍ଯ୍ୟ କରିବା ପାଇଁ ସର୍ବୋତ୍ତମ ସମ୍ପ୍ରତିକ ପ୍ରତିଭା ଏବଂ ବିଶେଷଜ୍ଞମାନଙ୍କୁ ନିଯୁକ୍ତି ଦେବା ଏବଂ କାର୍ଯ୍ୟ ସମାପ୍ତ କରିବା ।'

'ଯଦି ଆପଣ ଏକ ନିର୍ଦ୍ଦିଷ୍ଟ କାମ ହାସଲ କରିବାକୁ ଅଜ୍ଞ କିମ୍ବା ଯୋଗ୍ୟ ନୁହଁନ୍ତି । କୌଣସି ସମସ୍ୟା ନାହିଁ । ଆପଣ ଏହାକୁ ଗ୍ରହଣ କରନ୍ତି ତେବେ ଏହାକୁ ପସନ୍ଦର ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଅନ୍ତୁ ଏବଂ ଏହାକୁ ସମାପ୍ତ କରନ୍ତୁ, କାମ ଗ୍ରହଣ କରାଯାଏ, ନିଯୁକ୍ତି ଏବଂ ସମାପ୍ତ ଏକ ଚାକିରି ନ ନେବା ଅପେକ୍ଷା, କାରଣ ଆପଣ ଏହା ଜାଣନ୍ତି ନାହିଁ, କିନ୍ତୁ ଏହାକୁ ଗ୍ରହଣ କରନ୍ତୁ ଏବଂ ଏକ ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ଏହାକୁ ସମାପ୍ତ କରନ୍ତୁ, ହଁ ଆପଣ ପ୍ରତିଭାକୁ ଏକ ମୂଲ୍ୟରେ ନିଯୁକ୍ତି କିମ୍ବା ନିୟୋଜନ କରନ୍ତି, କିନ୍ତୁ ପ୍ରଥମେ ଚାକିରି ଗ୍ରହଣ ନ କରିବା ଅପେକ୍ଷା ତାହା କରିବା ଭଲ କାରଣ ଆପଣ ଏଥିପାଇଁ ଯୋଗ୍ୟ ନୁହଁନ୍ତି'

ଏହାକୁ ଏକ ଟିକିଏ ଜଟିଳ ପ୍ରକ୍ରିୟା ବୋଲି କହି ବଚ୍ଚନ କହିଛନ୍ତି ଯେ ସ୍ପଷ୍ଟତା ଶେଷରେ ସମୟ ସହିତ ଆସିଥାଏ । ସେ ଏହି ପଦ୍ଧତି ପାଇଁ ସଠିକ୍ ଶବ୍ଦ ଚିହ୍ନଟ କରି ଶେଷ କଲେ, ଆଉଟସୋର୍ସିଂ, ଯେଉଁଠାରେ ବିଶେଷଜ୍ଞମାନେ ଏକ ଫି ପାଇଁ କାମ ପରିଚାଳନା କରନ୍ତି, ଯେତେବେଳେ ଜଣେ ବଡ଼ ପ୍ରକଳ୍ପର ନିୟନ୍ତ୍ରଣ ବଜାୟ ରଖେ ।

'ଏହି ସବୁ ଟିକେ ଜଟିଳ, କିନ୍ତୁ ସମୟ ସହିତ ସବୁକିଛି ଠିକ୍ ହୋଇଗଲା, ଆହା ମୁଁ ଯାହା ସହିତ ସଂଘର୍ଷ କରୁଥିଲି ତାହା ଠିକ୍ ପ୍ରକାଶନ ଏବଂ ଶବ୍ଦ ପାଇଲି, ଏହାକୁ ଆଉଟସୋର୍ସିଂ କୁହାଯାଏ, କିମ୍ବା ଆପଣ ଆଉଟସୋର୍ସିଂ ବିଶେଷଜ୍ଞ କିମ୍ବା ଜ୍ଞାନୀ ବ୍ୟକ୍ତି ଏକ ଫି ଦେଇ କାମ କରନ୍ତ, ଆପଣ କାମ ବଜାୟ ରଖନ୍ତି, କିନ୍ତୁ ଅଧିକ ଦକ୍ଷଙ୍କୁ ଆଉଟସୋର୍ସ କରାଯାଏ, ବିଜ୍ଞାପନର ଅଧିକ ପ୍ରତିଶତ ଆପଣଙ୍କ ପାଖରେ ରହିଥାଏ'

'ଆଉଟସୋର୍ସିଂର ଖର୍ଚ୍ଚ, ଯାହା ସହିତ ଆପଣ ନିୟୋଜିତ ହୋଇଛନ୍ତି ସେହି ବାଣିଜ୍ୟିକ ବିଚାର ।(ସିଆଇସି)'

'ହଁ ଶେଷରେ ବୁଝିପାରିଲି, ମୋ ସମୟରେ.. ଯଦି ଆପଣ କାମ ଜାଣି ନଥିଲେ, ଆପଣ ଅନୁତାପ କରିଥିଲେ ଏବଂ କରିନଥିଲେ କିମ୍ବା କରିପାରି ନଥିଲେ.. କିନ୍ତୁ ଏବେ ଆପଣ କାମ ଗ୍ରହଣ କରନ୍ତି, ଏବଂ ଆଉଟସୋର୍ସିଂ (ସିଆଇସି) ମାଧ୍ୟମରେ ଏହାକୁ କରନ୍ତି ।'



ଶେଷରେ ସଠିକ୍ ଶବ୍ଦ ଖୋଜିବାରେ ଆଶ୍ୱସ୍ତି ପ୍ରକାଶ କରି, ଏହି ବରିଷ୍ଠ ଅଭିନେତା ଆହୁରି କହିଛନ୍ତି ଯେ ଚାଟ୍‌ଜିପିଟି ଭଳି ଆଧୁନିକ ଉପକରଣଗୁଡ଼ିକ ଏପରି ଉତ୍ତରଗୁଡ଼ିକୁ ପୂର୍ବ ଅପେକ୍ଷା ଶୀଘ୍ର ଏବଂ ସହଜରେ ଖୋଜି ବାହାର କରିଥାଏ ।

# ଜିମାଦେଇଙ୍କ ଲାଗି ଆବାସ ଗୃହ ସାତ ସପନ

**୧୬।୧ : ଏକ୍ସପ୍ରେସ୍ ନ୍ୟୁଜ୍**

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କୁଏରିମାଣ୍ଡୁ ପଞ୍ଚାୟତ ସମୁକୁସା ଗ୍ରାମର ଜିମାଦେଇ କହଁର ଏକ ଭଙ୍ଗା ଦଦରା ଘରେ ଦୟନୀୟ ଭାବେ ଦିନ କାଟୁଛନ୍ତି । ପରିବାର କହିଲେ ୭ ଜଣ ଲୋକ । କୁଲି ମଜୁରି ଯାଇ ଯେତିକି ମିଳୁଛି ସେତିକି ପରିବାର ଚଳିବା କଷ୍ଟ ପୁଣି ଘର ଖଣ୍ଡିଏ ତିଆରି କରିବା ଅସମ୍ଭବ ବୋଲି କହିଛନ୍ତି । ଦୀର୍ଘ ବର୍ଷରୁ ଭଙ୍ଗା ଦଦରା ଚାଳ ଛପର ଘରେ ବିତୁଛି ଜୀବନ । ଫେଲ୍ ମାରିଛି ସରକାରଙ୍କ ତରଫରୁ



ଘର ଖଣ୍ଡିଏ । ଘର ଛପର ନଷ୍ଟ ହେବାକୁ ଗଲାଣି ଘରର କାନ୍ଥ ସବୁ ଫାଟି ଆଁ କରିଛି ।

ଏପରି ବିପଦ ସଙ୍କୁଳ ଘରେ ପରିବାର ଧରି ରାତ୍ରି ଯାପନ କରୁଛନ୍ତ । ଘରର ମରାମତି କରିବା ପାଇଁ ହାତରେ ସମ୍ବଳ ନାହିଁ । ଘର ଖଣ୍ଡିଏ ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟଠାରୁ ବ୍ଲକ ଓ ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆବେଦନ କରିଥିଲେ ମଧ କେହି ଶୁଣୁନାହାନ୍ତି ବୋଲି କହିଛନ୍ତି ଜିମାଦେଇ କହଁର । ବର୍ଷାରେ ଘରର ଛପର ନଷ୍ଟ ହେବାରୁ ବର୍ଷା ପାଣି ଘର ଭିତରେ ଜମିକି ରହୁଛି । ଫଳରେ ପରିବାର ଲୋକେ ଘର ଖଣ୍ଡିଏ ପାଇଁ ବହୁତ ଅସୁବିଧା ସମୁଖୀନ ହେଉଥିବା କହିଛନ୍ତି । ଦିନେ ନୁହେଁ କି ମାସେ ନୁହେଁ ବର୍ଷ ବର୍ଷ ଧରି ମାଟି ଘରେ ହିଁ ବିତୁଛି ଜୀବନ । ତେଣୁ ପ୍ରଶାସନ ଏଥିପ୍ରତି ସଠିକ୍ ଦୃଷ୍ଟି ଆକର୍ଷଣ କରିବା ସହ ଜିମାଦେଇ କହଁରଙ୍କୁ ଆବାସଗୃହ ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଅଭିଯୋଗକାରୀ ସୁନ୍ଦେରୀ କହଁର, ସାମାଜ ସେବୀ ବିବେକାନନ୍ଦ ପ୍ରଧାନ, ନିଭିଦତିଅ କହଁର, ସୁଗ୍ରୀବ କହଁର, ରିମି କହଁର, ଗଣେଶ୍ୱର କହଁର, ସୁମିତ୍ରା କହଁର, କୈଳାଶ କହଁର ଅନ୍ୟପଟେ ଦେଖିବାକୁ ବାକି ରହିଛି ସରକାର ଗରିବ ମୁଣ୍ଡକୁ ଛାତ କେବେ ଯୋଗାଇ ଦେଉଛି ।

## ଆଜିର ରାଶିଫଳ

| ତାରିଖ | ଶନିବାର– ଚତୁର୍ଦ୍ଦଶୀ |
|---|---|
| ୧୭.୧.୨୦୨୬ | ନକ୍ଷତ୍ର– ମୂଳା, ଧନୁଚନ୍ଦ୍ର |

| | |
|---|---|
| ମେଷ | : ସହଯୋଗ ବୃଦ୍ଧି ପାଇବ । |
| ବୃଷ | : ଯନ୍ତ୍ରଣା ବୃଦ୍ଧି ପାଇବ । |
| ମିଥୁନ | : ଦ୍ରବ୍ୟଲାଭ ଯୋଗ ରହିଛି । |
| କର୍କଟ | : ଅମୋଦ ପ୍ରମୋଦରେ ଦିନ କଟିବ । |
| ସିଂହ | : ଶୁଭଖବର ପାଇବେ । |
| କନ୍ୟା | : ଅପମାନ ଯୋଗ ରହିଛି । |
| ତୁଳା | : କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ । |
| ବିଛା | : ଦିନଟି ଶୁଭପ୍ରାପ୍ତି ହେବ । |
| ଧନୁ | : ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ହେବ । |
| ମକର | : ବନ୍ଧୁଙ୍କ ସହଯୋଗ ପାଇବେ । |
| କୁମ୍ଭ | : କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ପାଇବେ । |
| ମୀନ | : ଦିନଟି ଖୁସିର ଦିନ ହେବ । |

## ସୁନା ବ୍ୟବସାୟୀଙ୍କ ଘରୁ ସୁନାଗହଣା ଲୁଟ

**ଖଣ୍ଡପଡ଼ା, ୧୬।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ବଜାରର ବିଶିଷ୍ଟ ସୁନା ଅଳଙ୍କାର ବ୍ୟବସାୟୀ ବିଜୟ କୁମାର ପୃଷ୍ଟିଙ୍କ ଘରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନାଗହଣା ଓ ଟଙ୍କା ଦୁର୍ବୃତ୍ତମାନେ ଲୁଟ କରି ନେଇଥିବା ଅଭିଯୋଗ ହୋଇଛି । ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଶ୍ରୀ ପୃଷ୍ଟିଙ୍କ ବାସଗୃହ ପଛ ପାର୍ଶ୍ୱ ଦେଇ ପ୍ରବେଶ କରିବା ସହ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନାଗହଣା ଲୁଟ କରି ନେଇଥିବା ଜଣାପଡିଛି । ଦୁର୍ବୃତ୍ତମାନେ ଧାରୁଆ ଅସ୍ତ୍ର ସହାୟତାରେ ପରିବାର ସଦସ୍ୟଙ୍କୁ ପ୍ରଥମେ ଭୟଭୀତ ଓ ଆକ୍ରମଣ କରି ସୁନା ଅଳଙ୍କାର, ନଗଦ ଟଙ୍କା ଲୁଟ କରି ନେଇଥିବା ନେଇ ଖଣ୍ଡପଡ଼ା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଖୋଳତାଡ କରିବା ସହ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଥିବା ପୋଲିସ ସୂତ୍ରରୁ ଜଣାଯାଇଛି । ଚୋରି ହୋଇଥିବା ସୁନା ଅଳଙ୍କାର ଓ ଟଙ୍କାର ଆନୁମାନିକ ମୂଲ୍ୟ ୩୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି । ତେବେ କିଛି ମାସର ବ୍ୟବଧାନ ପରେ ଜନଗହଳିପୂର୍ଣ୍ଣ ଖଳିସାହି ବଜାର ଅଞ୍ଚଳରୁ ଲୁଟପାଟ କରିବା ପାଇଁ ପୁଣି ଲୁଟେରାମାନେ ସକ୍ରୀୟ ହୋଇ ଉଠିଥିବା ବେଳେ ଏହି ଘଟଣା ଖଣ୍ଡପଡ଼ା ପୁଲିସ ପାଇଁ ପୁଣି ଚ୍ୟାଲେଞ୍ଜ ସୃଷ୍ଟି କରିଥିବା ଜଣାପଡିଛି । ନୟାଗଡ ଏସପି ଘଟଣାରେ ହସ୍ତକ୍ଷେପ କରିବାକୁ ଖଳିସାହି ବଜାର କମିଟିର କର୍ମକର୍ତ୍ତାମାନେ ଦାବି କରିଛନ୍ତି ।

## ରାସ୍ତା ନିର୍ମାଣର ୫ଦିନ ନବିତୁଣୁ ଉଠିଲା ପିଚୁ



**ମାହାଙ୍ଗା, ୧୬।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଏବେ ଐତିହାସିକ ପୀଠ ଓଲାଶୁଣି ଗୁମ୍ଫା ମେଳା ଚାଲୁଅଛି । ପ୍ରତିଦିନ ହଜାର ହଜାର ଜନସାଧାରଣ ଏହି ମେଳାକୁ ଯାତାୟାତ କରୁଛନ୍ତି । କିନ୍ତୁ ମାହାଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଓଲାଶୁଣି ପାଦ ଦେଶ ଠାରୁ ଓଲାଶୁଣୀ ପୀଠ ପର୍ଯ୍ୟନ୍ତ ନୂତନ ଭାବେ ରାସ୍ତା କାର୍ଯ୍ୟ ନିର୍ମାଣ ସଂପୂର୍ଣ୍ଣ ହୋଇଯାଇଛି । ହେଲେ ମାତ୍ର ୫ ଦିନ ନ ବିତୁଣୁ ଏହି ପିଚୁ ରାସ୍ତାରୁ ଗୋଡି ଉଠି ଯାଇଥିବା ଦେଖିବାକୁ ମିଳିଛି । ଯାହା ଫଳରେ ଯାତାୟାତରେ ବାଧା ପ୍ରାପ୍ତ ହେବା ସହ ଦୁର୍ଘଟଣାମାନ ଘଟୁଛି । ବିଶେଷ କରି ଏହି ପାଦଦେଶରୁ ତଳକୁ ଗଡୁଥିବା ଯାତ୍ରୀମାନେ ପିଚୁ ଗୋଡି ଉଠି ବିଛାଡି ହୋଇ ପଡିଥିବାରୁ ଦୁର୍ଘଟଣାମାନ ଘଟୁଛି । ଯାାହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେବା ସହ କାର୍ଯ୍ୟକୁ ବନ୍ଦ କରିଥିଲେ । କିନ୍ତୁ ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତରା ଯୋଗୁ ଠିକାଦାରଙ୍କ ମନମର୍ଜୀରେ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ କରାଯାଇଥିଲା । ଯାହା ଫଳରେ ୫ ମାତ୍ର ଦିନ ପୁରୁଣୁ ରାସ୍ତାରୁ ପିଚୁ ଗୋଡି ଉଡି ଯାଇଥିଲା । ତେବେ ଏହି ରାସ୍ତାର ସ୍ଥାୟିତ୍ୱ ନେଇ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ବିଧାୟକ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ଧର୍ମଶାଳାରେ ଲଘୁ ଖଣିଜ ସମ୍ପଦ ଲୁଟ : ମୁହଁ ଖୋଲୁ ନାହାନ୍ତି ବିଧାୟକ

**ବ୍ୟାସନଗର, ୧୬।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ ଅଧୀନରେ ରହିଥିବା ଲଘୁ ଖଣିଜ ସମ୍ପଦ ଲୁଟ ଉପରେ ଅଙ୍କୁଶ ଲାଗିପାରୁନାହିଁ । ବିଛାଖଣ୍ଡି, ଅଂଜିରା, ଆରୁହା, ବରଡ଼ା, ବାଜବାଟି, ଡଙ୍କାରୀ, ରାହାଡ଼ପୁର ପ୍ରଭୃତି ଅଞ୍ଚଳରୁ ପଥର, ବାଲି, ମୋରମ, ମାଟି, ଗୋଡି, ଭଳି ବିଭିନ୍ନ ଲଘୁ ଖଣିଜ ସମ୍ପଦ ଖୁଲମଖୁଲା ଲୁଟ ହେଉଛି । ପାହାଡ଼ଗୁଡିକ ଏବେ ପୋଖରୀ ସଦୃଶ୍ୟ ପାଲଟିଛି । ମୋରମ ଖଣି ଗୁଡିକ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି । ଧର୍ମଶାଳାର ନଦୀ ଶଯ୍ୟା ଏବେ ଗତିପଥରେ ପରିବର୍ତ୍ତନ ଦେଖାଦେଇଛି । ବେଆଇନ ଭାବରେ ହାଜର ହଜାର ଟ୍ରିପ ମୋରମ, କଳାପଥର ବାଲି ଭଳି ଲଘୁ ଖଣିଜ ସମ୍ପଦ ଲୁଟ ହେଇ ଜିଲ୍ଲା ଏବଂ ଜିଲ୍ଲା ବାହାରକୁ ଚାଲାଣ ହେଉଛି । ଦୈନିକ କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ସହିବାକୁ ପଡୁଛି । ଖୁଲମଖୁଲା ଲୁଟ ହେଉଥିଲେ ହେଁ ମୁହଁ ଖୋଲୁ ନାହାଁନ୍ତି ଧର୍ମଶାଳର ବିଧାୟକ ହିମାଂଶୁ ଶେଖର ସାହୁ । ଧର୍ମଶାଳାର ପୂର୍ବ ସରକାର ସମୟରେ ଯେଉଁଭଳି ଲୁଟ ହେଉଥିଲା ତାହାକୁ ବିରୋଧୀ ଅଭିଯୋଗ କରିଆସୁଥିଲେ । ଧର୍ମଶାଳାରେ ବିଜେପିରେ ବିଧାୟକ ଟିକେଟ ପାଇଁ ଆଶାୟୀ ରହିଥିଲେ ହିମାଂଶୁ ଶେଖର ସାହୁ । ବିଜେପି ହିମାଂଶୁଙ୍କ ଉପରେ ଭରସା କରି ପାରିନଥିଲା । ବିଜେପି ପ୍ରାର୍ଥିନୀ ସ୍ମୃତିରେଖା ପହିଙ୍କୁ ବିଜେପି ପକ୍ଷରୁ ଟିକେଟ ମିଳିଥିଲା । ଧର୍ମଶାଳା ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ଭାବେ ହିମାଂଶୁ ଶେଖର ସାହୁ ନିର୍ବାଚନ ଲଢ଼ିଲେ । ଧର୍ମଶାଳାର ବିଜେଡ଼ି ପାୱାର ଫୁଲ ନେତା ପ୍ରଣବ ବଳବନ୍ତରାୟଙ୍କୁ ୪୧୫୦ ଖଣ୍ଡ ଭୋଟରେ ପରାସ୍ତ କରି ବିଜେଡ଼ି ଗଡ଼କୁ ଭାଙ୍ଗିଦେଲେ । ଧର୍ମଶାଳାର ଖଣିବାଲି, ଗୋଡି, ମାଟି କ୍ରସର ସବୁ ପୂର୍ବ ଶାସକ ଦଳ ନିୟନ୍ତ୍ରଣରେ ରହିଥିଲା । ପୂର୍ବରୁ କୋଟି କୋଟି ଟଙ୍କା ଖଣି, କ୍ରସରମାନଙ୍କରୁ ଆଦାୟ ହୋଇ ବିଜୁ ଜନତା ଦଳର ପାଣ୍ଠି ସଂଗ୍ରହ କରାଯାଉଥିଲା ବୋଲି ବିଧାୟକ ହିମାଂଶୁ ଶେଖର ସାହୁ ସାମ୍ବାଦିକ ସମ୍ମିଳନୀ କରି କହିଥିଲେ । ଧର୍ମଶାଳାରେ ନିର୍ବାଚନରେ ଲଘୁ ଖଣିଜ ସମ୍ପଦ ଲୁଟକୁ ନିର୍ବାଚନୀ ମୁଦ୍ଦା କରିଥିଲେ ହିମାଂଶୁ । ମୁଁ ନିର୍ବାଚନ ବୈତରଣୀ ପାର ହେଲେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ସମସ୍ତ ବେଆଇନ ଭାବରେ ଚାଲୁଥିବା ଖଣି ଖାଦାନକୁ ସମ୍ପୂର୍ଣ୍ଣ ବନ୍ଦ କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ । ନବନିର୍ବାଚିତ ବିଧାୟକଙ୍କ କଥା ଶୁଣି ମାଫିଆ ଛାନିଆ ହୋଇ ସମସ୍ତ ବେଆଇନ ଖଣି, କ୍ରସର,ବାଲି ଘାଟକୁ ସମ୍ପୂର୍ଣ୍ଣ ମାସ ମାସ ଧରି ବନ୍ଦ କରିଦେଇଥିଲେ । ଖିଲାପ ଧାରୀମାନଙ୍କ ଠାରୁ ଅର୍ଥ ପୈଠ ହୋଇ ରାଜ୍ୟ ରାଜକୋଷକୁ ଫେରିବ ତାହା ଉପରେ ନଜର ଦିଆଯିବ ବୋଲି ବିଧାୟକ ହିମାଂଶୁ କହିଥିଲେ । ଧର୍ମଶାଳା ଅଞ୍ଚଳର ଗରିବ, ନିରୀହ ଲୋକ କିପରି ଉପକୃତ ହେବେ ତାହା ଉପରେ ଦୃଷ୍ଟି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଏବେ ତାହା କଥାରେ ରହିଯାଇଛି । ଦିନ ଦିପହରେ ଖଣିଜ ସମ୍ପଦ ଖୋଲମଖୋଲା ଖଣି ଲୁଟ ହେଉଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ଧର୍ମଶାଳାର ବିଧାୟକ ଲୁଟ କରୁଛନ୍ତି ବୋଲି ଗଣମାଧ୍ୟମ ଆଗରେ କହିଛନ୍ତି । ଧର୍ମଶାଳାର ପୂର୍ବତନ ବିଜେଡ଼ି ବିଧାୟକ ପ୍ରଣବ ବଳବନ୍ତରାୟ (ଜିତୁ) ବର୍ତ୍ତମାନର ବିଧାୟକ ହିମାଂଶୁଙ୍କୁ ଟାର୍ଗେଟ ନକରି ସିଧା ପ୍ରଶାସନକୁ ଟାର୍ଗେଟ କରୁଛନ୍ତି । ଧର୍ମଶାଳାରେ କେବେ ହେଲେ ଏଭଳି ଖଣିଜ ସମ୍ପଦ ଲୁଟ ହେଇନଥିଲା । ଯାହା ଏବେ କୋଟି କୋଟି ଟଙ୍କାର ଲୁଟ ହେଉଛି । ସ୍ଥାନୀୟ ବିଧାୟକ ଖଣି ଚୋରି ଉପରେ ରୋକ ଲଗାଇବା କଥା କହୁଥିବା ବେଳେ ଚୋରି ରୋକିବା ବଦଳରେ ଚୋରିକୁ ପ୍ରୋତ୍ସାହିତ କରୁନାହାଁନ୍ତି କି ସାଧାରଣରେ ପ୍ରଶ୍ନ ଉଠୁଛି ।

## ସୋର ଷ୍ଟେସନକୁ ଅବହେଳା




**ସୋର, ୧୬।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ୧୮ ତାରିଖ ଦିନ ପ୍ରଧାନମନ୍ତ୍ରୀ ୬ଟି ଅମ୍ରିତ ଭାରତ ନୂତନ ଟ୍ରେନ୍‌ର ଶୁଭାରମ୍ଭ କରିବାକୁ ଯାଉଛନ୍ତି । ଏଥି ମଧ୍ୟରେ ଖଡ଼ଗପୁର ଡିବିଜନ ଅଧିନରେ ୪ଟି ନୂତନ ଟ୍ରେନ୍ ଭୁବନେଶ୍ୱର ଦେଇ ବିଭିନ୍ନ ସ୍ଥାନକୁ ଯିବା ପାଇଁ ସମୟ ସାରଣି ପ୍ରକାଶ ପାଇଛି । ସେଗୁଡ଼ିକ ହେଲା ୨୦୬୦୩–୪ନ୍ୟୁ ଜଳପାଇଗୁଡ଼ି–ତ୍ରିଚନାପଲି ନଗରକୂଳ, ୧୬୧୦୭–୧୬୧୦୮ସାନ୍ତରାଗାଛି–ଚେନ୍ନେଇ ତୁମ୍ବରାମ, ୧୬୫୯୭–୯୮ ବେଙ୍ଗଲୁର–ଅଲ୍ଲିପୁରଦୁର ଏବଂ ୨୦୬୦୯–୧୦ ଚେନ୍ନାଇ ହୁବାଲି–ଗୌହାଟି । ଏହି ନୂତନ ଟ୍ରେନ୍‌ଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏ ହେଲେ ଟ୍ରେନ ସୋର ଷ୍ଟେସନରେ ରହଣି ବ୍ୟବସ୍ଥା ରଖାଯାଇନାହିଁ । ସୋର ରେଳ ଷ୍ଟେସନଟି ଅମ୍ରିତ ଭାରତ ଷ୍ଟେସନରେ ଅନ୍ତର୍ଭୁକ୍ତ ହୋଇଥିବାରୁ ଅମ୍ରିତ ଭାରତ ଟ୍ରେନଗୁଡ଼ିକ ଏହି ସବୁ ଷ୍ଟେସନମାନଙ୍କରେ ରହିବାର ନିୟମ ଥିବା ବେଳେ ସୋର ଷ୍ଟେସନକୁ ଅବହେଳା କରାଯାଇଛି। ଖୋର୍ଦ୍ଧା ଡିଭିଜନର ସମସ୍ତ ଅମ୍ରିତ ଭାରତ ଷ୍ଟେସନରେ ଏହି ସବୁ ଟ୍ରେନଗୁଡ଼ିକ ରହଣି ପାଇଁ ସମୟ ସାରଣିର ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ଟ୍ରେନଗୁଡ଼ିକ ଅମ୍ରିତ ଭାରତ ଷ୍ଟେସନ ଅନ୍ତର୍ଭୁକ୍ତ ସୋରରେ ରହଣି ପାଇଁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି ।

## ଟ୍ରକ ଧକ୍କାରେ ଦୁଇ ବାଇକ୍ ଆରୋହୀ ଗୁରୁତର

**ସୋର, ୧୬।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଛାପୋଲିଆ ନିକଟରେ ଏକ ଟ୍ରକ ସହ ବାଇକ ଧକ୍କା ହେବା ଫଳରେ ଦୁଇଜଣ ବାଇକ ଅରୋହୀ ଗୁରୁତର ଆହତ ହୋଇ କଟକ ସ୍ଥାନାନ୍ତରିତ ହୋଇଛନ୍ତି । ସୂଚନା ଅନୁସାରେ ଆଜି ପୂର୍ବାହ୍ନରେ ଭଦ୍ରକ ଜିଲ୍ଲା ଆରଡ଼ି ଗ୍ରାମର ସୁଧୀର କୁମାର ପାଢୀ ଓ ତାଙ୍କ ସାଙ୍ଗ ମଦନମୋହନ ସିଂ ଏକ ବାଇକ ଯୋଗେ କୌଣସି କାମରେ ବାଲେଶ୍ୱର ଅଭିମୁଖେ ଯାଉଥିଲେ। ଏହି ସମୟରେ ରିଲିଆନ୍ସ ପେଟ୍ରୋଲ ପମ୍ପ ନିକଟରେ ଏକ ଟ୍ରକ ତାଙ୍କ ବାଇକକୁ ଧକା ଦେବା ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ । ଖବର ପାଇ ଅଗ୍ନିଶମ ବିଭାଗର ଆମ୍ବୁଲାନ୍ସ ଉଭୟଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଉଭୟଙ୍କୁ କଟକ ସ୍ଥାନାନ୍ତର କରାଯାଇଛି ।

## ବୋମା ଖାଇ ହାତୀ ମୃତ

**ଅନୁଗୁଳ, ୧୬।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବୋମା ଖାଇବାରୁ ହାତୀର ମୃତ୍ୟୁ ହୋଇଛି । ଏଭଳି ଅଭାବନୀୟ ଘଟଣା ଘଟିଛି ଅନୁଗୁଳ ଜିଲ୍ଲା ବନ୍ତଳା ବନାଞ୍ଚଳ ବାଲୁଅକଟା ଗାଁ ପଥରଗଡ଼ ସାହି ନିକଟରେ । ବୋମା ଖାଇବାରୁ ହାତୀଟି ପ୍ରଥମେ ଅସୁସ୍ଥ ହୋଇପଡିଥିବା ଦେଖି ଗାଁ ଲୋକ ବନ ବିଭାଗକୁ ଖବର ଦେଇଥିଲେ । ବନବିଭାଗ ପହଞ୍ଚି ହାତୀକୁ ଠାବ କରି ଚିକିତ୍ସା ପାଇଁ ଆଜି ସକାଳେ ବନ ବିଭାଗର ଡାକ୍ତରୀ ଦଳ ଘଟଣାସ୍ଥଳରେ ପହଞ୍ଚି ହାତୀଟିର ଚିକିତ୍ସା ଆରମ୍ଭ କରିଥିଲେ । ହେଲେ ଏହି ସମୟରେ ହାତୀର ମୃତ୍ୟୁ ହୋଇଛି । ହାତୀର ପାଟି ଭିତରେ ବଡ କ୍ଷତ ଥିବା ଜଣାପଡ଼ିଛି ।

## ଦୁଇଟି ମାମଲାରେ ୨ ଗିରଫ

**କାକଟପୁର, ୧୬।୧ : ଏକ୍ସପ୍ରେସ୍ ନ୍ୟୁଜ୍**

କାକଟପୁର ଥାନା ପୋଲିସ ପକ୍ଷରୁ ପୃଥକ ପୃଥକ ଦୁଇଟି ମାମଲା ରୁଜୁ କରିବା ସହ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ବସଷ୍ଟାଣ୍ଡରୁ ଜଣେ ଯୁବତୀକୁ ଅପହରଣ କରି ନେଇ ମୟୁରଭଞ୍ଜ ଚାଲି ଯାଇଥିବା ବେଳେ ପୋଲିସ ଘଟଣାର ଅନୁସନ୍ଧାନ କରି ମୟୁରଭଞ୍ଜ ଜିଲ୍ଲାର ମେଘନାଦ ଘଡ଼େଇକୁ ଗିରଫ କରି କାକଟପୁର ଥାନାକୁ ଆଣିବା ସହ ଯୁବତୀକୁ ଉଦ୍ଧାର କରିଥିଲେ । ସେହିପରି ମାଧବାନନ୍ଦଙ୍କ ପୀଠରେ ପ୍ରସିଦ୍ଧ ମକର ମେଳାରେ ହଜାର ହଜାର ଭକ୍ତଙ୍କ ସାମଗମ ହୋଇଥିଲା ବେଳେ ପତି –ପତ୍ନୀ ଯାତ୍ରା ବୁଲି ଘରକୁ ଫେରୁଥିବା ସମୟରେ ବଲରା ଗ୍ରାମର ମିଲୁ କାଣ୍ଡି ପତିଙ୍କୁ ପଥରରେ ମାଡ଼ କରିବା ସହ ପତ୍ନୀଙ୍କୁ ଅସଦାଚରଣ କରିଥିଲା । ଖବର ପାଇ କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁ ସଦଳବଳେ ଅଭିଯୁକ୍ତ ମିଲୁ କାଣ୍ଡିକୁ ଧରି ଥାନାକୁ ଆଣିଥିଲେ । ଗତକାଲି ୨ଜଣକୁ କୋର୍ଟ ଫରୱାର୍ଡ କରାଯାଇଛି । ଏ ସଂକ୍ରାନ୍ତରେ କାକଟପୁର ଥାନାରେ କେସ୍ ନଂ ୧୦/୨୬ ଓ ୧୪/୨୬ରେ ଦୁଇଟି ମାମଲା ରୁଜୁ ହୋଇଛି ।

## ପୂର୍ତ୍ତ ରାସ୍ତା ନିର୍ମାଣ ନିମ୍ନମାନର : କନିଷ୍ଠଯନ୍ତ୍ରୀକୁ ଘେରିଲେ ଗ୍ରାମବାସୀ

**ମାହାଙ୍ଗା : ଏକ୍ସପ୍ରେସ୍ ନ୍ୟୁଜ୍**

ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କ ଗମନାଗମନ ନିମନ୍ତେ କୋଟି କୋଟି ଖର୍ଚ୍ଚ କରାଯାଇ ସଡକ ନିର୍ମାଣ କରାଯାଉଥିବା ଡିଣ୍ଡିମ ପିଟୁଥିବା ବେଳେ ମାତ୍ର ଦୁଇରୁ ତିନି ନ ପୁରୁଣୁ ରାସ୍ତାରୁ ପିଚୁ ଗୋଡି ଉଠି ଯାଉଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏଭଳି ଘଟଣା ଦେଖିବାକୁ ମିଳୁଛି ସାଲେପୁର ଉପଖଣ୍ଡ କାର୍ଯ୍ୟାଳୟ ଅଧିନ ନିର୍ଣ୍ଣିନ୍ତକୋଇଲି ଲଳିତଗିରି ପୂର୍ତ୍ତରାସ୍ତାର ମାହାଙ୍ଗା ବ୍ଲକ ଗୋତରା ନୀଳମାଧବ ମନ୍ଦିର ଠାରୁ ଡମର ରଥ ଦାଣ୍ଡ ସହିତ ବେହେରା ସାହି ପର୍ଯ୍ୟନ୍ତ ପ୍ରାୟ ୧୨ ଶହ ୫୦ ମିଟର ରାସ୍ତା କାର୍ଯ୍ୟ ପାଇଁ ୨୫ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ତେବେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସୁରେଶ ନାୟକ ଏବଂ ଜଣେ କର୍ମଚାରୀଙ୍କୁ ନେଇ ରାସ୍ତା କାର୍ଯ୍ୟର ମାପ ନେବାକୁ ଆସିଥିବାବେଳେ ସ୍ଥାନୀୟ ଲୋକେ ବିଲ କରିବାକୁ ସନ୍ଦେହ କରି ଯନ୍ତ୍ରୀଙ୍କୁ



ଅଟକ ରଖିଥିଲେ । ରାସ୍ତା କାର୍ଯ୍ୟ ନିମ୍ନମାନର ହେବା ସତ୍ତ୍ୱେ ଏହି ମାପ କାହିଁକି ଓ କାହା ସ୍ୱାର୍ଥରେ କରାଯାଇ ବିଲ ପାଇଁ ମସୁଧା କରାଯାଉଥିଲା ତାକୁ ନେଇ ନାନା ପ୍ରଶ୍ନ ଯନ୍ତ୍ରୀଙ୍କୁ ପଚାରିଥିଲେ । ସଂପୃକ୍ତ ଯନ୍ତ୍ରୀ ସଠିକ୍ ଉତର ନ ଦେଇ କଥାକୁ ଏଡାଇ ଦେଇ ଏହି ରାସ୍ତା କାର୍ଯ୍ୟ ମୋ ସମୟରେ ଏଷ୍ଟିମେଟ ହୋଇନାହିଁ । ବର୍ତ୍ତମାନ ମୁଁ ଏଠାରେ ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଛି ବୋଲି କହିବା ପରେ ଅଞ୍ଚଳବାସୀଙ୍କ ଦାବି ଅନୁଯାୟୀ ଉଚ୍ଚପଦସ୍ଥ ଅଧିକାରୀ ଆସିଲେ ଆପଣଙ୍କୁ ଛଡା ଯିବ ବୋଲି ଜିଦ ଧରିଥିଲେ । ଖବର ପାଇ ଭଦ୍ରେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ । ଏହା ପରେ କନିଷ୍ଠଯନ୍ତ୍ରୀ ଶ୍ରୀ ନାୟକ ଏକ କାଗଜରେ ଲିଖିତ ଭାବେ ଜଣାଇଲେ କି ଏହି ରାସ୍ତାଟି ୬୦ରୁ ୭୦ ଶତକଡା କାର୍ଯ୍ୟ ଖରାପ ହୋଇଛି । ଏହି ରାସ୍ତାଟି ପୁନର୍ବାର କରାଯିବ ବୋଲି ମୁଁ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଇବା ଲିଖିତ ପ୍ରତିଶ୍ରୁତି ଦେବା ପରେ ସ୍ଥାନୀୟ ଲୋକେ ଛାଡି ଥିଲେ । ସ୍ଥାନୀୟ ଅଞ୍ଚଳବାସୀଙ୍କ ଅଭିଯୋଗ ମୁତାବକ ମୁଖ୍ୟମନ୍ତ୍ରୀ କହୁଛନ୍ତି ଲୋକଙ୍କ ସରକାର । ଲୋକଙ୍କ କାମ କାହିଁକି ଖରାପ ହେଉଛି । ଏଥି ପାଇଁ ବିଭାଗ ଦାୟୀ ନା ମୁଖ୍ୟମନ୍ତ୍ରୀ ଦାୟୀ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରୁଛନ୍ତି ।

## ଦଦରା କୁଡ଼ିଆରେ ବେସାହାରା ଲକ୍ଷ୍ମୀ

**ରାଉରକେଲା, ୧୬।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବଙ୍କା ହୋଇଯାଇଛି ହାତର ସବୁ ଆଙ୍ଗୁଠି । ରୋଷେଇ ତ ଦୂରର କଥା ଦୈନନ୍ଦିନ କାମ କରିବା ବି କଷ୍ଟକର । ସେଇଥିପାଇଁ ମିଳୁଥିବା ୫ କେଜି ରାସନ ଚାଉଳ ଏକ ହୋଟେଲ୍‌କୁ ଦିଅନ୍ତି । ପ୍ରତିବଦଳରେ ହୋଟେଲ ମାଲିକ ଯାହା ଦିଅନ୍ତି, ସେଥିରେ ଭୋକ ମେଣ୍ଟାନ୍ତି । ଘର କହିଲେ ରାସ୍ତାକଡ଼ ପଲିଥିନ ଘେରା କୁଡ଼ିଆ । ସେଠି କ୍ୟାଲେଣ୍ଡର, ଚିନାବାଦାମ, ଚଣା ବିକ୍ରି କରନ୍ତି । ଯାହା ରୋଜଗାର ହୁଏ ସେଥିରେ ଗୁଜରାଣ ମେଣ୍ଟାନ୍ତି । ଏ ହେଉଛି ଦିବ୍ୟାଙ୍ଗ ଲକ୍ଷ୍ମୀ ମହାରଣାଙ୍କ କରୁଣ କାହାଣୀ । ସ୍ୱାମୀଙ୍କ ଦେହାନ୍ତ ପରେ ପୁଅ କରି ଆଣିଥିବା ଭଣଜାଙ୍କ ମୃତ୍ୟୁ ପରେ ଦୀର୍ଘ ବର୍ଷ ହେଲା ରାଉରକେଲାର ଜନବହୁଳ ସେକ୍ଟର୨୧ସ୍ଥିତ ଟେଲିଫୋନ ଭବନ ପାଖରେ ଦଦରା କୁଡ଼ିଆରେ ଭାଗ୍ୟକୁ ଆଦରି ସେ ପଡ଼ି ରହିଛନ୍ତି ।

ଗଞ୍ଜାମ ଜିଲ୍ଲା କନ୍ଧଖଇଡ଼ା ଗ୍ରାମର ମୂଳ ବାସିନ୍ଦା ଲକ୍ଷ୍ମୀଙ୍କୁ ୬୦ ଛୁଇଁଲାଣି । ରାଉରକେଲାର ଟିମ୍ବର କଲୋନିର ସୁଦାମ ମହାରଣାଙ୍କ ସହ ତାଙ୍କର ବିବାହ ହୋଇଥିଲା । ପିଲାଛୁଆ ନ ହେବାରୁ ଭଣଜାଙ୍କୁ ପୁଅ କରି ଆଣିଥିଲେ । ସୁଦାମଙ୍କ ରୋଜଗାର ଟଙ୍କାରେ ପରିବାର ଚଳୁଥିଲା । ଏକଦା ରୋଷେଇ କରୁଥିବା ବେଳେ ଅସାବଧାନତାରୁ ପୋଡ଼ି ଯାଇଥିଲେ ଦିବ୍ୟାଙ୍ଗ ଲକ୍ଷ୍ମୀ । ଯଦିଓ ଡାକ୍ତରଖାନାରୁ ସୁସ୍ଥ ହୋଇ ଫେରିଥିଲେ, ତଥାପି ଆଗ ପରି କାମ କରିପାରୁ ନ ଥିଲେ । ଏସବୁ ସମସ୍ୟା ଭିତରେ ୨୭ ବର୍ଷ ତଳେ ଏକ ଦୁର୍ଘଟଣାରେ ଆରପାରିକୁ ଚାଲିଗଲେ ସୁଦାମ । ଭଡ଼ା ଟଙ୍କା ଦେଇ ନ ପାରିବାରୁ ଘର ଛାଡ଼ିବାକୁ ପଡ଼ିଲା । ଭଣଜାଙ୍କୁ ନେଇ ସେ ଅନ୍ୟତ୍ର ରହୁଥିଲେ । ହେଲେ ଦଇବ ଦାଉ ସାଧିଲା । ୧୦–୧୨ ବର୍ଷ ତଳେ ଭଣଜା ମଧ ହାତ ଛାଡ଼ି ଚାଲିଗଲେ



ଆରପାରିକୁ । ସ୍ୱାମୀ–ଭଣଜାଙ୍କ ମୃତ୍ୟୁ ପରେ ଏକାକୀ ହୋଇଯାଇଛନ୍ତି ଲକ୍ଷ୍ମୀ । ମୁଣ୍ଡ ଗୁଞ୍ଜିବା ପାଇଁ ଖଣ୍ଡେ ଘର ନାହିଁ । ସେକ୍ଟର–୨୧ ଟେଲିଫୋନ ଭବନ ପାଚେରି ପାର୍ଶ୍ୱରେ ପଲିଥିନ୍ ଟାଙ୍ଗି ଦୀର୍ଘ ଦିନ ହେଲା ରହୁଛନ୍ତି । ୧୦୦୦ ଟଙ୍କା ଭତ୍ତା ଏବଂ ରାସନ କାର୍ଡରେ ୫ କେଜି ଚାଉଳ ମିଳୁଛ । କୁଡ଼ିଆରେ କ୍ୟାଲେଣ୍ଡର, ଚିନାବାଦାନ ଓ ଚଣା ବିକ୍ରି କରି ଯାହା ମିଳୁଛି ସେଥିରେ ସେ ଚଳୁଛନ୍ତି । ଲକ୍ଷ୍ମୀଙ୍କ ଦୁର୍ଦ୍ଦଶା ଦେଖି କିଛି ଦିନ ତଳେ ଏକ ସାମାଜିକ ଅନୁଷ୍ଠାନ ସହାୟତାର ହାତ ବାଇଥିଲା । ଏବେ ସହରରେ ଅସହ୍ୟ ଥଣ୍ଡା ଅନୁଭୂତ ହେଉଛି । ତାପମାତ୍ର ୫ ଡିଗ୍ରୀ ତଳକୁ ଚାଲିଆସିଛି । ଏଭଳି ସମୟରେ ଲକ୍ଷ୍ମୀ ଦଦରା କୁଡ଼ିଆରେ ରାତି ବିତାଉଛନ୍ତି । ପ୍ରଶାସନ ତାଙ୍କୁ ଆବାସ ଯୋଜନାରେ ସାମିଲ କରି ଘର ଖଣ୍ଡିଏ ଯୋଗାଇ ଦେବାକୁ ସେ ନିବେଦନ କରିଛନ୍ତି ।

## ଜଳକଷ୍ଟରେ ଘାଣ୍ଟି ହେଉଛନ୍ତି ନବରଙ୍ଗପୁର ଜିଲ୍ଲାବାସୀ

**ନବରଙ୍ଗପୁର, ୧୬।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜଳକଷ୍ଟରେ ଘାଣ୍ଟି ହେଉଥିବା ନବରଙ୍ଗପୁର ଜିଲ୍ଲାବାସୀ ଏବର୍ଷ ବି ପିଇବାକୁ ପାଇବେନି ପାଣି । ଖରାଦିନ ଆସିବା ଆଗରୁ ଏମିତି ସଙ୍କେତ ଜଳ ଜଳ ଦିଶିଲାଣି । ଜିଲ୍ଲାରେ ଭୂତଳ ଜଳସ୍ତର ଅତି ବିପଜ୍ଜନକ ଭାବେ ତଳକୁ ଖସି ଯାଇଥିଲାବେଳେ ଜନବସତି ଗୁଡିକୁ ପାଇପ ପାଣି ଯୋଗାଣ ବି ବିଶେଷ ଆଗେଇ ପାରିନି । ଚନ୍ଦାହାଣ୍ଡି, ଝରିଗାଁ, ରାଇଘର, ଉମରକୋଟ, କୋଷାଗୁମୁଡା, ପାପଡାହାଣ୍ଡି, ନନ୍ଦାହାଣ୍ଡି, ତେନ୍ତୁଳିଖୁଣ୍ଟି ଆଦି ବ୍ଲକର ଅଧିକାଂଶ ଅଞ୍ଚଳରେ ନଳକୂପରୁ ଖରାଦିନେ ପାଣି ବାହାରିବ ନାହିଁ । ତେଣୁ ଜିଲ୍ଲାରେ ଜଳ ସଙ୍କଟ ଦେଖା ଦେବା ଏକପ୍ରକାର ନିଶ୍ଚିତ । ଜିଲ୍ଲାର ୧୦ ବ୍ଲକରେ ୧୮୯ଟି ପଞ୍ଚାୟତରେ ୮୫୫ଟି ରାଜସ୍ୱ ଗାଁ, ୨୪୧୫ ପଡାଗାଁ ଏଭଳି ୩୨୭୦ଗାଁରେ ୩ଲକ୍ଷ ୯ହଜାର ୩୨୬ଟି ଘର ରହିଥିବା ବେଳେ ୧୩ଲକ୍ଷ ୨୨ହଜାର ୨୨୭ଜଣ ବସବାସ କରୁଛନ୍ତି ।

ଅପରପକ୍ଷରେ ଜିଲ୍ଲାରେ ଏବେ



୧୮,୮୨୨ଟି ନଳକୂଅ, ପାଇପ୍ ୱାଟର ସପ୍ଲାଇ ୪୦୫ଟି, ସହ ଜାତୀୟ ଗ୍ରାମୀଣ ପାନୀୟ ଜଳ କାର୍ଯ୍ୟକ୍ରମ (ଅଧୀନରେ ଭାରତରେ ଗ୍ରାମୀଣ ପାନୀୟ ଜଳ ଯୋଗାଣ ପାଇଁ ପ୍ରତିଦିନ ମୁଣ୍ଡପିଛା ୪୦ଲିଟର ୧୯୬ଟି ୭୦ଲିଟର ୨୦୯ଟି , ୫୧୪ଟି ସୋଲାର ଜଳଯୋଗାଣ ହେଉଛି । ସ୍ୱୟନିଯୁକ୍ତି ମେକାନିକ୍ ବା ଏସଇଏମ୍ ୪୮୮ଜଣ ରହି ଗ୍ରାମୀଣ ଜଳଯୋଗାଣ ପ୍ରକଳ୍ପର ପମ୍ପ ଅପରେଟର ଭାବେ ପରିଚାଳନା ଓ ରକ୍ଷଣାବେକ୍ଷଣ କରୁଛନ୍ତି । ୮୧୦ଟି ଗ୍ରାମୀଣ ଜଳଯୋଗାଣ ପ୍ରକଳ୍ପରେ ଏବେ ୩୨୨ଟି ପଦବୀ ଖାଲି ପଡିଛି । ଏପଟେ ଦୀର୍ଘଦିନ ଧରି ଜିଲ୍ଲାରେ ଚାଲିଥିବା ପାଇପ ଜଳ ପ୍ରକଳ୍ପ, ୬ ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପ ଗୁଡିକର କାମ ସରିବାର ନାଁ ଧରୁନି ।

ପାଣି ନ ପାଇ ନବରଙ୍ଗପୁର ଜିଲ୍ଲାର ନନ୍ଦାହାଣ୍ଡି ବ୍ଲକର ବି ମାଳିଗୁଡାର ପାଇକ ମିନିଗୁଡି ସାହିରେ ଗ୍ରାମବାସୀମାନେ ମେ' ମାସରେ ତତ୍କାଳୀନ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରି ଏକ ଦାବିପତ୍ର ଦେଇଥିଲେ । ତା'ପରେ ବି ଏହାର ସମାଧାନ ହୋଇପାରିନି । ବାରମ୍ବାର ବ୍ଲକ ପ୍ରଶାସନକୁ ଜଣାଇଲେ ବି ପଦକ୍ଷେପ ନେଉ ନଥିବା ନନ୍ଦାହାଣ୍ଡି ବ୍ଲକର ପାଇକମିନିଗୁଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଝରିଗାଁ, ଚନ୍ଦାହାଣ୍ଡି, ନନ୍ଦାହାଣ୍ଡି ସହ ସଦରନବରଙ୍ଗପୁର ବ୍ଲକର ବିଭିନ୍ନ ଗାଁରେ ଥିବା ନଳକୂଅରୁ ପାଣି ସଠିକ ଭାବେ ବାହାରୁ ନଥିବା ବେଳେ ସବୁ ବେଳେ ପାଣି ପାଇଁ ଗଣ୍ଡଗୋଳ ଓ ମାରପିଟ୍ ହେବାକୁ ପଡୁଛି ବୋଲି ବହୁ ସିନ୍ଦିଗାଁ ସରପଞ୍ଚ ବେଦବ୍ୟାସ ଭତରାଙ୍କ ସହ ନବରଙ୍ଗପୁର ବ୍ଲକର ବହୁ ସରପଞ୍ଚ ଓ ସମିତିସଭ୍ୟ ଅଭିଯୋଗ କରିଛନ୍ତି । ଜିଲ୍ଲାପରିଷଦ ଅଧକ୍ଷ ମୋତିରାମ ନାୟକ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପାପାଡାହାଣ୍ଡି ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରା, ବାବୁଲି ମିଶ୍ର ଆଦି ବାରମ୍ବାର ବିଭିନ୍ନ ଗାଁରେ ନୂଆ ନଳକୂଅ ଖନନ୍ ଓ ଜିଲ୍ଲାରେ ଖରାପ ହୋଇ ପଡିଥିବା ୪୨୨ଟିକୁ ସଜାଡିବାକୁ କହି କହି ଥକ୍କି ପଡିଥିବା ଉଭୟ କହିଛନ୍ତି । ପାଣି ପାଇଁ ଗାଁ ଗୁଡିକରେ ସାମାନ୍ୟ ପାଣି ପାଇଁ ମହାଭାରତ ହେଉଛି, କେତେ ଲୋକଙ୍କୁ ବୁଝାଇବୁବୋଲି ଏମାନେ କହିଛନ୍ତି । ପାଣି ପାଇଁ ଗ୍ରାମବାସୀଙ୍କୁ ନେଇ ରାଜରାସ୍ତାକୁ ଓହ୍ଲାଇବାକୁ ପ୍ରଶାସନ ବାଧ୍ୟ ନ କରୁ ବୋଲି ଏମାନେ କହିଛନ୍ତି । ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁ କୌଣସି ଗାଁରେ ପାନୀୟ ଜଳ ସମସ୍ୟା ନ ହୁଏ ସେ ଦିଗରେ ଗ୍ରାମ୍ୟ ଜଳଯୋଗାଣ ସମୀକ୍ଷା ବେଳେ ଗ୍ରାମ୍ୟ ଜଳଯୋଗାଣ ନିର୍ବାହୀ ଯନ୍ତ୍ରୀଙ୍କୁ ତାଗିଦ୍ କରିଥିଲେ । କୌଣସି ଗାଁରେ ଏଭଳି ସମସ୍ୟା ଉପୁଜିଲେ ତୁରନ୍ତ ଜିଲ୍ଲାପାଳଙ୍କୁ ଯୋଗାଯୋଗ କରିବାକୁ କହିଛନ୍ତି ।

■ ଦଳକୁ ଆକ୍ଷେପ କରି ଦଳ ବିରୋଧୀ ମନ୍ତବ୍ୟ ଦେଇ ଦଳରୁ ତଡ଼ା ଖାଇଲେ ଯେ ଶାସକ ଦଳ ଫୁଲ ଚନ୍ଦନ ଦେଇ ପାଛୋଟି ନେବେ– ଏ ଆଶା କରିବା ଭୁଲ୍ । ନବାଗତଙ୍କୁ ସହଜେ ଯେ ବିଜେପି ଆଦରି ନେବ ଏବଂ ତାଙ୍କ ଦଳର ପୁରୁଣା କର୍ମୀମାନେ ଏହାକୁ ଗ୍ରହଣ କରିନେବେ ଏକଥା ଭାବିବା ଭୁଲ୍ । ତେଣୁ ରୋହୀ ମାଛର ଲାଞ୍ଜ ହେବା ଭଳି ପରିଚୟରେ ମଧ୍ୟ ଶାସକ ଦଳରେ ରହିବାକୁ ପଡ଼ିପାରେ । ■ ଏହାଠାରୁ ଭଲ ନୁହେଁ କି କେରାଣ୍ଡି ମାଛର ମୁଣ୍ଡ ହେବା ?


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୧୭ ଜାନୁଆରୀ ୨୦୨୬ | ଶନିବାର


# ଓଡ଼ିଶା ଏକ୍ସପ୍ରେସ୍

## ଅନେକେ ଚାହୁଁଛନ୍ତି ନିଲମ୍ବନ!

ବିଜେଡିରୁ ସନାତନ ମହାକୁଡ଼ ଏବଂ ଅରବିନ୍ଦ ମହାପାତ୍ରଙ୍କୁ ନିଲମ୍ବିତ କରିଛନ୍ତି ଦଳର ମୁଖିଆ ତଥା ସଭାପତି ନବୀନ ପଟ୍ଟନାୟକ । ଦଳ ବିରୋଧୀ ମନ୍ତବ୍ୟ ଏବଂ ଆଚରଣ ପାଇଁ ଏମାନଙ୍କୁ ଦଳରୁ ବାହାର କରାଯାଇଛି ବୋଲି ଚର୍ଚ୍ଚା ହେଉଛି ।

ଯେଉଁ କାରଣ ଦର୍ଶାଇ ଏ ଦୁଇଜଣଙ୍କୁ ବହିଷ୍କାର କରାଯାଇଥାଉନା କାହିଁକି ଏଥିରେ ଯେ ସେମାନେ ଖୁବ୍ ଗୋଟେ ମର୍ମାହତ ଏକଥା କହିବା ଭୁଲ୍ ହେବ । ବିଜେପି ଶାସନକୁ ଆସିବା ମାତ୍ର ଦେଢ଼ବର୍ଷ ହୋଇଛି, ଆହୁରି ସାଢ଼େ ୩ବର୍ଷ ବାକି ଅଛି ନିର୍ବାଚନକୁ । ତେଣୁ କ୍ଷମତା ବିନା କେବଳ ବିରୋଧୀ ଦଳରେ ରହିବାକୁ କେବେବି ଚାହାଁନ୍ତିନି ନେତାମାନେ । ଜଳ ବିହୁନେ ମାଛ ଭଳି ଅବସ୍ଥା ହୁଏ ନେତାମାନଙ୍କର କ୍ଷମତା ନଥିଲେ । ତେଣୁ ଅନେକ ଏବେ ବିଜେପି ମୁହାଁ ହେବାକୁ ଆରମ୍ଭ କରିଛନ୍ତି । ଅନେକେ ଚାହୁଁଛନ୍ତି ନିଲମ୍ବିତ ହେବାକୁ । ସିଧାସଳଖ ଦଳରୁ ଇସ୍ତଫା ଦେଇ ବାହାରିଗଲେ ଜନତା ସେମାନଙ୍କୁ ସୁବିଧାବାଦୀ କହିବେ– ଏ ଭୟ ମଧ୍ୟ ରହୁଛି । ତେଣୁ ନିଲମ୍ବିତ ହେଲେ ସେ ଭୟ ନାହିଁ । ମଞ୍ଜି କଥା କହିବାରୁ ଆମକୁ ଦଳରୁ ତଡ଼ା ଖାଇବାକୁ ପଡ଼ିଲା ବୋଲି ସେମାନେ ଜନତାଙ୍କୁ ବୁଝାଇ ଦେଇପାରିବେ । ଅନ୍ୟପଟେ ନିଜ ଦଳର ଦୋଷ ଦୁର୍ବଳତା ଆଡ଼କୁ ଆଙ୍ଗୁଠି ଦେଖାଇଲେ ଏବଂ ପରୋକ୍ଷରେ ଶାସକ ଦଳର ଜୟଗାନ କଲେ ଆଗକୁ ଶାସକ ଦଳରେ ମିଶିବାକୁ ସୁବିଧା ହେବ ଏଭଳି ଗୋଟିଚାଳନା ମଧ୍ୟ କରୁଛନ୍ତି କେହିକେହି । ଏବେଠୁ କ୍ଷେତ୍ର ପ୍ରସ୍ତୁତ କରୁଛନ୍ତି ଭବିଷ୍ୟତ ପାଇଁ ।

କଂଗ୍ରେସରେ ସବୁବେଳେ ଗୋଷ୍ଠୀକନ୍ଦଳ, ଯିଏ ମୁଖିଆ ହେଲା ଆଉ ଦଳେ ବିରୋଧ କରିବା କଂଗ୍ରେସର ଏକ ଚିରାଚରିତ ପ୍ରକୃତି । ନୂଆ ନେତା ଆସିଲେ ସମସ୍ୱରରେ କୁହନ୍ତି– ଆମେ ଏକାଠି ହୋଇ ମୁଖିଆଙ୍କୁ ସହଯୋଗ କରିବୁ । କିଛିଦିନ ପରେ ପୁଣି ବିରୋଧର ସ୍ୱର ଉଠେ । ଦଳ ଦଳ ହୋଇ ଦିଲ୍ଲୀ ଧାଁ ଲଗାନ୍ତି ରାଜ୍ୟ ମୁଖିଆଙ୍କୁ ପରିବର୍ତ୍ତନ କରିବା ପାଇଁ । ତେଣୁ କଂଗ୍ରେସ ଯେ ଆଗାମୀ ଦିନରେ ରାଜ୍ୟରେ ଶାସନ କରିବ ଏ ଆଶା ନାହିଁ । ବିଜେଡିର ଅବସ୍ଥା ମଧ୍ୟ ଅନୁରୂପ । ପାଣ୍ଡିଆନ ପ୍ରସଙ୍ଗ ସବୁବେଳେ ଉଷୁମ ରହୁଛି ଦଳରେ । ତାତି ଭାଙ୍ଗୁନି କି ନବୀନଙ୍କ ପାଣ୍ଡିଆନ ପ୍ରୀତି କମୁନି । ତେଣୁ ବିଜେଡି ଯେ ପୁଣିଥରେ ପାଣ୍ଡିଆନଙ୍କୁ ବାଦ୍ ଦେଇ କେବଳ ନବୀନଙ୍କୁ ନେଇ ନିର୍ବାଚନ ମଇଦାନକୁ ଓହ୍ଲାଇବ ଏ ଆଶା କରିପାରୁନାହାନ୍ତି ବିଜେଡିର କିଛି ନେତା । ତେଣୁ ସେମାନେ ଚାହୁଁଛନ୍ତି ଦଳରୁ ନିଲମ୍ବିତ ହେବାକୁ । ଯଦି ଶାସକ ଦଳରେ ସୁଯୋଗ ମିଳିଲା ପଶିଯାଇ ବିରୋଧୀଙ୍କ ଗୋଇ ଖୋଳିଲେ ଆଗାମୀ ଦିନରେ ହୁଏତ ଟିକେଟ ମିଳିଯାଇପାରେ, ନହେଲେ ମଧ୍ୟ ଶାସକ ଦଳ ସହିତ ରହିଲେ ଅନେକ ଲାଭ ରହିଛି । ପତିଆରା ଦେଖାଇ ହେବ ।

ରାଜ୍ୟରେ ବିରୋଧୀଙ୍କ ସ୍ୱର ଶାଣିତ ନୁହେଁ । ଏବେ ବିରୋଧୀଙ୍କ ହାତରେ ଅନେକ ଦମ୍‌ଦାର ପ୍ରସଙ୍ଗ ରହିଛି, ଯେଉଁଗୁଡ଼ିକ ଜନସ୍ୱାର୍ଥ ସମ୍ପର୍କିତ । ହେଲେ ତାକୁ ତେଜେଇ ରଖିପାରୁନାହାନ୍ତି ବିରୋଧୀ ଦଳ । ଏଇ ଯେମିତି– ଟାଟା କମ୍ପାନୀର ଅତିରିକ୍ତ ଜମାଦେୟ ପାଇଁ ଦାଦାଗିରି, ମହାନଦୀ ଜଳ ବିବାଦ, ଗାଡ଼ି ମୋଟର ଉପରେ ମନଇଚ୍ଛା ଜରିମାନା– ଏସବୁଥିରେ ଲୋକେ ଖୁବ୍ ଅସନ୍ତୁଷ୍ଟ । ଟ୍ୟାକ୍ସ ଜୁଲୁମ୍ ଚାଲିଛି ରାଜକୋଷ ଭରଣା କରିବା ପାଇଁ ବୋଲି ଲୋକେ କହୁଛନ୍ତି । ଏ ବେଳରେ ବିରୋଧୀ ଦଳମାନେ ଲୋକଙ୍କ ସହିତ ସ୍ୱର ମିଳାଇବା ଦରକାର ।

ଦଳକୁ ଆକ୍ଷେପ କରି ଦଳ ବିରୋଧୀ ମନ୍ତବ୍ୟ ଦେଇ ଦଳରୁ ତଡ଼ା ଖାଇଲେ ଯେ ଶାସକ ଦଳ ଫୁଲ ଚନ୍ଦନ ଦେଇ ପାଛୋଟି ନେବେ– ଏ ଆଶା କରିବା ଭୁଲ୍ । ନବାଗତଙ୍କୁ ସହଜେ ଯେ ବିଜେପି ଆଦରି ନେବ ଏବଂ ତାଙ୍କ ଦଳର ପୁରୁଣା କର୍ମୀମାନେ ଏହାକୁ ଗ୍ରହଣ କରିନେବେ ଏକଥା ଭାବିବା ଭୁଲ୍ । ତେଣୁ ରୋହୀ ମାଛର ଲାଞ୍ଜ ହେବା ଭଳି ପରିଚୟରେ ମଧ୍ୟ ଶାସକ ଦଳରେ ରହିବାକୁ ପଡ଼ିପାରେ । ଏହାଠାରୁ ଭଲ ନୁହେଁ କି କେରାଣ୍ଡି ମାଛର ମୁଣ୍ଡ ହେବା ?

# ଚାଣକ୍ୟ ନୀତି-ଚୈତନ୍ୟ ଗୀତି



## ଅଆ-ପଣକିଆ

**ବିଜୟ ଦାସ**

ଦ୍ୱାପରରୁ କଳିଯୁଗ । ଗୀତାରୁ ଚାଣକ୍ୟ ନୀତିଶାସ୍ତ୍ର । ଭଗବାନ ଶ୍ରୀକୃଷ୍ଣଙ୍କ ପରେ ଭକ୍ତ ଚାଣକ୍ୟଙ୍କ ପର୍ଯ୍ୟନ୍ତ, ସେହି ଏକା କର୍ମନୀତି । ପଣ୍ଡିତ କୌଟିଲ୍ୟ, ବିଷ୍ଣୁ ଶର୍ମା, ବାତ୍ସାୟନ ଇତ୍ୟାଦି ନାମର ଗୋଟିଏ ନାମ ଚାଣକ୍ୟ ବୋଲି କୁହାଯାଏ, ଯଦିଓ ବିବାଦୀୟ । କିନ୍ତୁ ବିଷ୍ଣୁପୁରାଣର ଚତୁର୍ଥ ଭାଗ ଚବିଶତମ ଅଧ୍ୟାୟରେ ଏକ ଭବିଷ୍ୟବାଣୀ ଥିଲା ଯାହା କି ପଞ୍ଚମ ଶତାବ୍ଦୀର, ପ୍ରାୟ ନିଶ୍ଚିତ ଥିଲା ଯେ କେହି ଜଣେ ପଣ୍ଡିତ ଉଭା ହେବେ ଏବଂ ଦ୍ୱାପରର କୁରୁବଂଶ ନାଶ ପରି ନନ୍ଦବଂଶକୁ ଧ୍ୱଂସ କରିବେ । ଧର୍ମର ସ୍ଥାପନା ହେବ ସୁକର୍ମ ଦ୍ୱାରା । ସତରେ ଚାଣକ୍ୟ ଉଭା ହେଲେ ଏବଂ ମାର୍ଗଦର୍ଶନର ଦାୟିତ୍ୱ ନେଇ ଜଣେ ଦାସୀପୁତ୍ର ଚନ୍ଦ୍ରଗୁପ୍ତକୁ ରାଜା କରାଇଲେ । ଯୁଗେ ଯୁଗେ ଅଧର୍ମ ଉପରେ ଧର୍ମର ବିଜୟ ହୋଇଛି ଏବଂ ନୀତି ଆଦର୍ଶର ସ୍ଥାପନା ହୋଇଛି । ଆମ୍ଭର ଚାଣକ୍ୟ ନୀତି ଶାସ୍ତ୍ର ନିଶ୍ଚେ ସେହି କ୍ରମରେ ଏକ କଳିଯୁଗର କାର୍ମିକ ଗୀତା ।

ଏଠାରେ ଗୀତାର ସେହି ପଙ୍‌କ୍ତି 'କର୍ମଣେ ବାଧିକା ରସ୍ତେ ମା ଫଳେଷୁ କଦାଚନ'ର ମହତ୍ତ୍ୱ ଅଧିକ । ସୁକର୍ମ କରିଚାଲ, ଫଳ ପାଇଁ ଚିନ୍ତା କରନାହିଁ । ସେହି ସୁକର୍ମର ମାର୍ଗଦର୍ଶିକା ହେଉଛି ଚାଣକ୍ୟ ନୀତିଶାସ୍ତ୍ର । ସୁଖଦ ଜୀବନଚର୍ଯ୍ୟା ପାଇଁ ଯେଉଁ କେତେକ ନୀତି ଆଦର୍ଶ ଅନୁସରଣ କରିବାକୁ ପଡ଼େ, ତାହାର ଏକ ବିସ୍ତୃତ ବିବରଣୀ । ଯେପରିକି ଶିଶୁର ଲାଳନ ପାଳନ ଠାରୁ ତା'ର କ୍ରମବିକାଶ, ବୌଦ୍ଧିକତା ଓ ସୁନାଗରିକ ହେବାର ଚେତନା । 'ଲାଳୟତେ ପଞ୍ଚର୍ଷୋଣି... ପୁତ୍ରଂ ମିତ୍ରଂ ଇବ ଆଚରେତ୍' ହେଉଛି ଶିଶୁ ବିକାଶ ନୀତିନିୟମ । ଶୃଙ୍ଖଳିତ ଜୀବନଚର୍ଯ୍ୟା ପାଇଁ ଚାଣକ୍ୟ ନୀତିଶାସ୍ତ୍ରରେ ଚଳଣିର ପ୍ରତ୍ୟେକ ପାହାଚରେ ଆଦର୍ଶଗତ ଉପଦେଶ ରହିଛି । ଶାସ୍ତ୍ର ପଠନ ଦ୍ୱାରା କର୍ମର ଜ୍ଞାନ ହେଉଛି ପ୍ରଥମ ଆହ୍ୱାନ । କର୍ତ୍ତବ୍ୟର ନୀତି ନିୟମ ଜ୍ଞାତ ହେବା ପାଇଁ, କ'ଣ ଅନୁସରଣ କରିବା, କ'ଣ କରିବା ନାହିଁ, କ'ଣ ଭଲ ଆଉ କ'ଣ ଭୁଲ୍, ତାହାହିଁ ତ ଚାଣକ୍ୟ ନୀତିଶାସ୍ତ୍ର ।

ଏମିତିରେ ଗୋଟିଏ ବା ଜଣେ ଶିଷ୍ୟ ପାଇଁ ଗୁରୁ ଅନୁତାପ କରେ, ଯଦି ଶିଷ୍ୟଟି ବେକା ହୋଇଥାଏ । ସମାଜର ବିକାଶ ପାଇଁ ମୁଁ ତାହା କରିବି ଯାହା ସାମାଜିକ ସଠିକ୍ ଦିଗକୁ ବୁଝାଉଥିବ । ଜଣେ ଦୁଷ୍ଟ ସ୍ତ୍ରୀ, ଜଣେ ଛଳନାମୟ ବନ୍ଧୁ, ଜଣେ ଖୋସାମତିଆ ଚାକର ଓ ଗୋଟିଏ ବିଷାକ୍ତ ସାପ ସହ ସମୟ ବିତେଇବା ଅର୍ଥ ମୃତ୍ୟୁକୁ ଆହ୍ୱାନ କରିବା । ଦୁର୍ଦ୍ଦିନ ପାଇଁ ଧନ ସଂଚୟ ଅପରିହାର୍ଯ୍ୟ, ନିଜ ଧନ ବଦଳରେ ସ୍ତ୍ରୀକୁ ବଞ୍ଚାଇବା ଏବଂ ସ୍ତ୍ରୀ, ଧନ ବିନିମୟରେ ନିଜର ଆତ୍ମାକୁ ଶୁଦ୍ଧ ରଖିବା ପରି ନୀତିନିୟମ ନିଶ୍ଚେ ଚାଣକ୍ୟଙ୍କ ବାଣୀ । ଧନିକର ଦୁର୍ଦ୍ଦିନକୁ କି ଭୟ? ଏହା ଏକ ବୋକା ମଣିଷର ଅଭିବ୍ୟକ୍ତି । ବିପଦ କେତେବେଳେ ଆସି ଦରିଦ୍ର କରିଦେବ କେହି ଜାଣେ ନାହିଁ । ଅତଏବ ମାଘ ମାସରେ ବିହ୍ୱଳ ହୁଅନାହିଁ, ମେଘ ମାସ ପାଇଁ ସଞ୍ଚୟ କର ।

ଏମିତି ଏକ ସ୍ଥାନରେ ବାସ କରନାହିଁ, ଯେଉଁଠାରେ ତୁମେ ସମ୍ମାନ ପାଉନାହଁ । କାରଣ ଏଠାରେ ନା ତୁମେ ଜୀବିକାରୁ ଉପାର୍ଜନ କରିପାରିବ, ନା ବନ୍ଧୁ ପାଇବ ନା ତୁମେ ଜ୍ଞାନ ଆହରଣ କରିପାରିବ । ଯଦି ଏହି ପାଞ୍ଚଜଣ ପାଖରେ ନଥିବେ, ତେବେ ସେଠାରେ ମଧ୍ୟ ବାସ କରନାହିଁ । ପ୍ରଥମରେ ଯଦି ଧନୀ ବ୍ୟକ୍ତି ନଥିବେ, ଦ୍ୱିତୀୟରେ ଯଦି ବ୍ରହ୍ମ ଜାଣିନଥିବା ବ୍ରାହ୍ମଣ ନଥିବେ, ତୃତୀୟ ଯଦି ଶାସକ ନଥିବେ, ଚତୁର୍ଥରେ ଯଦି ନଦୀ ନଥିବ ଏବଂ ପଞ୍ଚମରେ ଯଦି ବୈଦ୍ୟ ନଥିବ । ଯଦି ସେହି ଜନପଦରେ ଜନତା ମୁହଁରେ ଲଜ୍ଜା ନଥିବ, ପରସ୍ପର ପ୍ରତି ସ୍ନେହ ଆଦର ନଥିବ, କର୍ମ ସଂସ୍ଥାନ ନଥିବ, ଜ୍ଞାନର ଚିହ୍ନ ନଥିବ ବା ଦୟା, ଦାନର ଧାରା ନଥିବ, ତାହା ହେଲେ ସେଠାରେ ବସବାସ କରିବା ଉଚିତ୍ ନୁହେଁ ।

ପ୍ରତ୍ୟେକ ମଣିଷ ଏସବୁ ମଣିଷକୁ ପରୀକ୍ଷା କରିଦେବା ଉଚିତ୍ । ଚାକରର କର୍ତ୍ତବ୍ୟବୋଧକୁ, ବିପଦ ସମୟରେ ସମ୍ପର୍କୀୟଙ୍କୁ, ଦୁଃଖ ସମୟରେ ବନ୍ଧୁକୁ ଓ ଦୁର୍ଭାଗ୍ୟ ସମୟରେ ସ୍ତ୍ରୀକୁ । ସେ ବନ୍ଧୁ ବନ୍ଧୁ ନୁହେଁ ଯିଏ ବିପଦ ସମୟରେ ଧୋକାଦିଏ । ଅବଶ୍ୟକସ୍ଥଳେ, ଦୁର୍ଭାଗ୍ୟ ସମୟରେ, ଦୁର୍ଭିକ୍ଷରେ, ଯୁଦ୍ଧରେ, ନ୍ୟାୟାଳୟରେ ଏବଂ ଶ୍ମଶାନରେ ଯଦି ବନ୍ଧୁ ସାଥୀରେ ନ ରହିଲା ତେବେ ସେ ବନ୍ଧୁ ନୁହେଁ । ଯେଉଁ ବ୍ୟକ୍ତି ଶାଶ୍ୱତ ଓ ଅକ୍ଷୟ ପଦାର୍ଥକୁ ଛାଡ଼ି ଅଳିକ ସୁଖକୁ ସାଥି କରେ, ସେ ସ୍ଥାୟୀତ୍ୱକୁ ତ ହରାଏ କମ୍ ସମୟ ଅଳିକ ସୁଖକୁ ବି ହାତଛଡ଼ା କରେ । ବିବାହ ସମ୍ବନ୍ଧରେ ଚାଣକ୍ୟ ନୀତି ଏକ ସୁନ୍ଦର କଥା କହେ । ବଂଶଜ କୁଳୀନ କନ୍ୟା ପଛେ କାଳିକୋଟରି ହେଉଥାଉ, ତାକୁ ବିବାହ କର, କିନ୍ତୁ ବଂଶ ପରିଚୟ ହୀନ ସୁନ୍ଦରୀ ନାରୀର ହାତ ଧରିନାହିଁ । ନିଚ ମନୋବୃତ୍ତିର ପରିବାର, ଅହଂକାର ଯୁକ୍ତ ବଂଶ ସହିତ ସମ୍ପର୍କ ନିଜର ନିଜତ୍ୱକୁ ତଳେ ପକାଇବା ସାର । ବିବାହ ସମାସ୍କନ୍ଧ ବଂଶ ଭିତରେ ହେବା ଆବଶ୍ୟକ ।

କାହାକୁ କାହାକୁ ବିଶ୍ୱାସ କରିବାକୁ ବାରଣ କରିଛନ୍ତି ଚାଣକ୍ୟ, କହିବା । ନଦୀକୁ ବିଶ୍ୱାସ ନାହିଁ, ଅସ୍ତ୍ରଧାରୀକୁ ବିଶ୍ୱାସ ନାହିଁ, ଶିଙ୍ଗ ଓ ଦାନ୍ତ ଯୁକ୍ତ ପଶୁଙ୍କୁ, ନାରୀକୁ ଏବଂ ରାଜଉଆସର ବ୍ୟକ୍ତିମାନଙ୍କୁ । ବିଷରୁ ମଧୁ ସଂଗ୍ରହ କର, ପଙ୍କରେ ପଡ଼ିଥିଲେ ବି ସୁନାକୁ ଗ୍ରହଣ କର, ନୀଚ ଜାତିର ହେଲେ ବି ଜ୍ଞାନଠାରୁ ଜ୍ଞାନ ନିଅ ଓ ସର୍ବଗୁଣ ସମ୍ପନ୍ନା ହୋଇଥିଲେ ନୀଚକୁଳରୁ କନ୍ୟା ଗ୍ରହଣ କରିବା ବିଜ୍ଞତାର ପରିଚୟ । ନାରୀର କ୍ଷୁଧା ଦୁଇଗୁଣ, କୋମଳତା ଚାରିଗୁଣ, ଉଦଣ୍ଡତା/ଉଦ୍ଦାମତା ଛଅଗୁଣ ଏବଂ କାମନା ବାସନା ଆଠଗୁଣ ଅଧିକ ପୁରୁଷଠାରୁ । ଏହିପରି ଅନେକ ଶାସ୍ତ୍ରନୀତିର ପ୍ରଣେତା ଚାଣକ୍ୟ ଜଣେ ସୁକର୍ମର ମାର୍ଗଦର୍ଶକ ଥିଲେ ନିଶ୍ଚୟ, କିନ୍ତୁ ଧାର୍ମିକ କର୍ମରୁ କାର୍ମିକ ଧର୍ମର ପରିବର୍ତ୍ତକ ଥିଲେ ।

### ଚୈତନ୍ୟ ଗୀତି

ଏହା ଏକ ମହାର୍ଘ ମୁହୂର୍ତ୍ତ ଯେତେବେଳେ ଚାଣକ୍ୟଙ୍କ ସହିତ ଚୈତନ୍ୟଙ୍କୁ ଆମ୍ଭେ ସମ୍ମିଳୀତ କରିବାକୁ ଚାହୁଁଛୁ । ପ୍ରଥମେ କହିରଖେ ଚାଣକ୍ୟ ଓ ଚୈତନ୍ୟ ଉଭୟେ ଶ୍ରୀକୃଷ୍ଣଙ୍କ ଭକ୍ତ, ଅନୁଗତ ଓ ପ୍ରଚାରକ । ଚାଣକ୍ୟ ଗୀତାର ଅନୁସରଣକାରୀ ତ ଚୈତନ୍ୟ ଶ୍ରୀକୃଷ୍ଣଙ୍କ ଧର୍ମବାଣୀର । ଜଣେ ଜୀବନଚର୍ଯ୍ୟାର କର୍ମକୁ ଓ ଅନ୍ୟଜଣେ ଜୀବନର ଧର୍ମକୁ ପ୍ରଚାରିତ ପ୍ରସାରିତ କରିଅଛନ୍ତି । ଏଠାରେ ଚୈତନ୍ୟ ଗୀତ ଭିତରେ ଚେତନାର ନୀତିଶାସ୍ତ୍ର ଠିକ୍ ଚାଣକ୍ୟଙ୍କ ନୀତିଶାସ୍ତ୍ର ପରି ।

'ହରେ ରାମ ହରେ ରାମ
ରାମ ରାମ ହରେ ହରେ
ହରେ କୃଷ୍ଣ ହରେ କୃଷ୍ଣ
କୃଷ୍ଣ କୃଷ୍ଣ ହରେ ହରେ ।'

ଏମନ୍ତ ମହାମନ୍ତ୍ରୀ ପ୍ରବକ୍ତା ଶ୍ରୀଚୈତନ୍ୟ ଦେବ ନିଶ୍ଚେ ସାଂସାରିକ ମଣିଷ ଭିତରେ ଶୁଦ୍ଧପୂତ ଭାବନାକୁ ସଂଜୀବିତ କରି ରଖିବାର ସଞ୍ଜିବନୀ ଦେଇଛନ୍ତି । ଏଠାରେ ଆକ୍ଷରିକ ନ ହେଲେ ମଧ୍ୟ ଗୋଟିଏ ଶବ୍ଦ ବେଶ ରୋଚକ ଶବ୍ଦ । ସେ ହେଉଛି ହରେ । ହରେ ଅର୍ଥ କିଏ କ'ଣ ବୁଝେ ଜାଣେନା, ମୁଁ କିନ୍ତୁ ବୁଝେ ହରି । ଯେ ହରି ସେ ରାମ, ସେ କୃଷ୍ଣ । ସେ ତ୍ରେତୟା, ସେ ଦ୍ୱାପର, ସେ କଳି ଓ ସେ ସତ୍ୟ ଯୁଗ। ମୁଁ ସେ ହିଁ ହରି ନାମର ନିରନ୍ତର ଉଚ୍ଚାରଣ କରୁଛି ଯିଏ ମୋ ଦେହର ମୋ ଆତ୍ମାର ପରମାତ୍ମା । ଚୈତନ୍ୟ ଗୀତି ଏକ ସନ୍ନ୍ୟାସିକ ସଂସାର ତ୍ୟାଗର ଭଜନ ନୁହେଁ, ବରଂ ସାଂସାରିକ ଜୀବନର ଅମୃତମୟ ଉଚ୍ଚାରଣ । ପରମାତ୍ମାଙ୍କର ନାମ ସଂକୀର୍ତ୍ତନ ଏକ ମୁକ୍ତିର ମାର୍ଗ ନୁହେଁ ବରଂ ଏକ ମୁକ୍ତିର ମୁକ୍ତ ଘର । ଚେତନାର ଊର୍ଦ୍ଧ୍ୱ ଗମନ।

ହିନ୍ଦୁଧର୍ମରେ ମଣିଷର ଜନ୍ମରେ ସତ୍ୟନାରାୟଣ ପୂଜନ ଓ ମୃତ୍ୟୁରେ ରାମନାମ ସତ୍ୟର ଭଜନ ବାସ୍ତବିକ ଧାର୍ମିକ ନୀତି । କହି ରଖେ ବିଶ୍ୱାମିତ୍ରଙ୍କର ଉଚ୍ଚାରଣ 'ରାମନାମ ସତ୍ୟ' ହିଁ ଅବଧାରିତ ଆଜି ପର୍ଯ୍ୟନ୍ତ । ମୋହମାୟାର ସଂସାର ଭିତରେ ଆତ୍ମାକୁ ଶୁଦ୍ଧ ରଖିବାକୁ ମହାମନ୍ତ୍ରୀ ଆବଶ୍ୟକତା ଅଛି ବୋଲି ଶ୍ରୀଚୈତନ୍ୟଙ୍କର ଉପଦେଶ । ଯେପରି ଶ୍ରୀକୃଷ୍ଣଙ୍କର ଗୁରୁ ସନ୍ଦିପନୀ ଥିଲେ, ସେହିପରି ଶ୍ରୀଚୈତନ୍ୟଙ୍କର ମନ୍ତ୍ରଗୁରୁ ଥିଲେ ସ୍ୱାମୀ ଈଶ୍ୱର ପୁରି । ସଂସାର ତ୍ୟାଗୀ ହେବାରୁ ତାଙ୍କର ସନ୍ନ୍ୟାସ ଗୁରୁ ଥିଲେ ସ୍ୱାମୀ କେଶବ ଭାରତୀ । ଶ୍ରୀକୃଷ୍ଣ ଯେହେତୁ ସଂସାର ତ୍ୟାଗୀ ନଥିଲେ, ଏଣୁ ସନ୍ନ୍ୟାସ ଗୁରୁର ଆବଶ୍ୟକତା ନଥିଲା । ଭକ୍ତିଯୋଗର ପ୍ରବକ୍ତା ଥିଲେ ଶ୍ରୀଚୈତନ୍ୟ । ଶିକ୍ଷାଷ୍ଟକମ୍ ବା ଭକ୍ତିଗୀତର ଆଠଟି ଭାଗକୁ ରଚନା କରିଥିଲେ । ଶ୍ରୀକୃଷ୍ଣଙ୍କର କାହ୍ନା, ବାସୁଦେବ, ମୋହନ ନାମ ପରି ଶ୍ରୀଚୈତନ୍ୟଙ୍କର ଗୌରାଙ୍ଗ, ନିମାଇ ଇତ୍ୟାଦି ନାମ ଥିଲା ।

ଗୌଡ଼ିୟ ବୈଷ୍ଣବଧାରା ଓ ଭକ୍ତିବିପ୍ଳବର ସୂତ୍ରଧର ଥିଲେ ସେ । ନାମ ସଂକୀର୍ତ୍ତନର ପ୍ରବର୍ତ୍ତକ ଓ ରାଧାକୃଷ୍ଣର ଅନନ୍ୟ ସଂଯୋଜକ ଥିଲେ ଶ୍ରୀଚୈତନ୍ୟ ଦେବ । ସଂକ୍ଷେପରେ ସେଥିଲେ (୧) ଗୌଡ଼ିୟ ବୈଷ୍ଣବ ଧାରାର ସଂସ୍ଥାପକ (୨) ବିକାଶ ପୁରୁଷ (୩) ନାମ ସଂକୀର୍ତ୍ତନର ଉଦ୍‌ଘାଟନର ଉଦ୍‌ଘାଟକ (୪) ଶ୍ରୀକୃଷ୍ଣଙ୍କର ଅଂଶବିଶେଷ (୫) ସାମାଜିକଗତ ଆଧ୍ୟାତ୍ମିକତାର ପୁନଃ ସଂସ୍ଥାପକ । ସାମାଜିକ ନ୍ୟାୟ, ଦୟାଭାବ ଓ ଭକ୍ତିଭାବର ମୂର୍ତ୍ତିମନ୍ତ ପ୍ରତୀକ ଚ(୬) ଅନନ୍ୟ ଜ୍ଞାନୀ ଓ ଭକ୍ତ ।

ପନ୍ଦର ଶହ ଶତାବ୍ଦୀର ଏହି ଧାର୍ମିକ ମହାନାୟକ ଗୀତାସ୍ରଷ୍ଟା ଶ୍ରୀକୃଷ୍ଣଙ୍କର ଗୁଣଗାନ କରୁଥିବା ବେଳେ ପ୍ରାୟ ପଞ୍ଚମ ଶତାବ୍ଦୀରେ ଚାଣକ୍ୟ ଗୀତାଜ୍ଞାନର ପ୍ରବକ୍ତା ଥିଲେ । ଯୁଗଧର୍ମର ପ୍ରଚାରକ ଭାବେ ଉଭା ହୋଇଥିବା ଶ୍ରୀଚୈତନ୍ୟ ନିଶ୍ଚେ ସାଂସାରିକ ଜୀବନରେ ଶାନ୍ତିର ବାର୍ତ୍ତା ଦେଇଥିଲେ । ଅଚିନ୍ତ୍ୟ ଭେଦାଭେଦରେ ଆତ୍ମା ଓ ପରମାତ୍ମାର ଏକକତ୍ୱ ଉପରେ ବିଶେଷ ବ୍ୟାଖ୍ୟା କରିଥିଲେ, ଯାହାକି ବିଶେଷତଃ ପୂର୍ବଭାରତରେ ଯଥା ମଣିପୁର, ବଙ୍ଗ ଓ ଓଡ଼ିଶାରେ ଏକ ପ୍ରେମଭକ୍ତି ଓ ସହନଶୀଳତାର ଧାରା ବୁହାଇଥିଲା । ଚୈତନ୍ୟ ଗୀତି ଏକ ନୃତ୍ୟଗୀତର ମୂଳପିଣ୍ଡ । ବେଦାନ୍ତଦର୍ଶନର ଏକ ସରଳ ବିଶ୍ଳେଷଣ, ଯାହାକି ଯେକୌଣସି ମଣିଷ ପାଇଁ ସହଜସାଧ୍ୟ ।

ଶିକ୍ଷାଷ୍ଟମକମ୍ ନିଶ୍ଚେ ଭକ୍ତିର ଆଠଟି ଧାରା । ରାଧାକୃଷ୍ଣ ଭିନ୍ନ ପୁଣି ଅଭିନ୍ନ । ଗୌଡ଼ିୟ ବୈଷ୍ଣବ ଧର୍ମୀଙ୍କ ମଧ୍ୟରେ ସେ ହିଁ ସ୍ୱୟଂ ଭଗବାନ, ବିଷ୍ଣୁ, ନାରାୟଣ ଓ ଜଗନ୍ନାଥ । ନବଦ୍ୱୀପରୁ ଗୟା ପୁଣି ଗୟାରୁ ପୁରୀର ଯାତ୍ରା ଭିତରେ ନିମାଇ ପାଲଟି ଯାଇଥିଲେ ଶ୍ରୀଚୈତନ୍ୟ ମହାପ୍ରଭୁ । କୃଷ୍ଣଭକ୍ତି ଓ ସାମୂହିକ ସଂକୀର୍ତ୍ତନ ଭିତରେ ଅଦ୍ୱୈତ ବେଦାନ୍ତରୁ ଦିଗ୍‌ବିଜୟ କରିଥିଲେ ଯୁକ୍ତି ଓ ଦର୍ଶନରେ । ବୃନ୍ଦାବନରେ ୧୫୧୫ ମସିହାରେ ସନାତନ ଗୋସ୍ୱାମୀ ଓ ରୂପା ଗୋସ୍ୱାମୀଙ୍କୁ ନିର୍ଦ୍ଦେଶ ଦେଇ ଆସିଥିଲେ ପୁରୀଧାମକୁ । ଯେଉଁଠାରେ ପ୍ରାୟ ଦୁଇ ଦଶନ୍ଧି ଧରି ରହିଥିଲେ ମହାପ୍ରୟାଣ ପର୍ଯ୍ୟନ୍ତ ।

କୃଷ୍ଣ ଚୈତନ୍ୟ–ଚରିତାମୃତରେ ମୁରାରୀ ଗୁପ୍ତା ଲେଖିଥିବା ତଥ୍ୟ ଯଦିଓ ବିଧିବଦ୍ଧ ପୁସ୍ତକ ନଥିଲା, ତଥାପି ଏହା ଅନ୍ୟ ରଚୟିତାଙ୍କ ପାଇଁ ଥିଲା ମାର୍ଗଦର୍ଶକ । ସେ ଯାହା ହେଉନା କାହିଁକି ଚୈତନ୍ୟ ଗୀତି ଏକ ଧାର୍ମିକ ବାଣୀ ସମ୍ବନ୍ଧିତ ହୋଇପାରେ, ଏହା କିନ୍ତୁ ମାର୍ମିକ ଉଚ୍ଛ୍ୱାସ । ଯେପରି ଚାଣକ୍ୟଙ୍କର ନୀତିଶାସ୍ତ୍ର ଏକ କାର୍ମିକ ଗ୍ରନ୍ଥ, ସେହିପରି ଶ୍ରୀଚୈତନ୍ୟଙ୍କର ଗୀତି ଏକ ଧାର୍ମିକ ଗ୍ରନ୍ଥ । ଅତଏବ କର୍ମ ଓ ଧର୍ମର ଅନୁସରଣରେ ମାନବଜୀବନ ସଫଳ ହେବ ।


*ଅନନ୍ତବିହାର, ଫେଜ୍–୨,*
*ପୋଖରୀପୁଟ, ଭୁବନେଶ୍ୱର*
*ମୋ. ୯୩୪୮୯୩୭୫୨*


# ବଙ୍ଗଳାଦେଶରେ ହିନ୍ଦୁ ବିରୋଧୀ ହିଂସା

**■ ସୌଭାଗ୍ୟ ରଂଜନ ମହାନ୍ତି ■**

ବଙ୍ଗଳା ଦେଶରେ ଭିଡ ହିଂସାରେ ଦୀପୁ ଚନ୍ଦ୍ର ଦାସଙ୍କ ହତ୍ୟା ଘଟଣା, ଯାହାକି କେବଳ ଭାରତ ନୁହେଁ, ବିଶ୍ୱବାସୀଙ୍କୁ ସ୍ତମ୍ଭିଭୂତ କରିଦେଇଛି, ଏହା ହିନ୍ଦୁଙ୍କ ପ୍ରତି ଅସହିଷ୍ଣୁତା କେତେ ନିଷ୍ଠୁର, ନୃଂଶସ ତାହ ସ୍ପଷ୍ଟ ବୁଝାପଡ଼େ। କେବଳ ଏହା ଗୋଟିଏ ମାମଲା ନୁହେଁ, ବଙ୍ଗଳା ଦେଶରେ ସଂଖ୍ୟାଲଘୁ ବିଶେଷ କରି ହିନ୍ଦୁ ସମ୍ପ୍ରଦାୟ ବିରୁଦ୍ଧରେ ହିଂସା ଆୱାମୀ ଲିଗ୍ ନେତୃତ୍ୱାଧୀନ ଶେଖ୍ ହାସିନାଙ୍କ ସରକାରଙ୍କ ପତନ ପରେ ଲାଗିଛି। ସେହି ଦିନ ଠାରୁ ହିନ୍ଦୁ ସମ୍ପ୍ରଦାୟ ବିରୁଦ୍ଧରେ ଲାଗି ରହିଥିବା ଭିଡ ହିଂସା, ହତ୍ୟା, ଲୁଣ୍ଠନ, ନିର୍ଯାତନା ଥମିବାର ନାଁ ଧରୁନାହିଁ । କହିବା ବାହୁଲ୍ୟ ଯେ, ଜେଡ ଜେନ ବିଦ୍ରୋହ ଦ୍ୱାରା ଶେଖ୍ ହାସିନାଙ୍କ ସରକାରର ପତନ ପରଠାରୁ ହିନ୍ଦୁ ସମ୍ପ୍ରଦାୟ ବିରୁଦ୍ଧରେ ଧର୍ମାନ୍ଧ ବାଲାଂଦେଶୀଙ୍କ ହିଂସା ଲାଗି ରହିଥିବା ବେଳେ ଗତ ମାସରେ ଛାତ୍ର ନେତା ସରିଫ ଓସମାନ ହାଜିର ଅଜ୍ଞାନ ଦୁର୍ବୃତ୍ତଙ୍କ ଗୁଳିରେ ମୃତ୍ୟୁ ପରେ ହିନ୍ଦୁ ସମ୍ପ୍ରଦାୟ ବିରୁଦ୍ଧରେ ହିଂସା, ହତ୍ୟା, ନିର୍ଯାତନା, ଗୃହଦାହ ଆଦି ଘଟଣା ଉଗ୍ରରୂପ ନେଇଛି । ବଙ୍ଗଳାଦେଶରେ ମାସକ ମଧ୍ୟରେ ୧୦ଜଣ ହିନ୍ଦୁଙ୍କୁ ହତ୍ୟା କରାଯାଇଥିବାବେଳେ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱାଧୀନ କାମଚଳା ବା ଅନ୍ତରୀଣ ସରକାରଙ୍କର ହିଂସାମୁଖୀ ଧର୍ମାନ୍ଧ ମୁସଲିମଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କେବଳ ପ୍ରତିଶ୍ରୁତି, ଆଶ୍ୱାସନାରେ ସୀମିତ ରହିଥିବା ମନେହୁଏ। ୟୁନୁସ୍ ସରକାରଙ୍କ ଭିଡ ହିଂସା ରୋକିବାରେ ବ୍ୟର୍ଥତା, ନିଷ୍କ୍ରୀୟତା ବିଶ୍ୱ ସମୁଦାୟ ପାଇଁ ନୈରାଶ୍ୟ ଓ ଉଦ୍‌ବେଗର କାରଣ ହୋଇଛି । ପଡୋଶୀ ବଙ୍ଗଳାଦେଶରେ ସଂଖ୍ୟାଲଘୁ ହିନ୍ଦୁ ସମ୍ପ୍ରଦାୟ ବିରୁଦ୍ଧରେ ହିଂସା ବୃଦ୍ଧି ଭାରତ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଭାରତରେ ବଙ୍ଗଳାଦେଶ ବିରୋଧୀ ମନୋଭାବ ବୃଦ୍ଧି ପାଇବାରେ ଲାଗିଛି । ଏପରିକି କ୍ରିକେଟ ଉପରେ ଏହାର ପ୍ରଭାବ ଦେଖିବାକୁ ମିଳିଛି । ସମ୍ପ୍ରତି ଆଇପିଏଲରୁ ଜଣେ ବାଲାଂ ଖେଳାଳିଙ୍କୁ ବାହାର କରିଦିଆଯିବା ଘଟଣାରେ ଆଗାମୀ ଟି–୨୦ ବିଶ୍ୱ କପ୍ ମହାକୁମ୍ଭରେ ଭାରତ ମାଟିରେ ଖେଳିବାକୁ ବାଲାଂ କ୍ରିକେଟ ଟିମ୍ ଅନିଚ୍ଛା ପ୍ରକାଶ କରିଛି । ଉଭୟ ଦେଶ ପରସ୍ପରର ନାଗରିକମାନଙ୍କ ପାଇଁ ଭିସା ବନ୍ଦ କରିଦେଇଛନ୍ତି । ଭାରତରେ ବେଆଇନ ଭାବେ ରହିଥିବା ଅନୁପ୍ରବେଶକାରୀ ବାଲାଂଦେଶୀଙ୍କୁ ବହିଷ୍କାର ଅଭିଯାନ ଯୋରଦାର ହୋଇଛି। ସେହିପରି ବଙ୍ଗଳାଦେଶରେ ବୃଦ୍ଧି ପାଉଥିବା ଧର୍ମାନ୍ଧତା, ହିନ୍ଦୁ ବିରୋଧୀ ମନୋଭାବ ପ୍ରତି ଭାରତ ସତର୍କ ନଜର ରଖିଛି । ଉଲ୍ଲେଖ କରାଯାଇପାରେ, ବଙ୍ଗଳାଦେଶରେ କାମଚଳା ସରକାର କ୍ଷମତାସୀନ ହେବା ପରଠାରୁ ହିନ୍ଦୁ ବିରୋଧୀ ହିଂସା ଲାଗି ରହିଥିବାବେଳେ ଛାତ୍ରନେତା ହିନ୍ଦୁର ମୃତ୍ୟୁଠାରୁ ବର୍ତ୍ତମାନ ସୁଦ୍ଧା ୫୫ଟି ସଂଖ୍ୟାଲଘୁ ବିରୋଧୀ ହିଂସା ଘଟିଥିବାବେଳେ ଏଥି ମଧ୍ୟରେ ୧୦ଟି ହତ୍ୟା, ୧୦ଟି ଚୋରି ଡକାୟତ, ୨୩ଟି ଘର, ଦୋକାନ ଓ ମନ୍ଦିର ପୋଡାଜଳା ଘଟଣା ଘଟିଛି । ଆହୁରି ମଧ୍ୟ ବହୁ ହିନ୍ଦୁଙ୍କୁ ମିଥ୍ୟ ମାମଲାରେ ଖରିଫ କରାଯାଇଥିବାବେଳେ ବହୁ ବଳାତ୍କାର ଘଟଣା ଘଟିସାରିଲାଣି । କେବଳ ଏତିକି ନୁହେଁ, ବଙ୍ଗଳାଦେଶରେ ହେବାକୁ ଯାଉଥିବା ସାଧାରଣ ନିର୍ବାଚନରୁ ହିନ୍ଦୁମାନଙ୍କୁ ବଞ୍ଚିତ କରାଯାଇଛି । ଜଣେ ହିନ୍ଦୁ ଓକିଲଙ୍କ ପ୍ରାର୍ଥୀପତ୍ରକୁ ଜାଣିଶୁଣି ରିଟର୍ଣ୍ଣିଂ ଅଫିସର ଅଗ୍ରାହ୍ୟ କରିଦେବା ଏହାର ଜ୍ୱଳନ୍ତ ଉଦାହରଣ ବୋଲି କୁହାଯାଇପାରେ । ସେହିପରି ବଙ୍ଗଳାଦେଶର ସାଧାରଣ ନିର୍ବାଚନରୁ ଦେଶର ସର୍ବବୃହତମ ତଥା ସର୍ବ ପୁରାତନ ରାଜନୈତିକ ଦଳ ଆୱାମୀ ଲିଗ୍‌କୁ ବଞ୍ଚିତ କରାଯାଇଛି । ଦେଶର ନିର୍ବାଚନ କମିଶନର ଆୱାମୀ ଲିଗ୍‌ର ସ୍ୱୀକୃତି ପ୍ରତ୍ୟାହାର କରିନେଇଛନ୍ତି। ଯାହାର ପରିଣତି ସ୍ୱରୂପ ଆୱାମୀ ଲିଗ୍‌ର ନେତାମାନେ ସ୍ୱାଧୀନ ପ୍ରାର୍ଥୀଭାବେ ନାମାଙ୍କନ ଦାଖଲ କରିଥିବା ସତ୍ତ୍ୱେ ଜାଣିଶୁଣି ସେମାନଙ୍କ ପ୍ରାର୍ଥିପତ୍ରକୁ ନାକଚ କରି ଦିଆଯାଇଥିବା ଅଭିଯୋଗ ହୋଇଛି । ସେହିପରି ବଙ୍ଗଳାଦେଶର ସାମ୍ପ୍ରତିକ ଅସ୍ଥିର ତଥା ଗୋଳିଆ ପରିସ୍ଥିତିରୁ ଚୀରଶତ୍ରୁ ଭାବେ ଜଣାଶୁଣା ପାକିସ୍ତାନ ଫାଇଦା ଉଠାଇବାକୁ ପ୍ରୟାସ କରିବା ଭାରତ ପାଇଁ ଚିନ୍ତାର କାରଣ ହୋଇଛି । ବଙ୍ଗଳାଦେଶ ସହ ପାକିସ୍ଥାନ ସମ୍ପର୍କ ଯୋଡିବାକୁ ଉଦ୍ୟମ କରୁଥିବା ରିପୋର୍ଟ ପ୍ରକାଶ ପାଇଛି । ଆହୁରି ମଧ୍ୟ ଭାରତକୁ ବାଲାଂ ହିନ୍ଦୁ ଶରଣାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି, ଯାହାକି ଭାରତ ଉପରେ ଆର୍ଥିକ ଚାପ ସୃଷ୍ଟି କରିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ । ଏହା ନିସନ୍ଦେହ ଯେ, ପଡୋଶୀ ରାଷ୍ଟ୍ରରେ ଅସ୍ଥିରତା ଭାରତ ପାଇଁ ଆଦୌ ଶୁଭଙ୍କର ନୁହେଁ ।


*ଗାଙ୍ଗୋତ୍ରୀ ନଗର, ଶିଶୁପାଳଗଡ*
*ମୋ. ୭୯୭୮୬୬୬୪୦୩*


# ଭାରତୀୟ ସଂସ୍କୃତିରେ ମହାପର୍ବ - କୁମ୍ଭମେଳା

**■ ଡଃ ଅମୂଲ୍ୟ କୁମାର ପଣ୍ଡା ■**

କୁମ୍ଭମେଳା ପ୍ରତି ବର୍ଷ ଆୟୋଜିତ ହୁଏ । ଏହି ଅବସରରେ ସଙ୍ଗମ ସ୍ଥଳରେ ଏକ ବିରାଟ ଜନସମାଗମ ହୁଏ । ହରିଦ୍ୱାର, ପ୍ରୟାଗରାଜ, ଉଜ୍ଜୟିନୀ ଏବଂ ନାସିକରେ ପ୍ରତି ବର୍ଷରେ କୁମ୍ଭ ମେଳା ଆୟୋଜିତ ହୋଇଥାଏ । କେବଳ ଭାରତ ନୁହେଁ, ଦୁନିଆର କୋଣ ଅନୁକୋଣରୁ ଲୋକମାନେ କୁମ୍ଭମେଳାରେ ଯୋଗ ଦେବାକୁ ଆସନ୍ତି । ବିଶ୍ୱାସ କରାଯାଏ ଯେ କୁମ୍ଭ ମେଳାର ଗଙ୍ଗା ନଦୀରେ ଗାଧୋଇବା ଦ୍ୱାରା ଜଣେ ବ୍ୟକ୍ତିଙ୍କର ସମସ୍ତ ପାପ ଧୋଇଯାଏ ଓ ମୋକ୍ଷ ପ୍ରାପ୍ତି ହୋଇଥାଏ । କୁମ୍ଭମେଳାକୁ 'ସାଧନା' କରୁଥିବା ସାଧୁ ଏବଂ ନାଗା ସାଧୁଙ୍କ ସମେତ ଏପରି ସନ୍ଥ ଆସନ୍ତି ଯେଉଁମାନେ ଏକାନ୍ତରେ ବାସ କରନ୍ତି । ସେମାନେ କେବଳ କୁମ୍ଭ ମେଳା ସମୟରେ ପରିଦର୍ଶନ କରିବାକୁ ଆସନ୍ତି । ଆଧ୍ୟାତ୍ମିକତାର ସନ୍ଧାନକାରୀ ଏବଂ ହିନ୍ଦୁ ଧର୍ମ ଅନୁସରଣ କରୁଥିବା ସାଧାରଣ ଲୋକ ମଧ୍ୟ ଆସିଥାନ୍ତି । ଏହା ଭାରତବର୍ଷର ଏକ ଗୌରବ ଓ ବିରାଟ ମହାନ ପର୍ବ ଅଟେ ।

କୁମ୍ଭ ଶବ୍ଦର ଏକ ବିରାଟ ମହତ୍ତ୍ୱ ରହିଛି ସାଧାରଣ ଅର୍ଥରେ ଏହାର ଅର୍ଥ ମାଠିଆ ହୋଇପାରେ କିନ୍ତୁ ଆମ ଶାସ୍ତ୍ର ଓ ଆଧ୍ୟାତ୍ମିକ ଭାବନାରେ କୁମ୍ଭ ଏକ ବ୍ୟାପକତା ଶବ୍ଦକୁ ପ୍ରତିପାଦନ କରିଥାଏ । ଦେବାସୁରଙ୍କ ଦ୍ୱାରା କ୍ଷୀର ସମୁଦ୍ର ମନ୍ଥନ ଦ୍ୱାରା ଧନ୍ୱନ୍ତରୀଙ୍କ ହସ୍ତରୁ ପ୍ରାପ୍ତ ହୋଇଥିବା ଅମୃତ କୁମ୍ଭକୁ ଇନ୍ଦ୍ର ପୁତ୍ର ଜୟନ୍ତ କାକ ରୂପରେ ଥଣ୍ଟରେ ଧରି ପଳାୟନ କରୁଥିବା ବେଳେ ପବିତ୍ର ଗଙ୍ଗାନଦୀ କୂଳରେ ଅବସ୍ଥିତ ଯେଉଁ କେତୋଟି ସ୍ଥାନରେ ସେଥିରୁ ବୁନ୍ଦାଏ ଲେଖାଏଁ ପଡ଼ି ଯାଇଥିଲା ସେହି ସେହି ପବିତ୍ର ସ୍ଥାନ ମାନଙ୍କରେ କୁମ୍ଭମେଳା ପୁରାଣ ଯୁଗରୁ ଏଯାବତ ପ୍ରଚଳିତ ହୋଇ ଆସୁଛି । ସେହି ସ୍ଥାନମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶ ସ୍ଥିତ ଗଙ୍ଗା ଯମୁନା ସରସ୍ୱତୀ ନଦୀର ପବିତ୍ର ମିଳନ ସ୍ଥଳ ଯାହାକୁ ସଙ୍ଗମ ତୀର୍ଥ ପ୍ରୟାଗରାଜ୍ ଅନ୍ୟତମ । ଏହା ବ୍ୟତୀତ ମହାରାଷ୍ଟ୍ରର ନାସିକ ଓ କଲିକତାର ସାଗରସଙ୍ଗମ ଗଙ୍ଗା ସାଗର ଠାରେ ମଧ୍ୟ ଆୟୋଜିତ ହୋଇ ଆସୁଛି । ପ୍ରତି ୧୨ ବର୍ଷରେ ଥରେ କୁମ୍ଭମେଳା ଆୟୋଜନ ହୋଇଥାଏ । ଏହିପରି ଛଅଟି ବାର ବର୍ଷିଆ କୁମ୍ଭମେଳାକୁ ଅର୍ଦ୍ଧ କୁମ୍ଭ ଏବଂ ବାର ଗୋଟି ବାର ବର୍ଷିଆ କୁମ୍ଭ ଅର୍ଥାତ ମୋଟ ୧୪୪ ବର୍ଷରେ ମହାକୁମ୍ଭ ପଡିଥାଏ ଓ ଏହାକୁ ବାରୁଣୀ ଯୋଗ କୁହାଯାଏ ଯେତେବେଳେ କି ଏହି ଦୁର୍ଲଭ ଯୋଗ ପଡିଥାଏ ସେତେବେଳେ ଗୋଟିଏ ରାଶି କୁମ୍ଭରେ ସର୍ବାଧିକ ଗ୍ରହ ଅବସ୍ଥାନ କରି ସମଗ୍ର ସଂସାରକୁ ଶୁଭଫଳ ପ୍ରଦାନ କରିଥାନ୍ତି ବୋଲି ଆମ ସନାତନ ଧର୍ମର ଶାସ୍ତ୍ରୀୟ ମାନ୍ୟତା ରହି ଆସିଅଛି ।

ପୌରାଣିକ ମତେ ଅମୃତଭାଣ୍ଡ ପାଇଁ ଦେବାସୁରଙ୍କ ମଧ୍ୟରେ ସଂଘର୍ଷ ଚାଲିଥିବା ବେଳେ ଉକ୍ତ ଭାଣ୍ଡରୁ ଚାରିଟୋପା ଅମୃତ ଚାରୋଟି ସ୍ଥାନ ପ୍ରୟାଗରାଜ, ହରିଦ୍ୱାର, ଉଜ୍ଜୟିନୀ ଓ ନାଶିକରେ ପଡ଼ିଯାଇଥିଲା । ଏବେ ସେହି ଚାରୋଟି ସ୍ଥାନରେ କୁମ୍ଭମେଳା ଅନୁଷ୍ଠିତ ହେଉଛି । ହିନ୍ଦୁଧର୍ମ ବିଶ୍ୱାସ ଅନୁସାରେ ମହାକୁମ୍ଭ ସ୍ନାନଦ୍ୱାରା ପାପ କ୍ଷୟ ହୁଏ, ଏହା ମୋକ୍ଷ ପ୍ରାପ୍ତିର ମାର୍ଗ । ଜ୍ୟୋତିଷ ଶାସ୍ତ୍ରମତରେ ମଧ୍ୟ ମକର ସଂକ୍ରାନ୍ତିଠାରୁ ମହା ଶିବରାତ୍ରି ପର୍ଯ୍ୟନ୍ତ ମହାକୁମ୍ଭ ସ୍ନାନ ଆଧ୍ୟାତ୍ମିକ, ଶାରୀରିକ ଓ ମାନସିକ ଶକ୍ତିରେ ବିକାଶ ଘଟାଏ । କାରଣ ଏହି ସମୟରେ ବୃହସ୍ପତି ବୃଷ ରାଶିରେ ଅବସ୍ଥାନ କରନ୍ତି ଏବଂ ମକର ରାଶିରେ ରହିଥାନ୍ତି ରବି ଓ ଚନ୍ଦ୍ର । ଫଳରେ ପ୍ରୟାଗର ବାୟୁମଣ୍ଡଳ ପରିପୂର୍ଣ୍ଣ ହୋଇଥାଏ ଆଧ୍ୟାତ୍ମିକ ଶକ୍ତିଦ୍ୱାରା । ଭକ୍ତ ଓ ଶ୍ରଦ୍ଧାଳୁମାନେ ଗଙ୍ଗାର ଜଳ, ବାୟୁମଣ୍ଡଳ ତଥା ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ଶକ୍ତିର ସତ୍ତା ଅନୁଭବ କରନ୍ତି । ତେଣୁ କୁମ୍ଭ ମେଳାରେ ଯୋଗ ଦେଲେ ସ୍ୱତଃ ମାନସିକ, ଶାରୀରିକ ଓ ବୌଦ୍ଧିକ ଅଭିବୃଦ୍ଧି ହୋଇଥାଏ । ଏହା ହିଁ ମୋକ୍ଷର ମାର୍ଗ । କୁମ୍ଭ ସ୍ନାନର ଶ୍ରେଷ୍ଠ ଦିବସ ହେଉଛି ମୌନୀ ଅମାବାସ୍ୟା । ଏହି ଦିନ ସୃଷ୍ଟି ସର୍ଜନା କରିଥିଲେ ବ୍ରହ୍ମା । ତେଣୁ ମୌନୀ ଅମାବାସ୍ୟାର ସ୍ନାନରେ ମିଳେ ଅମାପ ଆଧ୍ୟାତ୍ମିକ ଶକ୍ତି । ମହାକୁମ୍ଭ ସମୟରେ ପ୍ରୟାଗଠାରେ ବ୍ରହ୍ମା–ବିଷ୍ଣୁ–ମହେଶ୍ୱର ଓ ସକଳ ଦେବ, ସମସ୍ତ ବେଦର ମିଳନ ଘଟିଥାଏ । ଗଙ୍ଗାର ପବିତ୍ର ଜଳ ମଧ୍ୟ ମକର ସଂକ୍ରାନ୍ତି ସମୟରେ ଆଧ୍ୟାତ୍ମିକ ଶକ୍ତିଦ୍ୱାରା ଶକ୍ତିଶାଳୀ ମନେହୁଏ । ତେଣୁ ଗଙ୍ଗା ବୁଡ଼ ଫଳରେ ଅମୃତର ସ୍ୱାଦ ଅର୍ଥାତ ଐଶ୍ୱରିକ ସତ୍ତାର ଉପଲବ୍ଧି ମିଳେ ବୋଲି ବିଶ୍ୱାସ ରହିଛି । ପୌରାଣିକ ମତେ ଧର୍ମ, ଅର୍ଥ, କାମ ଓ ମୋକ୍ଷ ପୁରୁଷାର୍ଥ ଅଟେଛ ଏଥିମଧ୍ୟରୁ ଅର୍ଥ ଓ କାମ ଲୌକିକ ଏବଂ ଧର୍ମ ଓ ମୋକ୍ଷ ପାରଲୌକିକ ଶ୍ରେଷ୍ଠତା ପାଇଁ ଉଦ୍ଦିଷ୍ଟ । କୁମ୍ଭସ୍ନାନ ଏହି ଚତୁର୍ବର୍ଗ ଫଳ ପ୍ରଦାନ କରିଥାଏ । କୁମ୍ଭପର୍ବରେ ବିଧିବିଧାନ ପୂର୍ବକ ସ୍ନାନ ଓ ଦାନ ଆଦି କଲେ ଶତ ଅଶ୍ୱମେଧ ଯଜ୍ଞର ଫଳପ୍ରାପ୍ତି ତଥା ପରଲୋକ ମୁକ୍ତି ଅମୃତତ୍ୱ ପ୍ରାପ୍ତି ହୁଏ । ଆମ ଶାସ୍ତ୍ର ଅନୁସାରେ ବୃହସ୍ପତି ଓ ସୂର୍ଯ୍ୟ ସିଂହ ରାଶିରେ ଥିଲେ ତ୍ର୍ୟମ୍ବକେଶ୍ୱର ନାସିକ, ବୃହସ୍ପତି ଓ ସୂର୍ଯ୍ୟ ବିଛା ରାଶିରେ ଥିଲେ ଉଜ୍ଜୟନୀ, ବୃହସ୍ପତି ବୃଷ ରାଶିରେ ଓ ସୂର୍ଯ୍ୟ ମକର ରାଶିରେ ଥିଲେ ପ୍ରୟାଗ ଆହ୍ଲାବାଦ, ସୂର୍ଯ୍ୟ ମେଷ ରାଶିରେ ଥିଲେ ହରିଦ୍ୱାର, ବୃହସ୍ପତି ବୃଷ ରାଶିସ୍ଥ ହୋଇଥିବା ସମୟରେ, ରବି ଓ ଚନ୍ଦ୍ର ମକର ରାଶିରେ ପ୍ରବେଶ କଲେ ମାଘ ମାସ ଅମାବାସ୍ୟାରେ ମହାକୁମ୍ଭ ଯୋଗ ପଡ଼େ । କୁମ୍ଭ ମେଳା ୪ ପ୍ରକାରର ହୋଇଥାଏ ଛ ଯଥା– କୁମ୍ଭ, ଅର୍ଦ୍ଧ କୁମ୍ଭ, ପୂର୍ଣ୍ଣ କୁମ୍ଭ ଏବଂ ମହାକୁମ୍ଭ ହୋଇଛି । ଏହି ସବୁ କୁମ୍ଭ ମେଳା ଗ୍ରାହକଙ୍କ ଅନୁସାରେ ଆୟୋଜିତ କରାଯାଏ । କୁମ୍ଭ ମେଳାର ଆୟୋଜନରେ ବର୍ଷର ସମୟ ମଧ୍ୟ ବହୁତ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ ।

କୁମ୍ଭମେଳାର ପ୍ରକାର ଭେଦ ଅନୁସାରେ, ପୂର୍ଣ୍ଣକୁମ୍ଭ ହେଉଛି ମହାକୁମ୍ଭ । ୧୨ ବର୍ଷ ପରେ ପ୍ରୟାଗରାଜ୍ ମହା କୁମ୍ଭମେଳା ଆୟୋଜିତ ହୋଇଥାଏ । ମହା କୁମ୍ଭ ମେଳା ଆୟୋଜିତ ପ୍ରାୟାଗରାଜ୍ ବ୍ୟତୀତ ହରିଦ୍ୱାର୍, ନାଶିକ ଏବଂ ଉଜ୍ଜାଇନରେ ମଧ୍ୟ କରାଯାଇଥାଏ । ଏହି ମେଳା ୧୨ ବର୍ଷର ବ୍ୟବଧାନରେ ପାଳନ କରାଯାଏ । ଏଥିପାଇଁ ସମସ୍ତ ଚାରେଟି ସ୍ଥାନ ଗୋଟି, ପରେ ଗୋଟିଏ ଚୟନ କରାଯାଇଥାଏ । ଏହି ସମୟ ମଧ୍ୟରେ ଗଙ୍ଗା, କ୍ଷିପ୍ରା, ଗୋଦାବରୀ ଏବଂ ସଙ୍ଗମ ନଦୀରେ ସ୍ନାନ କରନ୍ତି । କୁମ୍ଭ ମେଳା ପରି ଅର୍ଦ୍ଧ କୁମ୍ଭ ମଧ୍ୟ ପ୍ରତି ଛଅ ବର୍ଷ ପରେ ପାଳନ କରାଯାଏ । ଅର୍ଦ୍ଧକୁମ୍ଭ କେବଳ ଦୁଇଟି ସ୍ଥାନରେ ଆୟୋଜିତ କରାଯାଏ । ଏହି ଦୁଇଟି ସ୍ଥାନ ହେଉଛି– ପ୍ରୟାଗରାଜ୍ ଏବଂ ହରିଦ୍ୱାର୍ । ଅର୍ଦ୍ଧର ଅର୍ଥ ଅଧା ହୋଇଥାଏ । ଏଥିପାଇଁ ଏହା ୬ ବର୍ଷ ପରେ ଆୟୋଜିତ କରାଯାଇଥାଏ । ୧୨ ବର୍ଷ ପରେ ପାଳନ କରାଯାଉଥିବା କୁମ୍ଭ ମେଳାକୁ ପୂର୍ଣ୍ଣ କୁମ୍ଭ ମେଳା କୁହାଯାଇଥାଏ । ଗତ ବର୍ଷ ଜାନୁଆରୀ ୨୦୨୫ରେ ପ୍ରୟାଗରାଜ୍ ଠାରେ ଆୟୋଜିତ ହୋଇ ଚାଲିଥିବା ମେଳା କେବଳ କୁମ୍ଭ ନୁହେଁ ବରଂ ପୂର୍ଣ୍ଣ କୁମ୍ଭ ମେଳା ମଧ୍ୟ ହୋଇଥିଲା । ସେହିଭଳି ପ୍ରତି ୧୪୪ ବର୍ଷ ପରେ ଆୟୋଜିତ ହୋଇଥିବା କୁମ୍ଭ ମେଳାକୁ ମହାକୁମ୍ଭ କୁହାଯାଏ । ଏହା କେବଳ ପ୍ରୟାଗରାଜ୍ ଠାରେ ଆୟୋଜିତ କରାଯାଏ । କାରଣ ଏହି କୁମ୍ଭ ମେଳା ବହୁ ବର୍ଷ ପରେ ଆସେ ଏବଂ ଏଥିପାଇଁ ଏହାର ବିଶେଷ ମହତ୍ତ୍ୱ ରହିଛି ।

କୁମ୍ଭମେଳାଗୁଡିକ ଜ୍ୟୋତିଷ ଶାସ୍ତ୍ର ଓ ଜ୍ୟୋର୍ତିବିଜ୍ଞାନ ଅନୁସାରେ ମହାକାଶରେ ସୂର୍ଯ୍ୟ, ଚନ୍ଦ୍ର, ବୃହସ୍ପତି ଆଦିଙ୍କ ନିର୍ଦ୍ଦିଷ୍ଟ ରାଶିଚକ୍ରରେ ଅବସ୍ଥିତି ସମୟକୁ ନେଇ ପାଳନ କରାଯାଏ । ପୃଥିବୀ ପୃଷ୍ଠର ଜଳ ରାଶି ଉପରେ ସୂର୍ଯ ଚନ୍ଦ୍ରଙ୍କ ତିଥି ଅନୁସାରେ କ'ଣ ପ୍ରଭାବ ରହିଛି ତାହା ଅମାବାସ୍ୟା ପୂର୍ଣ୍ଣିମା ମାନଙ୍କରେ ସମୁଦ୍ରରେ ଜ୍ୱାର ଉଠିବା ଘଟଣାରୁ କିଛି କିଛି ଜାଣି ହେଉଛି । ତେଣୁ ଆମ ପୂର୍ବଜ ସନାତନୀମାନେ ବିନା କାରଣରେ ଏଇ ନିର୍ଦ୍ଦିଷ୍ଟ ତିଥି ମାସ ମାନଙ୍କରେ କୁମ୍ଭ ମେଳା ସ୍ନାନ ପରମ୍ପରା ଆରମ୍ଭ କରି ନାହାନ୍ତି । ଏହାର ଆଧ୍ୟାତ୍ମିକ ଓ ବିଜ୍ଞାନ କାରଣ ମଧ୍ୟ ଅଛି କିନ୍ତୁ ଏ ଦିଗରେ ବୈଜ୍ଞାନିକ ଗବେଷଣା କରିବାକୁ କାହାରି ସେପରି ଆଗ୍ରହ ଥିବା ପରିଲକ୍ଷିତ ହୁଏ ନାହିଁ । କାରଣ ଏଗୁଡ଼ିକ ସପକ୍ଷରେ କୌଣସି ମୂଲ୍ୟବାନ ତଥ୍ୟ ଜଣାପଡିଗଲେ ସନାତନୀ ପରମ୍ପରା ମହିମା ମଣ୍ଡିତ ହୋଇଯିବ ଯେତେବେଳେ କି ସାରା ବିଶ୍ୱର ତଥାକଥିତ ବୁଦ୍ଧିଜୀବୀମାନେ ସନାତନୀ ଧର୍ମ ଓ ପରମ୍ପରାକୁ ଧ୍ୱଂସ କରିବାକୁ ଷଡ଼ଯନ୍ତ୍ରରେ ଲିପ୍ତ । ଏପରିକି ଭାରତର କିଛି ହିନ୍ଦୁ ମାନେ ବିଜ୍ଞାନର ଦୁଇ ଅକ୍ଷର ପଢିଦେଲା ପରେ ସେଇ ଗୋଷ୍ଠିର ପ୍ରରୋଚନାରେ ପଡି ଏଗୁଡାକ ଅନ୍ଧ ବିଶ୍ୱାସ, କୁସଂସ୍କାର ବୋଲି କହିବାକୁ ମଧ୍ୟ ପଛାଉ ନାହାନ୍ତି ଯାହା ଖୁବ୍ ନୀନ୍ଦନୀୟ ।

କୁମ୍ଭ ସାଧାରଣ କୁମ୍ଭ ନୁହେଁ । ଏହା ଅମୃତଭରା କୁମ୍ଭ । ଭଲମନ୍ଦ ମଧ୍ୟରେ ସଂଘର୍ଷ ପରେ ଏହା ସର୍ବଶେଷରେ ପ୍ରାପ୍ତ ହୋଇଥିଲା । ପ୍ରଥମରେ ବିଷ, ଏହାକୁ ଯିଏ ପାନ କରିଥିଲେ, ସେ ପରମତତ୍ତ୍ୱ ଶିବ, ନିର୍ବିକାର ତଥା ଅବ୍ୟୟ । ତା'ପରେ ନାନା ପ୍ରକାର ଲୌକିକ ସମ୍ପଦ ନିର୍ଗତ ହୋଇଥିଲା । ବିଷକୁ ଛାଡ଼ି ଦେଲେ ଯାହା ସମୁଦ୍ରରୁ ବାହାରିଥିଲା, ସେ ସବୁ ପାଇବା ପାଇଁ ଭଲମନ୍ଦ ମଧ୍ୟରେ ସଂଘର୍ଷ ହୋଇଥିଲା ଓ ନିଜ ସାମର୍ଥ୍ୟ ଅନୁସାରେ ସେ ସବୁକୁ ବାଣ୍ଟି ନେଇଥିଲେ । ହେଲେ ବିଷକୁ କେହି ଚାହିଁ ନ ଥିଲେ । କେବଳ ଯିଏ ନିର୍ବିକଳ୍ପ ଓ ନିର୍ବିକାର ତଥା ପରମତତ୍ତ୍ୱ ସେ ଶିବ ହିଁ ଏହାକୁ ଗ୍ରହଣ କରିପାରେ । ସର୍ବଶେଷରେ ଅମରତ୍ୱର ପ୍ରତୀକ ଅମୃତକୁମ୍ଭ ବାହାରି ଥିଲା । ଏହାକୁ ପାଇବା ପାଇଁ ସମସ୍ତେ ଚାହିଁ ଥିଲେ, ମାତ୍ର ଯେଉଁମାନେ ମାୟା ରୂପୀ ମୋହିନୀ ଉପରେ ମୋହିତ ହୋଇଗଲେ, ସେମାନେ ଅମୃତ ପାଇବାରୁ ବଞ୍ଚିତ ହୋଇଗଲେ । ଆଧ୍ୟାତ୍ମିକ କ୍ଷେତ୍ରରେ ମହାକୁମ୍ଭର ଏକ ମହତ୍ତ୍ୱ ସ୍ଥାନ ରହିଛି । ଭଲମନ୍ଦ ମଧ୍ୟରୁ ଯେ ବାହାରି ଆସିଛି, ଯେ ନିର୍ବିକାର ଓ ନିର୍ବିକଳ୍ପ ତଥା ତଟସ୍ଥ, ସେ ହିଁ ବିଷକୁ ହଜମ କରି ଅମରତ୍ୱ ଲାଭ କରିପାରିବ । ଏହି ସାଂସାରିକ ମୋହମାୟା କ୍ଷଣିକ ସୁଖ ଓ ଉତ୍ତେଜନା ଦେଇପାରେ, ମାତ୍ର ଶାନ୍ତି ଓ ଅମରତ୍ୱ ପ୍ରଦାନ କରିପାରିବ ନାହିଁ । କେବଳ ଭଲମନ୍ଦ ଅତୀତ ହିଁ ଏହାର ଅଧିକାରୀ ଅଟେ ।


*ଅରଙ୍ଗାବାଦ ବରୀ ଯାଜପୁର*
*ମୋ. ୮୨୪୯୫୦୨୭୭୬*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ





**ଗବେଷକମାନେ ଅଙ୍ଗ ପ୍ରତ୍ୟାରୋପଣ ଏବଂ ଚିକିତ୍ସା ଦିଗରେ ଏକ କ୍ରାନ୍ତି ଆଣିଛନ୍ତି । ଏପରି ଏକ ମେସିନ ପ୍ରସ୍ତୁତ କରାଯାଇଛି ଯାହା ଆମ ଲିଭରରେ ହୋଇଥିବା ତ୍ରୁଟିକୁ ସଂଶୋଧନ କରିପାରିବ, ଏଥିସହ ଶରୀର ବାହାରେ ମଧ୍ୟ ଏହାକୁ ଏକ ସପ୍ତାହ ସୁରକ୍ଷିତ ଓ ଜୀବିତ ରଖିପାରିବ । ଗବେଷକମାନଙ୍କର ବିଶ୍ୱାସ ଅଙ୍ଗ ପ୍ରତ୍ୟାରୋପଣ କ୍ଷେତ୍ରରେ ଏହି ମେସିନ ବିସ୍ମୟକର ପରିବର୍ତ୍ତନ ଆଣିବ । କାରଣ ବର୍ତ୍ତମାନ ଅଙ୍ଗ ପ୍ରତ୍ୟାରୋପଣ ପାଇଁ ଆମ ପାଖରେ ଯେଉଁ ସୁବିଧା ରହିଛି ସେହି ଅନୁଯାୟୀ ଗୋଟିଏ ଶରୀରରୁ ଅଙ୍ଗ କଢ଼ାଯିବାର କେଇଘଣ୍ଟା ମଧ୍ୟରେ ଏହାକୁ ଅନ୍ୟର ଶରୀରରେ ପ୍ରତ୍ୟାରୋପିତ କରାଯାଇଥାଏ । ସାମାନ୍ୟ ଡେରି ହୋଇଗଲେ ଉକ୍ତ ଅଙ୍ଗର କୋଷିକାଗୁଡ଼ିକ ମୃତ୍ୟୁବରଣ କରିବାର ଆଶଙ୍କା ବଢ଼ିଯାଏ । ଏପରି ପରିସ୍ଥିତିରେ ଏହି ନୂଆ ମେସିନ ଅଙ୍ଗ ପ୍ରତ୍ୟାରୋପଣ କ୍ଷେତ୍ରରେ ଖୁବ୍ ସୁବିଧାଜନକ ପ୍ରମାଣିତ ହୋଇପାରେ ।**

# ୭ଦିନ ଜୀବିତ ରହିବ ଲିଭର !

ସ୍ୱିଜରଲ୍ୟାଣ୍ଡର ଇଟିଏଚ୍ ଜୁରିକ୍ ବିଶ୍ୱବିଦ୍ୟାଳୟର ଗବେଷକଙ୍କ ଅନୁଯାୟୀ ନୂତନ ଟେକ୍ନୋଲୋଜି ଦ୍ୱାରା ଲିଭରରେ ହୋଇଥିବା ତ୍ରୁଟିକୁ ସୁଧାରି ଏହାକୁ ପୁଣି କାର୍ଯ୍ୟକାରୀ କରାଯାଇପାରିବ । ଏହା ବିଭିନ୍ନ ପ୍ରକାର କ୍ୟାନସର ଏବଂ ଲିଭର ରୋଗୀଙ୍କ ଜୀବନ ବଞ୍ଚାଇବାରେ ସହଯୋଗୀ ସାବ୍ୟସ୍ତ ହେବ । ଏହି ଡିଭାଇସ୍ ସମ୍ପର୍କରେ ନେଚର ବାୟୋଟେକ୍ନୋଲୋଜିରେ ବିସ୍ତୃତ ଭାବରେ ବ୍ୟାଖ୍ୟା କରାଯାଇଛି । ଏହା ଏକ ଜଟିଳ ପରଫ୍ୟୁଜନ ସିଷ୍ଟମ ଯାହା ସହାୟତାରେ ଅଙ୍ଗକୁ ଶରୀର ଅନୁକୂଳ କାର୍ଯ୍ୟ କରିବାରେ ସହାୟତା ମିଳିଥାଏ । ପରଫ୍ୟୁଜନ ସିଷ୍ଟମ ଜରିଆରେ ରକ୍ତବାହି ନାଳିକାଗୁଡ଼ିକରେ ରକ୍ତପ୍ରବାହ ଜାରି ରଖାଯାଇପାରେ ।

ଇଟିଏଚ୍ ଜୁରିକ୍‌ର ଗବେଷକମାନେ ଏବଂ ଏହି ଅଧ୍ୟୟନର ସହ ଲେଖକ ପିୟରେ-ଏଲେନ୍ କ୍ଲେବିନ୍ କହିଛନ୍ତି ଚାରିବର୍ଷ ପରିଶ୍ରମ ପରେ ବର୍ତ୍ତମାନ ପରଫ୍ୟୁଜନ ସିଷ୍ଟମ ଏହି ଅବସ୍ଥାରେ ପହଞ୍ଚିଛି । ଏହାର ସଫଳତା ପଛରେ ସର୍ଜନ, ଜୀବବିଜ୍ଞାନୀ ଏବଂ ଇଞ୍ଜିନିୟରମାନଙ୍କର ଗୋଟିଏ ସମୂହର କଠିନ ପରିଶ୍ରମ ରହିଛି । ଏହି ବ୍ୟବସ୍ଥା ଅଙ୍ଗ ପ୍ରତ୍ୟାରୋପଣ ଏବଂ କ୍ୟାନସର ଚିକିତ୍ସା କ୍ଷେତ୍ରରେ ନୂତନ କ୍ରାନ୍ତି ଆଣିପାରିବ । ସେ କହିଥିଲେ ଯେ, ୨୦୧୫ରେ ଯେତେବେଳେ ଆମେ ଏହି ବ୍ୟବସ୍ଥା ଉପରେ କାମ କରିବା ଆରମ୍ଭ କଲୁ ସେତେବେଳେ ଲିଭରକୁ ମେସିନ ଜରିଆରେ କେବଳ ୧୨ ଘଣ୍ଟା ଜୀବିତ ରଖାଯାଇପାରୁଥିଲା । କିନ୍ତୁ ବର୍ତ୍ତମାନ ଏହି ବ୍ୟବସ୍ଥାରେ



ଅତିକମ୍‌ରେ ୭ଦିନ ପର୍ଯ୍ୟନ୍ତ ଜୀବିତ ରହିପାରିବ । ଏହାର ସହାୟତାରେ ଲିଭରରେ ପୂର୍ବରୁ ଥିବା ଆଘାତ ମରାମତି କରିବା ସହ ଏଥିରେ ଜମା ହୋଇଥିବା ଫ୍ୟାଟ୍ ମଧ୍ୟ ସଫା କରାଯାଇପାରିବ । ସେ କହିଥିଲେ ଯେ, ଏହି ଟେକ୍ନୋଲୋଜିର ସୁଫଳ ଦୂରଗାମୀ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ବିଶେଷ ଭାବରେ ମିଳିପାରିବ । କାରଣ ଅନେକ ସମୟରେ ଅଙ୍ଗର ପରିବହନରେ ଅଧିକ ସମୟ ଲାଗିଯାଏ । ଯେକୌଣସି ଅଙ୍ଗ ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଶରୀର ବାହାରେ ଜୀବିତ ରହିପାରେ । ଏହାପରେ ତା'ର କୋଷଗୁଡ଼ିକ ଉପରେ ପ୍ରଭାବ ପଡ଼େ । ଫଳରେ ଅଙ୍ଗପ୍ରତ୍ୟାରୋପଣରେ ବିଳମ୍ବ ହେଲେ ଉକ୍ତ ଅଙ୍ଗ ଖରାପ ହେବା କିମ୍ବା ପ୍ରତ୍ୟାରୋପଣ ହେଲେ କାମ ନକରିବାର ଆଶଙ୍କା ବଢ଼ିଯାଏ ।

ଇଟିଏଚ୍ ଜୁରିକ୍‌ର ଗବେଷକମାନେ କହିଛନ୍ତି ଯେ, ଆମର ପରିଯୋଜନା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ସବୁଠାରୁ ବଡ଼ ଆହ୍ୱାନ ଥିଲା ମେସିନ୍ ପାଇଁ ଏକ ସାଧାରଣ ଭାଷା ଖୋଜିବା । ଯାହାଦ୍ୱାରା ଚିକିତ୍ସକ ଏବଂ ଇଞ୍ଜିନିୟରମାନଙ୍କ ମଧ୍ୟରେ ଅବିରତ ଯୋଗାଯୋଗ ରକ୍ଷା ହୋଇପାରିବ ।



ପ୍ରକୃତରେ ଅନେକ ସମୟରେ ମେସିନର ଭାଷା ବୁଝିବା ପାଇଁ ଚିକିତ୍ସକମାନଙ୍କୁ ଭିନ୍ନ ଭାବରେ ଗୋଟିଏ ଶ୍ରେଣୀରେ ସାମିଲ ହେବାକୁ ପଡୁଥିଲା । ଏହି ସମସ୍ୟାରୁ ରକ୍ଷା ପାଇବା ପାଇଁ ଆମେ ମଝି ମଝିଆ ବାଟ ଖୋଜିଥିଲୁ ଏବଂ ନୂଆ ମେସିନ ପ୍ରସ୍ତୁତ କଲୁ । ଏହି ମେସିନର ଗୁରୁତ୍ୱ ଏଥିରୁ ବୁଝାପଡ଼େ ଯେ ଅଧ୍ୟୟନ ସମୟରେ ଗବେଷକମାନେ ୟୁରୋପର ଅଙ୍ଗ ପ୍ରତ୍ୟାରୋପଣ କେନ୍ଦ୍ରରେ ଯେଉଁ ଲିଭରଗୁଡ଼ିକୁ ଡାକ୍ତରମାନେ ସେଗୁଡ଼ିକର ମାନ ପରୀକ୍ଷା କରି ପ୍ରତ୍ୟାରୋପଣ ଯୋଗ୍ୟ ନୁହେଁ ବୋଲି ଘୋଷଣା କରିଥିଲେ ସେ ମଧ୍ୟରୁ ୬ଟିକୁ ପରଫ୍ୟୁଜନ ସିଷ୍ଟମ୍ ଜରିଆରେ ପୁଣିଥରେ ପ୍ରତ୍ୟାରୋପଣ ଯୋଗ୍ୟ କରାଯାଇଥିଲା । ତେଣୁ ଆଗାମୀ ଦିନରେ ଏହା ଅଙ୍ଗ ପ୍ରତ୍ୟାରୋପଣ କ୍ଷେତ୍ରରେ ଏକ ନୂତନ କ୍ରାନ୍ତି ଆଣିବ ।

---

କଥାରେ ଅଛି ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସି । ଅର୍ଥାତ୍ ମା' ସ୍ୱର୍ଗଠାରୁ ବବି ଉଚ୍ଚରେ । କିନ୍ତୁ ଅନେକଙ୍କର ଧାରଣା ମା' କହିଲେ କେବଳ ମଣିଷର ମା' । ସେ ହିଁ ଦେଇପାରେ ପ୍ରେମ ଆଉ ପ୍ରେରଣା । ଏ କଥା ଜାଣି ଅନେକେ ଆଶ୍ଚର୍ଯ୍ୟ ହେବେ କେବଳ ମଣିଷ ନୁହେଁ ସବୁ ପ୍ରଜାତି ଜୀବଙ୍କର ମା' ହିଁ ଅନନ୍ୟ ଏ ବିଶ୍ୱରେ । ସେମାନେ ନିଜର ସନ୍ତାନ ପାଇଁ ଯାହା କରି ପାରନ୍ତି ତାହା ବିଷୟରେ ମରିରେ ଚିନ୍ତା କରିବା ବି ଅସମ୍ଭବ । ଏହି ପରିପ୍ରେକ୍ଷୀରେ ଆସନ୍ତୁ ଦେଖିବା ଜୀବଜଗତର ଏମିତି କିଛି ମା'ଙ୍କୁ ଯେଉଁମାନେ ଅନ୍ୟମାନଙ୍କ ଠାରୁ ଏକଦମ୍ ଭିନ୍ନ ।

# ପ୍ରତ୍ୟେକ ମା' ହିଁ ଅନନ୍ୟା





### ହାର୍ପସିଲ୍

ପୋଲାର୍ ବିଅର ଓ ଫର୍ ଲୋଭୀ ଶିକାରୀମାନଙ୍କ କବଳରୁ ନିଜକୁ ରକ୍ଷା କରିବା ତଥା ଶିଶୁକୁ ଭାସମାନ ବରଫ ଉପରେ ଲାଳନପାଳନ କରିବା ସହଜ ହୁଏନି ହାର୍ପସିଲ୍ ପାଇଁ । ନିଜ ନବଜାତକକୁ କେବଳ ମା' କ୍ଷୀର ଦ୍ୱାରା ପୋଷଣ କରେ ସିଲ୍ ମାଛ । କ୍ରମାଗତ ୧୨ଦିନ ପର୍ଯ୍ୟନ୍ତ ସେ କ୍ଷୀର ଖୁଆଏ ଶିଶୁକୁ । ଏ ସମୟରେ ସେ ଖାଦ୍ୟ ଗ୍ରହଣ କରେନି । ୧୨ ଦିନରେ ପୋଷଣ କାଳରେ ଶିଶୁର ଓଜନ ଦିନକୁ ପ୍ରାୟ ୨.୩କେଜି ବୃଦ୍ଧି ପାଉଥିବା ବେଳେ ଉପବାସ ଥିବା ମା' ସିଲ୍‌ର ଓଜନ ଦିନକୁ ପ୍ରାୟ ୩କେଜି କମ୍ ହୋଇଯାଏ । ୧୪ଦିନ ବେଳକୁ ସିଲ୍ ଶାବକ ପାଣିକୁ ଯିବା ପାଇଁ ସମର୍ଥ ହୁଏ । ଏହାପରେ ମା' ତାକୁ ନେଇଯାଏ ସମୁଦ୍ର ଭିତରକୁ । ସମୁଦ୍ର ଭିତରକୁ ନେଇ ସେଠାରେ ବଞ୍ଚିବାର କୌଶଳ ଶିଖାଏ ସେ ନିଜର ଶାବକକୁ ।





### କୋଆଲା ବିଅର

କୋଆଲା ଭାଲୁ ଓ ତା'ର ସନ୍ତାନ ମଧ୍ୟରେ ସମ୍ପର୍କ ଖୁବ୍ ନିବିଡ଼ । ସନ୍ତାନକୁ ଜନ୍ମଦେବା ପରେ ଗଛ ଉପରେ ଥିବା ନିଜ ଘରକୁ ଆଦୌ ଛାଡ଼ି ଯାଏନି କୋଆଲା । ସାଧାରଣତଃ ମାଇ କୋଆଲା ଥରକେ ଗୋଟିଏ ମାତ୍ର ଶାବକ ଜନ୍ମ ଦିଏ । ଏହା ମାତ୍ର ୧/୪ ଇଞ୍ଚର ହୋଇଥାଏ । ସଦ୍ୟଜାତ କୋଆଲା ଶାବକର ଆକାର ମାତ୍ର ଏକ ଇଞ୍ଚ ଥାଏ । ତା' ଶରୀରରେ ଲୋମ ନଥାଏ, ଆଖି କାନ ବି ନଥାଏ । କୋଆଲାର ପେଟ ତଳେ ଥିବା ଥଳିରେ ଶାବକଟି ପ୍ରାୟ ୬ମାସ ପର୍ଯ୍ୟନ୍ତ ରହେ । କେବଳ ମା' କ୍ଷୀର ଖାଏ । ୬ମାସ ପରେ ଥଳିରୁ ବାହାରିବା ବେଳକୁ ତା'ର ଶରୀର ସମ୍ପୂର୍ଣ୍ଣ ବିକାଶ ହୋଇସାରିଥାଏ । ୬ମାସ ପରେ କୋଆଲା ଶାବକ ଥଳି ଭିତରୁ ବାହାରି ଆସି ମା' ପିଠିରେ ବସେ । ଏଇ ଅବସ୍ଥାରେ ସେ ଆଉ ୬ମାସ ରୁହେ । ହଁ କୋଆଲା କେବଳ ୟୁକାଲିପ୍ଟସ ପତ୍ର ଖାଏ ଯାହାକି ଖୁବ୍ ବିଷାକ୍ତ । ଶାବକ ବଡ଼ ହେବା ପରେ ଏହି ପତ୍ର ଖାଇ ହଜମ କରିବା ପାଇଁ ମା' କୋଆଲା ଶରୀରରେ 'ପାପ୍' ନାମକ ଏକ ଉପାଦାନ ସୃଷ୍ଟି ହୁଏ ଯାହାକି ତା'ର ପାଚନ ପ୍ରଣାଳୀକୁ ଆସି ଶାବକ ଶରୀରକୁ ଯାଏ । ଏହି ପାପ୍ କୋଆଲା ଶରୀରରେ ମାଇକ୍ରୋ ଅର୍ଗାନିଜିମ୍ ସୃଷ୍ଟି କରେ ଯାହା ଦ୍ୱାରା ସେ ବଡ଼ ହେବା ପରେ ବିଷାକ୍ତ ୟୁକାଲିପଟାସ୍ ପତ୍ର ଖାଇ ହଜମ କରିପାରେ ।

### ପୋଲାର୍ ବିଅର

ଏ ଜୀବ ଯେଉଁଠି ରୁହେ ସେଠାରେ ବର୍ଷସାରା ବରଫ ପଡେ । କେବଳ ବରଫ ପଡେନି- ୪୦ ଡିଗ୍ରୀ ସେଲ୍‌ସିୟସ୍‌କୁ ଖସିଯାଏ ତାପମାତ୍ରା । ଏ ତାପମାତ୍ରା ୧.୬ ତାପମାତ୍ରାରେ ଶିଶୁ ଜନ୍ମ ଦେବା ଆଉ ତାକୁ ପୋଷଣ କରିବା ସହଜ ନୁହେଁ । ତେଣୁ ଗର୍ଭାବସ୍ଥାରେ ସେ ବରଫ ଖୋଳି ଗାତ ଟିଏ କରି ସେଠି ରୁହେ । ପ୍ରାୟତଃ ନଭେମ୍ବରରୁ ଫେବୃଆରୀ ମାସ ମଧ୍ୟରେ ସେ ଦୁଇଟି ଶାବକ ଜନ୍ମଦିଏ ଗୋଟିଏ ଥରରେ । ହଁ ଗର୍ଭଧାରଣ କରିବା ପରେ ପ୍ରଚୁର ଖାଇବାକୁ ପଡେ ମାଇ ପୋଲାର୍ ବିଅର୍‌କୁ । ଦୁଇମାସରେ ପ୍ରାୟ ୧୮୧ କେଜି ଓଜନ ବଢ଼ାଇବାକୁ ହୁଏ । ଓଜନ ନବଢ଼ିଲେ ଗର୍ଭସ୍ଥ ଶାବକ ମା' ପେଟରେ ମିଳାଇ ଯିବାର ଆଶଙ୍କା ଥାଏ । ପୋଲାର୍ ବିଅର୍ ପ୍ରାୟ ୯ମାସ ଯାଏ ଗର୍ଭଧାରଣ କରେ । ବରଫ ତଳ ଗାତରେ ରହିବା ବେଳେ ପ୍ରସବ ପୂର୍ବରୁ ସେ ଶୋଇଯାଏ । ଏପରିକି ସନ୍ତାନ ଜନ୍ମ ସମୟରେ ମଧ୍ୟ ସେ ନିଦ୍ରାରେ ଥାଏ । ଶାବକମାନଙ୍କର ଦାନ୍ତ ନଥାଏ । ଆଖିକୁ ଦେଖାଯାଉନଥାଏ । ସେମାନେ ୨ମାସ ପର୍ଯ୍ୟନ୍ତ କେବଳ ମା' କ୍ଷୀରରେ ବଞ୍ଚନ୍ତି । ସେ ସମୟରେ ମା' ପୋଲାର୍ ବିଅର୍ ଖାଦ୍ୟ ଗ୍ରହଣ କରେନାହିଁ । ଗର୍ଭାବସ୍ଥାରୁ ସନ୍ତାନ ଜନ୍ମର ୨ମାସ ଏହିପରି ୮ମାସ ସେ ଅନାହାରରେ ରହେ । ଦୁଇମାସ ପରେ ଏହି ଶାବକମାନେ ମା' ସହ ଗାତରୁ ବାହାରନ୍ତି । ମା' ତାଙ୍କୁ ନେଇଯାଏ ମାଛ ଧରା ଶିଖାଇବା ପାଇଁ । ୨ ବର୍ଷ ପର୍ଯ୍ୟନ୍ତ ସେମାନେ ମା' ଉପରେ ନିର୍ଭର କରି ଚଳନ୍ତି । ତା'ପରେ ନିଜେ ସ୍ୱାଧୀନ ଭାବରେ ବଞ୍ଚନ୍ତି । ଅଣ୍ଡିରା ପୋଲାର୍ ବିଅରର ସନ୍ତାନମାନଙ୍କ ସହ କୌଣସି ସମ୍ପର୍କ ନଥାଏ । ଏପରିକି ଖାଦ୍ୟ ନମିଳିଲେ ଏମାନେ ପୋଲାର୍ ବିଅର ଶାବକମାନଙ୍କୁ ଖାଇଯାଆନ୍ତି । ଅପର ପକ୍ଷେ ମାଇ ପୋଲାର୍ ବିଅର୍ ଅନାଥ ଶାବକମାନଙ୍କର ଯତ୍ନ ନିଅନ୍ତି ।



### ଆଫ୍ରିକୀୟ ହାତୀ

ଆଫ୍ରିକୀୟ ହାତୀ ୨୨ମାସ ଗର୍ଭଧାରଣ ପରେ ବିଶ୍ୱର ସବୁଠାରୁ ବଡ଼ ଶାବକକୁ ଜନ୍ମଦିଏ । ହାତୀ ଥରକେ ଗୋଟିଏ ଶାବକ ଜନ୍ମ ଦିଏ । ଜନ୍ମ ବେଳକୁ ଆଫ୍ରିକୀୟ ହାତୀ ଶାବକର ଓଜନ ଥାଏ ପ୍ରାୟ ୯୦ କେଜି । ହାତୀ ଶାବକର ଆଖି ଖୋଲିନଥାଏ । ତେଣୁ ଖାଦ୍ୟ ଏବଂ ବୁଲାବୁଲି ପାଇଁ ସେ ମା' ଉପରେ ନିର୍ଭର କରେ । ହାତୀ ଶାବକ ୪ରୁ ୬ ବର୍ଷ ପର୍ଯ୍ୟନ୍ତ ମା' କ୍ଷୀର ଉପରେ ନିର୍ଭର କରେ । ହାତୀମାନେ ମାତୃକୈନ୍ଦ୍ରିକ ସମାଜରେ ରୁହନ୍ତି । ତେଣୁ ଶିଶୁହାତୀଟି ମା', ଆଈ, ଜେଜେମା', ମାଉସୀ ଆଦି ସମସ୍ତଙ୍କ ସ୍ନେହ ଓ ଯତ୍ନରେ ବଡ଼ ହୁଏ । ପୁରୁଖା ମାଇ ହାତୀମାନେ ଶିଶୁ ଶାବକ ସହ ରହି ତାକୁ ସୁରକ୍ଷିତ ଭାବରେ ଚାଲିବା ଶିଖାନ୍ତି । ସେମାନଙ୍କ ସହ ରହି ହାତୀଛୁଆ ଧୀରେ ଧୀରେ ଜାଣିନିଏ କେଉଁ ଗଛ ଖାଇବା ଉଚିତ୍ ଆଉ କେଉଁଟି ନୁହେଁ । ଦଳରେ ଥିବା ମାଇ ହାତୀମାନେ ସବୁ ସମୟରେ ଛୁଆଟି ସହ ଲାଗି ରୁହନ୍ତି ।



### ଓରାଙ୍ଗ୍ ଉଟାନ୍

ଓରାଙ୍ଗ୍ ଉଟାନ୍ ମା' ଏବଂ ଶିଶୁ ମଧ୍ୟରେ ବନ୍ଧନ ପ୍ରକୃତିରେ ସବୁଠାରୁ ନିବିଡ଼ । ୯ମାସର ଗର୍ଭାବସ୍ଥା ପରେ ଗୋଟିଏ ମାତ୍ର ଶାବକ ଜନ୍ମ କରେ ମା'ଟି । ପ୍ରଥମ ଦୁଇବର୍ଷ ପର୍ଯ୍ୟନ୍ତ ଶିଶୁଟି ମା' ଉପରେ ସଂପୂର୍ଣ୍ଣ ଭାବରେ ନିର୍ଭର କରେ । ୬ବର୍ଷ ପର୍ଯ୍ୟନ୍ତ ଏହା ମା' ସହ ରହେ । ମା' ତାକୁ ପ୍ରତିଦିନ ସକାଳେ ସନ୍ଧ୍ୟାରେ ନୂଆ ନୂଆ ବସା ବାନ୍ଧିବା ଶିଖାଏ । ଏହାଛଡ଼ା ମା' ତାକୁ ଖାଦ୍ୟ ସଂଗ୍ରହ କରିବା ମଧ୍ୟ ଶିଖାଏ । ପୁରୁଷ ଶାବକ ୬ବର୍ଷ ପରେ ମା' ପାଖ ଛାଡୁଥିବା ବେଳେ ମାଈ ଶାବକ କୈଶୋରାବସ୍ଥାରେ ପହଞ୍ଚିବା ପରେ ମା' ପାଖ ଛାଡେ । ମାଈ ଓରାଙ୍ଗ୍ ଉଟାନ୍‌ମାନେ ଅଲଗା ରହିବା ପରେ ମଧ୍ୟ ମଝିରେ ମଝିରେ ମା' ପାଖକୁ ବୁଲିଯାଆନ୍ତି । ପ୍ରତି ୭ରୁ ୮ବର୍ଷରେ ଗୋଟିଏ ଥର ଏହା ଗର୍ଭଧାରଣ କରେ । ଗୋଟିଏ ମାଇ ଓରାଙ୍ଗ୍ ଉଟାନ୍ ଜୀବନକାଳରେ ସର୍ବାଧିକ ୫ଟି ଶାବକ ଜନ୍ମ ଦେଇଥାଏ । ଏସିଆ ମହାଦେଶରେ ଦେଖାଯାଉଥିବା ଏହି ପ୍ରଜାତି ପ୍ରାୟ ବିଲୁପ୍ତ ହେବାକୁ ବସିଲାଣି । ଏହାଛଡ଼ା ବିଳମ୍ବରେ ଗର୍ଭଧାରଣ ଏହି ପ୍ରଜାତି ପାଇଁ ବିପଦ ସୃଷ୍ଟି କରୁଛି । ଏହି ପ୍ରଜାତିର ମା'ମାନେ କେବେବି ନିଜ ଶାବକକୁ ୧୦ହଜାର ଅଣ୍ଡାଦିଏ । ଅଣ୍ଡା ଦେବା ପରେ ସେ ସେମାନଙ୍କୁ ଛାଡ଼ି କୁଆଡେ ଯାଏନି । ଏପରିକି ଖାଦ୍ୟ ମଧ୍ୟ ଗ୍ରହଣ କରେନି । ଅତ୍ୟଧିକ ଭୋକିଲା ହେଲେ ସେ ନିଜର ଗୋଟିଏ ଗୋଡ଼ ଖାଇଦିଏ । ଅଣ୍ଡା ଫୁଟିବା ପରେ ମଧ୍ୟ ଅକ୍ଟୋପସ୍‌ଟି ସେମାନଙ୍କର ଯତ୍ନ ନିଏ । ଅଧିକ ଅମ୍ଳଜାନ ସେମାନଙ୍କ ପାଖରେ ପହଞ୍ଚିବା ପାଇଁ ପାଣିକୁ ଫୁଙ୍କେ । ଯେତେବେଳେ ଶାବକମାନେ ନିଜର ଖାଦ୍ୟ ସଂଗ୍ରହ କରିପାରନ୍ତି ସେତେବେଳେ ଅକ୍ଟୋପସ୍‌ଟି ମୃତ୍ୟୁବରଣ କରେ ।



### ପେଙ୍ଗୁଇନ୍

ଗୋଟିଏ ଶାବକକୁ ଜନ୍ମ ଦେଇ ବଡ଼ କରିବାରେ ଉଭୟ ମା' ଓ ବାପାଙ୍କର ଅବଦାନ ଥାଏ ଏହି ପ୍ରଜାତିରେ । ମାର୍ଚ୍ଚ-ଏପ୍ରିଲ୍ ମାସରେ ମାଈ ପେଙ୍ଗୁଇନ୍ ଗର୍ଭଧାରଣ କରେ । ସେତେବେଳେ ଆଣ୍ଟାର୍କିକାରେ ତାପମାତ୍ରା -୪୦ ଡିଗ୍ରୀ ସେଲ୍‌ସିୟସ୍‌ରେ ପହଞ୍ଚିଥାଏ । ଏମ୍ପେରର୍ ପେଙ୍ଗୁଇନ୍‌ମାନେ ଏକ ସଙ୍ଗୀ ପସନ୍ଦ କରନ୍ତି । ତେଣୁ ପ୍ରତିବର୍ଷ ପ୍ରଜନନ ଋତୁ ଆସିଲେ ମାଈ ପେଙ୍ଗୁଇନ୍ ପୂର୍ବବର୍ଷର ସାଥୀ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିଥାଏ । ମାଈ ପେଙ୍ଗୁଇନ୍ ଥରକେ ଗୋଟିଏ ଅଣ୍ଡା ଦିଏ । ଏହି ଅଣ୍ଡାକୁ ପୁରୁଷ ପେଙ୍ଗୁଇନ୍ ଦାୟିତ୍ୱରେ ଦେଇ ଶାବକ ପାଇଁ ଖାଦ୍ୟ ସଂଗ୍ରହ କରିବାକୁ ପ୍ରାୟ ୧୧୯ କିଲୋମିଟର ଚାଲି ସମୁଦ୍ରକୁ ଫେରେ । ସେ ଫେରିଲା ବେଳକୁ ଅଣ୍ଡା ଫୁଟି ଛୁଆ ବାହାରି ସାରିଥାଏ । ଏଥର ସମୁଦ୍ରକୁ ଯାଇ ଖାଦ୍ୟ ସଂଗ୍ରହ କରିବାର ପାଳିଥାଏ ପୁରୁଷ ପେଙ୍ଗୁଇନ୍‌ର । ସେମାନେ କ୍ରମାଗତ ଭାବରେ ଏହିପରି ନିଜର ଦାୟିତ୍ୱ ବଦଳାଇ ସନ୍ତାନର ପାଳନ ପୋଷଣ କରନ୍ତି । ଥରେ ସମୁଦ୍ରକୁ ଯାଇ ଖାଦ୍ୟ ଆଣି ଫେରିବାକୁ ରହିବା ପରେ ଶାବକମାନେ ବାହାରି ଦଳରେ ଯୋଗ ଦିଅନ୍ତି । ସେହିଠାରୁ ହିଁ ସେମାନେ କାଲାହାରି ମରୁଭୂମିରେ ରହିବାର କଳା ଶିଖନ୍ତି ।



### କୁମ୍ଭୀର

କୁମ୍ଭୀର ପ୍ରାୟତଃ ଆବର୍ଜନା ଗଦା ଉପରେ ଅଣ୍ଡା ଦିଏ । ଏହି ଆବର୍ଜନାରୁ ସୃଷ୍ଟି ହେଉଥିବା ଉତ୍ତାପ ଦ୍ୱାରା ଅଣ୍ଡା ଫୁଟି ଛୁଆ ବାହାରେ । ଯଦି ଏହି ତାପମାତ୍ରା ୮୦ ଡିଗ୍ରୀ ପର୍ଯ୍ୟନ୍ତ ଥାଏ ତେବେ ମାଇ ଶାବକ ଜନ୍ମହୁଏ । ଉତ୍ତାପ ୯୦ ପାଖରେ ପହଞ୍ଚିଲେ ଅଣ୍ଡିରା ଶାବକ ଜନ୍ମହୁଏ । ଅଣ୍ଡାରୁ ଛୁଆ ବାହାରିବା ପରେ ସେମାନଙ୍କୁ ନିଜ ପାଟିଭିତରେ ରଖେ ମା' କୁମ୍ଭୀରଟି । ଥରକେ ଏହା ୨୦ରୁ ୫୦ ପର୍ଯ୍ୟନ୍ତ ଅଣ୍ଡା ଦିଏ । ଅଣ୍ଡାରୁ ଶାବକ ବାହାରିବାକୁ ପ୍ରାୟ ୬୫ଦିନ ସମୟ ଲାଗେ । ଶାବକ ବାହାରିବା ପରେ ମା' କୁମ୍ଭୀର ସେମାନଙ୍କୁ ନେଇ ପାଣିକୁ ଓହ୍ଲାଏ । ଧୀରେ ଧୀରେ ଛୁଆମାନେ ପାଟି ଭିତରୁ ବାହାରି ମା' ପିଠିରେ ବସନ୍ତି । ମା' ସେମାନଙ୍କୁ ଖାଦ୍ୟ ସଂଗ୍ରହ କରିବା ଏବଂ ଖାଇବା ଶିଖାଏ ।





### ମହୁମାଛି

ଗୋଟିଏ ମହୁଫେଣାରେ ହଜାର ହଜାର ସଂଖ୍ୟକ ମହୁମାଛି ଥାଆନ୍ତି । କିନ୍ତୁ କେବଳ ରାଣୀ ମହୁମାଛି ସନ୍ତାନ ଜନ୍ମଦିଏ । ଯେକୌଣସି ଉଷ୍ମ ଦିନରେ ରାଣୀ ମହୁମାଛି ୧୨-୧୫ ଅଣ୍ଡିରା ମହୁମାଛିଙ୍କ ସହ ସଙ୍ଗମ କରେ । ଏହାଦ୍ୱାରା ରାଣୀ ମହୁମାଛି ପାଖରେ ୬ ମିଲିଅନ ପର୍ଯ୍ୟନ୍ତ ଶୁକ୍ରାଣୁ ଗଚ୍ଛିତ ରହେ । ଏହି ଶୁକ୍ରାଣୁ ଦ୍ୱାରା ସେ ବଳକା ଜୀବନ ଅଣ୍ଡା ଦିଏ । ସଙ୍ଗମ ପରେ ରାଣୀ ମହୁମାଛି ଦିନକୁ ପ୍ରାୟ ଦୁଇହଜାର ଅଣ୍ଡା ଦିଏ ।

### ଚିତା

ମାଇ ଚିତା ବାଘର ସବୁଠାରୁ ବଡ଼ଗୁଣ ଧୈର୍ଯ୍ୟ । ବର୍ଷର ଯେକୌଣସି ସମୟରେ ମାଇ ଚିତାବାଘ ପାଖରେ ୪ରୁ ୬ଟି ପର୍ଯ୍ୟନ୍ତ ଶାବକ ଥାଆନ୍ତି । ଏହି ଶାବକମାନେ ପ୍ରକୃତି ସହ ଲଢ଼ି ବଞ୍ଚିବା ଶିଖିନଥାଆନ୍ତି । ମା'ର ଦାୟିତ୍ୱ ସେମାନଙ୍କୁ ଏହି ଜୀବନ କୌଶଳ ଶିକ୍ଷାଦେବା । ଗୋଟିଏ ଗୋଟିଏ ଶାବକକୁ ଖାଦ୍ୟ ସଂଗ୍ରହ କରିବା, ଶତ୍ରୁଠାରୁ ଦୂରେଇ ରହିବା ଆଦି ଶିକ୍ଷାଦେବାକୁ ପ୍ରାୟ ୨ବର୍ଷରୁ ଅଧିକ ସମୟ ଲାଗିଯାଏ । ବାଘ ଛୁଆ ନିଜେ ଖାଇବା ଏବଂ ସତର୍କ ରହିବା ଶିଖିଗଲେ ମା' ଆଉଥରେ ସନ୍ତାନ ଜନ୍ମ ପାଇଁ ପ୍ରସ୍ତୁତ ହୁଏ । ଏହି ବାଘଛୁଆ ନିଜ ଭାଇ ଭଉଣୀଙ୍କ ସହ ରୁହନ୍ତି । ମାଇ ଛୁଆମାନେ ମା' ଛାଡିଯିବା ପରେ ପ୍ରାୟ ୬ମାସ ପର୍ଯ୍ୟନ୍ତ ଦଳରେ ରହିଲେ ବି ଏହାପରେ ଏକାନ୍ତରେ ରହିବା ପସନ୍ଦ କରନ୍ତି । ଅଣ୍ଡିରା ଶାବକମାନେ ଆଉ କିଛିବର୍ଷ ଏକାଠି ରୁହନ୍ତି ।



### ନାଳି ଚଞ୍ଚୁବାଲା ହର୍ଣ୍ଣବିଲ୍

ଇଣ୍ଡୋନେସିଆର ସୁଲାୱେଶି ଦ୍ୱୀପରେ ଦେଖାଯାଉଥିବା ଏହି ପକ୍ଷୀ ଗଛରେ ଥିବା ଛୋଟ କଣାକୁ ନିଜର ବସା ଭାବରେ ବ୍ୟବହାର କରନ୍ତି । ସେମାନଙ୍କର ଅଣ୍ଡା ବଡ଼ ବଡ଼ ଝିଟିପିଟିଙ୍କର ପ୍ରିୟ ଖାଦ୍ୟ । ତେଣୁ ନିଜ ଅଣ୍ଡାକୁ ଝିଟିପିଟିଠାରୁ ରକ୍ଷା କରିବା ପାଇଁ ହର୍ଣ୍ଣବିଲ୍ ବସାର ଦ୍ୱାର ଆହୁରି ଛୋଟ କରିଦିଏ ନିଜର ମଳ ଦ୍ୱାରା । ଏହା ଭିତରେ ସେ ଦୁଇମାସ ବିନା ଖାଦ୍ୟରେ ରୁହେ । ଦୁଇମାସ ପରେ ଶାବକମାନେ ବାହାରନ୍ତି । ଏହାପରେ ଆଉ ତିନିମାସ ମା' ହର୍ଣ୍ଣବିଲ୍ ଛୁଆମାନଙ୍କର ଯତ୍ନ ନିଏ ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୭ ଜାନୁଆରୀ ୨୦୨୬ । ଶନିବାର


## ସୁରୁଖୁରୁରେ ଧାନ ବିକ୍ରୟ ପାଇଁ ନିଷ୍ପତ୍ତି

**ଢେଙ୍କାନାଳ,୧୬।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ସେବା ସମବାୟ ସମିତି ଠାରେ ଯୋରନ୍ଦା ସେବା ସମବାୟ ସମିତି ଅଧିନ ଯୋରନ୍ଦା ଓ କାବରା ଗ୍ରାମ ପଞ୍ଚାୟତର ଗ୍ରାମ ଗୁଡ଼ିକର ଚାଷୀମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୋରନ୍ଦା ସେବା ସମବାୟ ସମିତି ସଭାପତି ଚିତରନ ମହାନ୍ତି ବୈଠକରେ ଅଧ୍ୟକ୍ଷତା କରି କହିଲେ ଚଳିତ ବର୍ଷ ମଣ୍ଡି ହେବା ବିଳମ୍ବ ହୋଇଥିଲେ ମଧ ସମସ୍ତ ଚାଷୀମାନଙ୍କର ଧାନ ନିଶ୍ଚିତ କ୍ରୟ କରାଯିବ। ଚଳିତ ବର୍ଷ ପ୍ରଥମ ଭାଗରେ ୧୪୬୦୦ କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଟାର୍ଗେଟ ଆସିଛି। ପ୍ରତ୍ୟେକ ସପ୍ତାର ସୋମ, ବୁଧବାର ଓ ଗୁରୁବାର ମଣ୍ଡି ଖୋଲାଥିବା ପାଇଁ ନିର୍ଦ୍ଦେଶ ଆସିଛି। ତେଣୁ ସମସ୍ତ ଚାଷୀ ସେମାନଙ୍କ ଟୋକନ ତାରିଖ ଅନୁସାରେ ସ୍ୱଚ୍ଛ କ୍ରୟ ଯୋଗ୍ୟ ଧାନ ଆଣିଲେ କୌଣସି ଅସୁବିଧା ହେବନାହିଁ। ବୈଠକରେ ଧାନ କ୍ରୟ କମିଟି ନୋଡାଲ ଅଧିକାରୀ ଯୋରନ୍ଦା ରାଜସ୍ୱ ନିରୀକ୍ଷକ ରାଜେନ୍ଦ୍ର ପ୍ରସାଦ ସାହୁ, ଯୋରନ୍ଦା ପଞ୍ଚାୟତ ସମିତି ସଭ୍ୟ ପ୍ରତ୍ୟୁଷ ହରି ପ୍ରଧାନ,କାବରା ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ଶତ୍ରୁଘ୍ନ ରାଉତ, ଚାଷୀ ପ୍ରତିନିଧି ଆନନ୍ଦ ଚନ୍ଦ୍ର ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଚାଷୀ ପ୍ରଫୁଲ୍ଲ ରାଉତ, ଦୟାନିଧି ନାଏକ, ପୀତବାସ ରାଉତ, ବୀରେନ୍ଦ୍ର ନାୟକ, ହେମନ୍ତ ରାଉଳ, ହଳଧର ମହାଳିକ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ସମବାୟ ସମିତି ବୋର୍ଡ଼ ସଭ୍ୟ ପ୍ରକାଶ ରାଉତ, ବିଜୟ ପ୍ରଧାନ, ଗୌତମ ପ୍ରଧାନ, ଚିତରନ ପ୍ରଧାନ, ସୁକାନ୍ତ ନାୟକ, ଗୋକୁଳ ରାଉତ ଓ ସୁନା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକ ବଦଳି ଆଦେଶ ପ୍ରତ୍ୟାହାର ଦାବିରେ ଆନ୍ଦୋଳନ

**କବିସୂର୍ଯ୍ୟନଗର,୧୬।୧ ଏକ୍ସପ୍ରେସ୍ ନ୍ୟୁଜ୍**



ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକ ବରିଡା ବିଦ୍ୟାଳୟ ଫାଟକରେ ତାଲା ପକାଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଧାରଣା ଶୁକ୍ରବାର ଦ୍ୱିତୀୟ ଦିନରେ ପହଁଚିଛି। ବଦଳି ହୋଇଥିବା ଶିକ୍ଷକଙ୍କୁ ଧରି ଧରାଣାରେ ବସିଛନ୍ତି ଛାତ୍ରଛାତ୍ରୀ। ବଦଳି ଆଦେଶ ପ୍ରତ୍ୟାହାର ନହେବା ଯାଏଁ ବିଦ୍ୟାଳୟ ଆଗରେ ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି ଆନ୍ଦୋଳନକାରୀମାନେ। ସୂଚନା ଯୋଗ୍ୟ ଯେ, ଶିକ୍ଷକ ବିଦଳୀକୁ ବିରୋଧକରି ରାଜ ରାସ୍ତାରେ ଛାତ୍ରଛାତ୍ରୀ ଓ ଅଭିଭାବକ। ବଦଳି ଶିକ୍ଷକଙ୍କୁ ଧରି ବିଦ୍ୟାଳୟ ମୁଖ୍ୟ ଫାଟକ ଆଗରେ ଧାରଣାରେ ବସିଛନ୍ତି ଛାତ୍ରଛାତ୍ରୀ। ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକ ଏ. ବରିଡା ଗ୍ରାମର ପିଏମଶ୍ରୀ ଦଧିବାମନ ନୋଡାଲ ଉଚ୍ଚ ବିଦ୍ୟାଳୟରେ। ବିଦ୍ୟାଳୟରେ ତାଲା ପକାଇ ଫାଟକ ଆଗରେ ବସିଛନ୍ତି ଛାତ୍ରଛାତ୍ରୀ। ଶିକ୍ଷକ କୃଷ୍ଣଚନ୍ଦ୍ର ବେହେରାଙ୍କୁ ଅଚାନକ ଅନ୍ୟ ବିଦ୍ୟାଳୟକୁ ବଦଳି କରିବା ଯୋଗୁଁ ବଦଳି ଆଦେଶ ପ୍ରତ୍ୟାହାର ଦାବି ନେଇ ଗୁରୁବାର ଠାରୁ ଚାଲିଛି ଆନ୍ଦୋଳନ। ଆନ୍ଦୋଳନ ଯୋଗୁଁ ଛାତ୍ରଛାତ୍ରୀଙ୍କ ସହ ଶିକ୍ଷକ ଶିକ୍ଷୟତ୍ରୀ ବାହାରେ ରହିଛନ୍ତି। ଯାହା ସୂଚନା ମିଳିଛି ୨୦୦୮ ମସିହା ଠାରୁ କୃଷ୍ଣଚନ୍ଦ୍ର ବେହେରା ଏହା ବିଦ୍ୟାଳୟରେ ନିରନ୍ତର ଭାବେ କାର୍ଯ୍ୟ କରୁଥିବା ବେଳେ ରାଜନୈତିକ ଅଭିଶନ୍ଧି ରଖି ତାଙ୍କୁ ଆକ୍ରୋଶ ମୂଳକ ଭାବେ ଅନ୍ୟତ୍ର ବଦଳି ନିର୍ଦ୍ଦେଶ ହୋଇଛି। ମୁଣ୍ଡ ଉପରେ ବାର୍ଷିକ ପରୀକ୍ଷା ରହିଥିବା ଯୋଗୁଁ ଶିକ୍ଷକ ବଦଳି ଯୋଗୁଁ ପାଠପଢା ଉପରେ ପ୍ରଭାବ ପଡିବା ଦର୍ଶାଇ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ପ୍ରତିବାଦ କରିଛନ୍ତି। ଶିକ୍ଷକଙ୍କ ବଦଳି ନିର୍ଦ୍ଦେଶ ବାତିଲ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରିରହିବା ନେଇ ସମସ୍ତେ ଚେତାବନୀ ଦେଇଛନ୍ତି। ଦୁଇ ଦିନ ଧରି ଉତ୍ତେଜନା ଲାଗିରହିଥିଲେ ମଧ ଶିକ୍ଷା ବିଭାଗ ଅଧିକାରୀ କିମ୍ବା ପ୍ରଶାସନ ବିଦ୍ୟାଳୟରେ ପହଁଚିନଥିବା ଜଣାଯାଇଛି।

## ଆରଟିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସ ମାଲିକଙ୍କ ବିକ୍ଷୋଭ



**ବ୍ରହ୍ମପୁର,୧୬।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଆମେ କେମିତି ବଞ୍ଚିବୁ, ଆମେ କେମିତି ଇନସୁରାନ୍ସ, ପରମିଟ ଓ ଫାଇନାନ୍ସ ବାନ୍ଧିବୁ। ଆମକୁ ହଇରାଣ କରାଯାଉଛି। ଆମକୁ ଚଳିବାକୁ ଦିଅନ୍ତୁ। ଏପରି ହୋହାଲ୍ଲା କରି ଗଞ୍ଜାମ ଜିଲ୍ଲା ଘରୋଇ ବସର ବହୁ ମାଲିକମାନେ ଗୁରୁବାର ଗଞ୍ଜାମ ଆରଟିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଆରଟିଓ ଇଂ.ଦେବାଶିଷ ସ୍ୱାଇଁଙ୍କୁ ସାକ୍ଷାତ କରି ଘରୋଇ ବସ ଚଳାଚଳର ସୁବ୍ୟବସ୍ଥା କରିବା ସମେତ ଅନ୍ୟାନ୍ୟ ଦାବି ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାସହ ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାରେ ୩୦ରୁ ୪୦ ବର୍ଷ ଧରି ସମସ୍ତ ରୁଟ୍‌ରେ ଘରୋଇ ବସ୍ ସେବା ଯୋଗାଇ ଦେଇ ଆସୁଅଛୁ। ବିଗତ କିଛି ଦିନ ହେଲା ସରକାରଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ବସ୍ ସେବା ଏବଂ ଆମ ବସ୍ ବେନିୟମ ଭାବେ ଚଳାଚଳ କରୁଥିବାରୁ ସମସ୍ତ ଘରୋଇ ବସ୍ ମାଲିକ ଆର୍ଥିକ ଓ ମାନସିକ ସ୍ତରରେ ଘୋର ଅସୁବିଧାର ସମ୍ମୁଖୀନ ହେଉଅଛୁ। ବର୍ତ୍ତମାନ ଦେଖାଯାଉଛି ଯେ ସମସ୍ତ ରୁଟ୍ ଯଥା ବ୍ରହ୍ମପୁର, ଗୋପାଳପୁର, ଛତ୍ରପୁର, ପୁରୁଷୋତମପୁର, ଚିକିଟି, ପାତ୍ରପୁର, ଦିଗପହଣ୍ଡି, ହିଞ୍ଜିଳିକାଟୁ, ଶେରଗଡ଼, ଖଲିକୋଟ, ପୋଲସରା, କୋଦଳା ଇତ୍ୟାଦି ରୁଟରେ ସେମାନଙ୍କୁ ମିଳିଥିବା ପରମିଟ୍ ରୁଟ୍‌ରେ ମୁଖ୍ୟମନ୍ତ୍ରୀ ବସ୍ ସେବା ଏବଂ ଆମ ବସ୍ ବେନିୟମ ଭାବେ ଚଳାଚଳ କରୁଛନ୍ତି। ଯାହାଦ୍ୱାରା ସେମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ସରକାର ତାଙ୍କର ପେଟ ପାଟଣା ଚଳିବା ନିମନ୍ତେ ଜିଲ୍ଲାରେ ଘରୋଇ ବସ ଚଳାଚଳର ସୁବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ବସ ସେବା ଓ ଆମ ବସ ବେନିୟମ ଚଳାଚଳକୁ ତୁରନ୍ତ ବନ୍ଦ କରାଯାଉ। ଏହାର ତଦନ୍ତ କରି ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଘରୋଇ ବସ ମାଲିକମାନେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ସମସ୍ତ ଘରୋଇ ବସକୁ ବନ୍ଦ କରି ଗାଡ଼ି ମାଲିକ ଓ ଗାଡ଼ି କର୍ମଚାରୀମାନେ ଜିଲ୍ଲାପାଳ ଓ ଆରଟିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

## ୨୭ଗୋପାଳପୁର ବେଳାଭୂମି ମହୋତ୍ସବ

**ବ୍ରହ୍ମପୁର,୧୬।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବହୁ ପ୍ରତିକ୍ଷିତ ଗୋପାଳପୁର ବେଳାଭୂମି ମହୋତ୍ସବ ଚଳିତ ମାସ ଜାନୁୟାରୀ ୨୭ରୁ ୩୦ ତାରିଖ ଯାଏଁ ବିଗତ ବର୍ଷମାନଙ୍କଠାରୁ ଅଧିକ ଆଡମ୍ବର ଓ ଉତ୍ସାହରେ ଅନୁଷ୍ଠିତ ହେବ। ମହୋତ୍ସବର ଉଦଘାଟନୀ ସମାରୋହରେ ଓଡ଼ିଶାର ରାଜ୍ୟପାଳ ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଅତିଥି ରୂପେ ଯୋଗ ଦେଉଥିବା ବେଳେ ଉଦଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଅତିଥି ରୂପେ ଯୋଗ ଦେବେ। ଇସ୍ପାତ ଓ ଖଣି, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ଏ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭାଗୀୟ ଅଧିକାରୀମାନଙ୍କୁ ସମସ୍ତ ପ୍ରାକ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବେଳାଭୂମିର ସୌନ୍ଦର୍ଯ୍ୟ ବୃଦ୍ଧିକରିବା ପାଇଁ ଏ ବର୍ଷ ଗଂଜାମ ଜିଲ୍ଲାର ବେଳାଭୂମି ଗୁଡିକୁ ସଫେଇ ପଦଯାତ୍ରା ମାଧ୍ୟମରେ ସଫା କରାଯିବ। ତା'ସହିତ ଗୋପାଳପୁର ଜଙ୍ଗସନ ଠାରୁ ଗୋପାଳପୁର ବେଳାଭୂମି ଯାଏଁ ବିଭିନ୍ନ ପ୍ରକାର ଚାରା ଓ ଛୋଟ ଛୋଟ ବୃକ୍ଷ ରୋପଣ କରାଯିବ। ଚଳିତ ବର୍ଷ ବେଳାଭୂମିରେ ଯୋଗ ସହିତ ବିଭିନ୍ନ ପ୍ରକାର କ୍ରୀଡାର ଆୟୋଜନ କରାଯିବ। କୃତି କ୍ରୀଡ଼ାବିତ ଦଳମାନଙ୍କୁ ସମାରୋହରେ ପୁରସ୍କୃତ କରାଯିବା କାର୍ଯ୍ୟକ୍ରମ ରହିଛି।

## ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା

**ମାହାଙ୍ଗା,୧୬।୧ ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋକନ ପଞ୍ଚାୟତସ୍ଥିତ ଶୁଖୁଆପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶଙ୍କର୍ଷଣ ଦେହୁରୀଙ୍କ ଅଧକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସିଆରସିସି ସଞ୍ଜୟ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଂଜିତା ରାଉତ ପ୍ରମୁଖ ଯୋଗଦେଇ କ୍ରୀଡାର ବିଭିନ୍ନ ଦିଗ ଉପରେ ଆଲୋଚନା କରି କ୍ରୀଡ଼ାବିତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। କ୍ରୀଡାବିତ ରମେଶ ଚନ୍ଦ୍ର ସାହୁ ଖେଳ ପରିଚାଳନା କରିଥିଲେ। ବିଜୟ ଲକ୍ଷ୍ମୀ ଦାସ ଓ ତପଶ୍ରୀ ଦାସ ଚାମ୍ପିୟନ ହୋଇଥିଲେ। ଶିକ୍ଷକ ଜଗନ୍ନାଥ ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉର୍ବଶୀ ଦାସ, ହରପ୍ରିୟା ବେହେରାଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ

## ସିଦ୍ଧି ବିନାୟକ ଯୁବକ ସଂଘର ବାର୍ଷିକ କ୍ରୀଡା

**ବୈଶିଙ୍ଗା,୧୬।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧିନ ଗଡଦେଉଳିଆ ପଞ୍ଚାୟତର ପଦ୍ମନାଭପୁର ଗ୍ରାମରେ ଥିବା ସିଦ୍ଧିବିନାୟକ ଯୁବକ ସଂଘ ପକ୍ଷରୁ ଚତୁର୍ଥ ବାର୍ଷିକ କ୍ରୀଡା ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ଏହି କ୍ରୀଡା ଉତ୍ସବରେ ମୁଖ୍ୟଅତିଥି ଭାବେ ଅଞ୍ଚଳର ବରିଷ୍ଠ ନାଗରିକ ତଥା ସମାଜସେବୀ ଇନ୍ଦ୍ରମଣି ମହାପାତ୍ର ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଲକ୍ଷ୍ମୀମଣି ସାହୁ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଫିତା କାଟି ଉଦଘାଟନ କରିଥିଲେ। ଏହି କ୍ରୀଡା ଉତ୍ସବ ଦୁଇଦିନ ହେବ। ମଙ୍ଗଳବାର ଅପରାହ୍ଣରେ ଲାୟନ୍ସ କ୍ଲବ, ବାଲେଶ୍ୱର ପକ୍ଷରୁ ପଦ୍ମନାଭପୁର ଗ୍ରାମରେ ବସବାସ କରୁଥିବା ଶତାଧିକ ଅସହାୟ ତଥା ନିତ୍ୟାନ୍ତ ଗରିବ ଶ୍ରେଣୀର ବୃଦ୍ଧ ବୃଦ୍ଧାଙ୍କୁ କମ୍ବଳ ଓ ବିସ୍କୁଟ ବଣ୍ଟନ କରାଯାଇଛି। ରାଜ୍ୟରେ ପ୍ରବଳ ଶୀତଲହରୀ ସାଙ୍ଗକୁ ପ୍ରବଳ ଜାଡରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିବା ବେଳେ ସମାଜର ନିତ୍ୟାନ୍ତ ଅସହାୟ ଲୋକମାନେ ଶୀତବସ୍ତ୍ର ନପାଇ ଛଟପଟ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଅସହାୟଙ୍କୁ ଚିହ୍ନଟ କରି ଶୀତବସ୍ତ୍ର ବଣ୍ଟନ କରାଯାଇଥିବାରୁ ସିଦ୍ଧିବିନାୟକ ଯୁବକ ସଂଘ, ପଦ୍ମନାଭପୁର ଓ ଲାୟନ୍ସ କ୍ଲବ, ବାଲେଶ୍ୱରର ସଦସ୍ୟ ସଦସ୍ୟାମାନଙ୍କୁ ବୁଦ୍ଧିଜୀବି ମହଲରେ ପ୍ରଶଂସା କରାଯାଇଛି। ଯୁବକ ସଂଘର ସଭାପତି ଶମ୍ଭୁନାଥ ସିଂ, ସେକ୍ରେଟାରୀ ସୁନ୍ଦାର ସିଂ, ସଂଘର ସଦସ୍ୟ-ଗୋପାଳଚନ୍ଦ୍ର ସିଂ, ସମରେନ୍ଦ୍ର ହେମ୍ବ୍ରମ, ଦେବରଞ୍ଜନ ସିଂ, ଫକୀରମୋହନ ସିଂ, ଶଂକର ସିଂ, କାଳିଆ ମହାନ୍ତ ଓ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଭାରତୀୟ ମୁକ୍ତି ମୋର୍ଚ୍ଚା ଓ ରାଜ୍ୟ ଓବିସି ମଞ୍ଚର ପ୍ରତିବାଦ

**ବଲାଙ୍ଗିର,୧୬।୧ ଏକ୍ସପ୍ରେସ୍ ନ୍ୟୁଜ୍**



ଭାରତୀୟ ମୁକ୍ତି ମୋର୍ଚ୍ଚା ବଲାଙ୍ଗିର ତଥା ରାଜ୍ୟ ଓବିସି ମଞ୍ଚ ବଲାଙ୍ଗିର ତରଫରୁ ୫ଦଫା ସମ୍ମଳିତ ଦାବିପତ୍ର ଜିଲ୍ଲାପାଳ ବଲାଙ୍ଗିରଙ୍କୁ ଭାରତର ମହାମହିମ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦୁଇଟି ଦାବିପତ୍ର ସନାତନ ଦୀପ ଜିଲ୍ଲା ଆବାହକ ଭାରତୀୟ ମୁକ୍ତି ମୋର୍ଚ୍ଚା ବଲାଙ୍ଗିର ଏବଂ ସରୋଜ କୁମାର ମେଶ୍ରା ଜିଲ୍ଲା ସଂଯୋଜକ ଓବିସି ମଞ୍ଚ ବଲାଙ୍ଗିର ପ୍ରଦାନ କରିଛନ୍ତି । ଗତ ଡିସେମ୍ବର ୨୮ରୁ ୩୦ ଡିସେମ୍ବର ତିନିଦିନ ଧରି ଐତିହାସିକ କଟକ ବାଲିଯାତ୍ରା ପଡିଆରେ ହେବାକୁ ଥିବା ରାଷ୍ଟ୍ରୀୟ ଅଧିବେଶନକୁ ଜିଲ୍ଲା ପ୍ରଶାସନ କଟକ ଏବଂ ମହାନିଗମ ପୋଲିସ ପ୍ରଶାସନ ପୂର୍ବ ଅନୁମତି ଦେଇଥିଲେ ସୁଦ୍ଧା ବିଭିନ୍ନ ଆଳ ଦେଖାଇ ବନ୍ଦ କରିଦେଇଥିଲେ। ଏହି ରାଜ୍ୟ ଅଧିବେଶନରେ ସଂଗଠନ ତରଫରୁ ଦୁଇ ମାସ ଧରି ବ୍ୟାପକ ପ୍ରସ୍ତୁତି ଚାଲିଥିଲା ଏବଂ ବିଭିନ୍ନ ଅନୁସାଙ୍ଗିକ ବ୍ୟବସ୍ଥାରେ ସଂଘର ଲକ୍ଷାଧିକ ଟଙ୍କା ବ୍ୟୟ ହୋଇଥିଲା। ଏହା ଫଳରେ ୮୫% ବହୁଜନଙ୍କୁ ଭାରତ ସମ୍ବିଧାନ ବ୍ୟବସ୍ଥାରେ ମିଳିଥିବା ମୌଳିକ ଅଧିକାର ଗୁଡିକ କ୍ଷୁର୍ଣ୍ଣ ହୋଇଛି ବୋଲି ରାଜ୍ୟ ଓବିସି ମଞ୍ଚ କୋଷାଧକ୍ଷ ପରଦେଶି ବିଶ୍ୱାଳ ତାଙ୍କ ବକ୍ତବ୍ୟରେ କ୍ଷୋଭ ପ୍ରକାଶ କରିଥିଲେ । ଭାରତର ସମ୍ବିଧାନ ବ୍ୟବସ୍ଥା ଏହା ଏକ କୁଠାରଘାତ ବୋଲି ଭାରତୀୟ ମୁକ୍ତି ମୋର୍ଚ୍ଚା ଆବାହକ ସନାତନ ଦୀପ ତାଙ୍କ ବକ୍ତବ୍ୟ ରଖିଥିଲେ। ଆଗାମୀ ଦିନରେ ବାମସେଫ୍ ଭାରତୀୟ ମୁକ୍ତିମୋର୍ଚ୍ଚା ଏବଂ ରାଷ୍ଟ୍ରୀୟ ପଛୁଆ ବର୍ଗର ଅଧିବେଶନକୁ ସରକାରୀ ଅନୁମୋଦନ ଗତ ବାଲିଯାତ୍ରା ପଡିଆ କଟକରେ ମହାଅଧିବେଶନରେ ଅଗ୍ରୀମ ପ୍ରସ୍ତୁତିର କ୍ଷୟକ୍ଷତି ପ୍ରଦାନ ଭବିଷ୍ୟତରେ ବହୁଜନଙ୍କ ସମ୍ବିଧାନିକ ଅଧିକାରକୁ ଅକ୍ଷୁର୍ଣ୍ଣ ରଖିବା, ଓବିସି ଜନଗଣନାକୁ ସ୍ୱଚ୍ଛତା ଭାବେ କରିବା ଇତ୍ୟାଦି ୫ଦଫା ଦାବି ପ୍ରଦାନ କରାଯାଇଥିଲା। ଏଥିରେ ଚିତ୍ରସେନ ସୁନା, କମଳ ଛତ୍ରିଆ, ଚାରୁଚନ୍ଦ୍ର ନାଗ, ରାହୁଲ କୁମ୍ଭାର, ଶୁଶିଲ କୁମ୍ଭାର, କେଶବ ଛୁରା, ଲଳିତ କୁମ୍ଭାର, ରାଜେନ୍ଦ୍ର ସୁନା, ନିକେଶ କୁମ୍ଭାର, ଅନିଲ ନାଗ, ପବନ ସିକା ପ୍ରମୁଖ ବାମ୍‌ସଫେ୍ ସଂଗଠନର ସଦସ୍ୟ, ଭାରତୀୟ ମୁକ୍ତିମୋର୍ଚ୍ଚାର ସଦସ୍ୟ ଓ ଓବିସି ମଞ୍ଚ ବଲାଙ୍ଗିରର ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା





**ମାଲକାନଗିରି,୧୬।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଅଧୀନରେ ଆଧାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ ନେବା ନିମନ୍ତେ ମାଲକାନଗିରି ଜିଲ୍ଲାରୁ ତୀର୍ଥ ଯାତ୍ରୀଙ୍କୁ ନେଇ ଏକ ବସ୍ ରାୟଗଡ଼ା ଅଭିମୁଖେ ଯାତ୍ରା କରିଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଏହି ତୀର୍ଥ ଯାତ୍ରୀ ବସ୍‌କୁ ପତାକା ଦେଖାଇ ଉଦଘାଟନ କରିଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ଓ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଉପସ୍ଥିତ ରହି ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲ୍ଲାପାଳ ବରିଷ୍ଠ ନାଗରିକଙ୍କ ସୁଖଦ ଯାତ୍ରା ନିମନ୍ତେ ଶୁଭେଚ୍ଛା ଜଣାଇଛନ୍ତି।

କୋରାପୁଟ, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାର ତୀର୍ଥଯାତ୍ରୀ ରାୟଗଡା ରେଳ ଷ୍ଟେସନରୁ ବାରାଣାସୀ ଓ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବେ। ସମସ୍ତ ୭୫ଜଣ ତୀର୍ଥଯାତ୍ରୀ ଓ ୨ ଜଣ ସହଯୋଗୀ ଅଧିକାରୀ ରାୟଗଡ଼ା ପହଞ୍ଚିବେ ଏବଂ ଶୁନିବାର ବାରାଣସୀ- ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବେ। ଯାତ୍ରୀଙ୍କର ସୁଖଦ ଯାତ୍ରା ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ପର୍ଯ୍ୟଟନ ବିଭାଗ ପକ୍ଷରୁ ନିଆଯାଇଛି।

## ଉଦ୍ଧାର ଶିଶୁକୁ ନେଇ ପ୍ରଶାସନ ନାକେଦମ: ଜିଲ୍ଲାପାଳଙ୍କ ଅଫିସକୁ ଘେରିଲେ ଗ୍ରାମବାସୀ

**ଢେଙ୍କାନାଳ,୧୬।୧ ଏକ୍ସପ୍ରେସ୍ ନ୍ୟୁଜ୍**



ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ଅନ୍ତର୍ଗତ ବାଛୁରିବାଙ୍କ ଗ୍ରାମରୁ ଏକ ଶିଶୁକୁ ଉଦ୍ଧାର କରିବା ପରେ ଏବେ ଜିଲ୍ଲା ପ୍ରଶାସନକୁ ନାକେ ଦମ ହୋଇଛି। ମଙ୍ଗଳବାର ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ସହାୟତାରେ ସିଡବ୍ଲ୍ୟୁସି ଉକ୍ତ ଶିଶୁପୁତ୍ରକୁ ବାଛୁରିବାଙ୍କ ଗ୍ରାମର ଦମ୍ପତି ମୂକ୍ଷା ନାଏକ ଓ ବାସନ୍ତୀ ନାଏକଙ୍କ ଘରୁ ଉଦ୍ଧାର କରି ଶିଶୁ ଗୃହକୁ ପଠାଇଦେଇଛି। ଫଳରେ ଶିଶୁ ପୁତ୍ରକୁ ନେବା ପାଇଁ ଉକ୍ତ ଦମ୍ପତି ଓ ତାଙ୍କ ଗ୍ରାମବାସୀ ଜିଲ୍ଲାପାଳଙ୍କ ଅଫିସ କକ୍ଷକୁ ଘେରି ରହି ଜିଦ ଧରିଛନ୍ତି। ଏପରିକି ଉକ୍ତ ଦମ୍ପତି ଶିଶୁ ନେବା ପାଇଁ କାନ୍ଦି କାନ୍ଦି ଗଡୁଥିବା ସହିତ ଚେତା ଶୂନ ହୋଇପଡ଼ିବାର ଦେଖିବାକୁ ମିଳିଛି। ଫଳରେ ଜିଲ୍ଲାପାଳ କକ୍ଷ ବାହାରକୁ ବାହାରି ପାରୁନଥିବା ଦେଖାଯାଇଛି। ଖବର ପାଇ ଟାଉନ ପୋଲିସ ପହଞ୍ଚି ଉକ୍ତ ଦମ୍ପତି ଓ ଗ୍ରାମବାସୀଙ୍କୁ ବୁଝାସୁଝା କରୁଥିବା ଜଣାପଡିଛି। ସୂଚନା ମୁତାବକ, ଏହି ଦମ୍ପତି ନିଃସନ୍ତାନ ଥିବା ବେଳେ ଏକ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଉକ୍ତ ଶିଶୁକୁ ପାଳିଛନ୍ତି। ଗତ ୯.୧୨ .୨୦୨୬ ଅର୍ଥାତ ଏକ ମାସ ପୂର୍ବେ ତାଙ୍କ ଗ୍ରାମ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିଲେ। ଜଙ୍ଗଲରେ ଏହି ନବଜାତ ଶିଶୁ ପୁତ୍ରଟି ମୁମୂର୍ଷୁ ଅବସ୍ଥାରେ ପାଇଥିଲେ। ପରେ ଏହି ନିଃସନ୍ତାନ ଦମ୍ପତି ତାଙ୍କୁ ନିଜର ପୁଅ ଭାବେ ପାଳି ଥିଲାବେଳେ ନାମ କରଣ ମଧ୍ୟ କରିଥିଲେ। ମାତ୍ର ଏକ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିବା ବେଳେ ଏବେ ତାଙ୍କୁ ସିଡବ୍ଲ୍ୟୁସି ତାଙ୍କ ଠାରୁ ଶିଶୁକୁ ଛଡାଇ ଆଣିଥିବା କହିଛନ୍ତି ଦମ୍ପତି। ଫଳରେ ଉକ୍ତ ଶିଶୁକୁ ନେବା ପାଇଁ ଜିଦରେ ରହିଛନ୍ତି ଦମ୍ପତି। ସେପଟେ ନିୟମ ମୁତାବକ ଉକ୍ତ ଶିଶୁକୁ ଦେଇ ପାରିବେ ନାହିଁ ବୋଲି ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ପ୍ରକାଶ କରିଛନ୍ତି, ଯାହାଫଳରେ ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କିଛି ସମୟ ଧରି ଉତ୍ତେଜନା ଦେଖା ଦେଇଥିଲା ବେଳେ ପୋଲିସ ପହଞ୍ଚି ଗ୍ରାମବାସି ଓ ପାଳିତ ପିଲାର ବାପା, ମା'ଙ୍କୁ ବଳପୂର୍ବକ ଉଠାଇ ନେଇଥିଲା।

## ସ୍ୱାମୀ ବିବେକାନନ୍ଦ ଜୟନ୍ତୀ

**କେନ୍ଦ୍ରାପଡ଼ା,୧୬।୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡା ଗ୍ରାମ ପଞ୍ଚାୟତ ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ସ୍ୱାମୀ ବିବେକାନନ୍ଦଙ୍କର ୧୬୩ ତମ ଜୟନ୍ତୀ ପଞ୍ଚାୟତର ସଭାଗୃହରେ ଶିକ୍ଷାବିତ ବ୍ରଜ କିଶୋର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ପାଳନ ହୋଇଯାଇଛି । ଉକ୍ତ ଉତ୍ସବରେ ଡଃ ସର୍ବେଶ୍ୱର ସେଣ ମୁଖ୍ୟ ଅତିଥି ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥ ମୁଖ୍ୟବକ୍ତା ଭ୍ରମରବର ନନ୍ଦ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ। ଜୟନ୍ତୀ ସଂଯୋଜକ ଶିକ୍ଷାବିତ କୈଳାଶ ଚନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ଦେଇ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଗଡା ବରିଷ୍ଠ ମଞ୍ଚର ଉପସଭାପତି କ୍ଷୀରୋଦ କୁମାର ପଣ୍ଡା, ସଂପାଦକ ନିହାର ରଞ୍ଜନ ସ୍ୱାଇଁ, କୋଷାଧ୍ୟକ୍ଷ କୁମୁଦ ରଞ୍ଜନ ରାଉତ ସହ ସମ୍ପାଦକ ନାରାୟଣ ପଣ୍ଡା, ବାବାଜୀ ଚରଣ ବାରିକ, ରବୀନ୍ଦ୍ର ପ୍ରସାଦ ଜେନା, ସୁରେଶ ଚନ୍ଦ୍ର ସାହୁ, ବନମାଳି ପାତ୍ର, କରୁଣାକର ପରିଡା, ନିକୁ ପ୍ରଧାନ, ଗୋପିନାଥ ସ୍ୱାଇଁ, ରବିନାରାୟଣ ପାତ୍ର, ନାରାୟଣ ଜେନା କଳପଡା ପଞ୍ଚାୟତ ବରିଷ୍ଠ ମଞ୍ଚର ଜଗନ୍ନାଥ ସ୍ୱାଇଁ, ଶ୍ୟାମସୁନ୍ଦର ପୁର ପଞ୍ଚାୟତ ବରିଷ୍ଠ ମଞ୍ଚର ସମ୍ପାଦକ କ୍ଷୀରୋଦ କୁମାର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ସର୍ବେଶ୍ୱର ସେଣ ବିବେକାନନ୍ଦଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିବା ବେଳେ ମୁକ୍ୟବକ୍ତା ହୃଷୀକେଶ ରଥ ବିବେକାନନ୍ଦଙ୍କ ନିତି ଓ ଆଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଷୀରୋଦ କୁମାର ପଣ୍ଡା, ନିହାର ରଞ୍ଜନ ସ୍ୱାଇଁ, ରବୀନ୍ଦ୍ର ପ୍ରସାଦ ଜେନା, ନାରାୟଣ ଜେନା, କ୍ଷୀରୋଦ ସେନାପତି ଭ୍ରମରବର ନନ୍ଦ ପ୍ରମୁଖ ବିବେକାନନ୍ଦଙ୍କର ସାହସୀକତା ଓ ତ୍ୟାଗ ଓ ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧି ରଖିବା ସୂତ୍ର କଥା ଆଲୋଚନା କରିଥିଲେ । ସହ ସମ୍ପାଦକ ନାରାୟଣ ଚନ୍ଦ୍ର ପଣ୍ଡା, ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶେଷ ହେଲା ଆନ୍ତର୍ଜାତିକ ସମବାୟ ବର୍ଷ



**ଜଗତସିଂହପୁର,୧୬।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତସିଂହପୁର ଜିଲ୍ଲାରେ ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ଉଦଯାପନ ଉତ୍ସବ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି।

ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜେ.ସୋନାଲ (ଭା.ପ୍ର.ସେ), ଜିଲ୍ଲାପାଳ, ଜଗତସିଂହପୁର ସମବାୟ ସମିତିମାନଙ୍କୁ କେବଳ ସେମାନଙ୍କର ପ୍ରାଥମିକ ବ୍ୟବସାୟରେ ସୀମିତ ନରହି ବିବିଦ୍ଧ ବ୍ୟବସାୟ କରି ନିଜର ଆୟ ୨ ଗୁଣ ବଢାଇବାକୁ ଉତ୍ସାହିତ କରିଥିଲେ। ସମବାୟକୁ ଜଗତସିଂହପୁର ଜିଲ୍ଲାରେ ୧୯୮ ଗ୍ରାମ ପଞ୍ଚାୟତରେ ପର୍ଯ୍ୟାୟ କ୍ରମେ ପହଞ୍ଚାଇବାସହ ତୃଣ ମୂଳସ୍ତରରେ ଲୋକମାନଙ୍କର ଆର୍ଥିକ ଅବସ୍ଥା ଦୂର କରିବା ପାଇଁ କହିଥିଲେ। ଅନ୍ୟ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଦେବବ୍ରତ ସାମଲ, ଡିଏଫଓ, ଜଗତସିଂହପୁର ସରକାରଙ୍କ ଯୋଜନା ଓ ଆର୍ଥିକ ସାହାଯ୍ୟ ଉପରେ ସଂକ୍ଷେପରେ କହିଥିଲେ। ଦିଗମ୍ବର ନାୟକ, ମହା ପରିଚାଳକ, କଟକ ଦୁଗ୍ଧ ସଂଗଠନ ସମବାୟ ସମିତିମାନଙ୍କୁ ଚାଷ ଋଣ ସହ ଦୁଗ୍ଧ ସଂଗ୍ରହ କେନ୍ଦ୍ର ସ୍ଥାପନ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନନ୍ତ ସାମଲ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ କମ୍ପୁଟରୀକରଣ, ଗୃହ, ଚାଷଋଣ ସମ୍ପର୍କରେ କହିଥିଲେ ଏବଂ ବିଦ୍ୟୁତଲତା ବେହେରା, ଡିଡିଏମ,ନୋବାର୍ଡ, ଜଗତସିଂହପୁର କେନ୍ଦ୍ରୀୟ ସଫ୍ଟୱେର୍ ଏନଏଲପିଏସ ଉପରେ ନିଜର ମତବ୍ୟକ୍ତ ରଖିଥିଲେ। ଏହା ପରେ ଜଗତସିଂହପୁର ଜିଲ୍ଲାର ୩ଟି ପ୍ରାଥମିକ ସେବା ସମବାୟ ସମିତିକୁ ସିଏସସିରେ ଉତ୍ତମ କାରବାର ପାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉତ୍ସବର ପ୍ରାରମ୍ଭରେ ପ୍ରଭାତ ଚନ୍ଦ୍ର ଶତପଥି, ଉପନିବନ୍ଧକ ସମବାୟ ସମିତି ସମୂହ, ଜଗତସିଂହପୁର ବିଭାଜନ, ଜଗତସିଂହପୁର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ସମବାୟର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ସମିତିମାନଙ୍କରେ ବ୍ୟବସାୟ ବିବିଧିକରଣ ପାଇଁ ଗୁରୁତ୍ୱାରୋପ କରିଥିଲେ। ଶେଷରେ ପ୍ରଭାତ କୁମାର ମହାପାତ୍ର, ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, ଜଗତସିଂହପୁର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଶ୍ମିପ୍ରଭା ଦାସ, ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, ଜଗସିଂହପୁର ମଣ୍ଡଳ ଏବଂ ସୂର୍ଯ୍ୟ କାନ୍ତ ଦାସ, ସମ୍ପାଦକ, ଆରଏମସି, ଜଗତସିଂହପୁର ମଧ ଉପସ୍ଥିତ ଥିଲେ। ଉପନିବନ୍ଧକ, ସମବାୟ ସମିତି ସମୂହ ଏବଂ ସହକାରୀ ନିବନ୍ଧକଙ୍କ, ସମବାୟ ସମିତି ସମୂହ କାର୍ଯ୍ୟାଳୟର ବିବେକାନନ୍ଦ ବେହେରା, ରାଖାଲ ଚନ୍ଦ୍ର ସାମଲ, ସୁମନ ବେହେରା, ମିତାଳି ବୋଷ, ଚିତ୍ରା ଚିନ୍ମୟୀ ଦାସ, ସ୍ୱର୍ଣ୍ଣଲତା ନାୟକ, ରୁବୁ ମହାନ୍ତି ଏବଂ ଫ୍ରଜାନା ପରବୀନ ଉପସ୍ଥିତ ଥିଲେ।

## ଜାତୀୟ ଭୋଟର ଦିବସ ଲାଗି ପ୍ରସ୍ତୁତି

**ଦେବଗଡ଼,୧୬।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ୧୬ତମ ଜାତୀୟ ଭୋଟର ଦିବସକୁ ଜାନୁଆରୀ ୨୫ରେ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଶ୍ରୀ ସାହୁ ଆଗାମୀ ୧୬ତମ ଜାତୀୟ ଭୋଟର ଦିବସକୁ ସରସ ସୁନ୍ଦରରେ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ଦେବଗଡ଼ ମହାବିଦ୍ୟାଳୟ ଠାରେ ଜାନୁଆରୀ ୨୦ ତାରିଖ ଦିନ ବକ୍ତୃତା, ପ୍ରବନ୍ଧ, ରଙ୍ଗୋଲି ଓ ଚିତ୍ରାଙ୍କନ ପ୍ରତିଯୋଗିତା ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଆୟୋଜନ କରାଯିବା ପାଇଁ ସ୍ଥିର କରାଯାଇଛି। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ 'ମୋ ଭାରତ ମୋ ଭୋଟ୍' ବିଷୟବସ୍ତୁ ଉପରେ ପ୍ରତିଯୋଗିତା କରାଯିବ। ଜାନୁଆରୀ ୨୫ ତାରିଖ ଦିନ ସକାଳ ୮ ଘଟିକା ସମୟରେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ଶୋଭାଯାତ୍ର ରାଲି ବାହାରି ସହର ପରିକ୍ରମା କରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପହଁଚିବା ପରେ ଏକ ସାଧାରଣ ସଭାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ଇଲେକ୍ସନ ଏଜଲିନ ବାରା, ସହକାରୀ ଜିଲ୍ଲାପାଳ ସୁଶ୍ରୀ ରେଖା ମହନ୍ତ, ଆଦର୍ଶ ମହାବିଦ୍ୟାଳୟ ଅଧକ୍ଷ ଡ଼କ୍ଟର ବିଜୟ କୁମାର ମହାରଣା, ଦେବଗଡ଼ ମହାବିଦ୍ୟାଳୟ ଅଧକ୍ଷ ବିକ୍ରମ କେଶରୀ ନାଏକ, ମହିଳା ମହାବିଦ୍ୟାଳୟ ଅଧକ୍ଷ ତୁଷାର କାନ୍ତ ଧଳ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଇଲେକ୍ସନର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ରକ୍ତଦାନ ଶିବିର ଲାଗି ପ୍ରସ୍ତୁତି

**କେନ୍ଦ୍ରାପଡ଼ା,୧୬।୧ ଏକ୍ସପ୍ରେସ୍ ନ୍ୟୁଜ୍**

ସମୀର ଟିଭିଏସ ପକ୍ଷରୁ ଆସନ୍ତା ୨୧ତାରିଖରେ ଦୁହୁରିଆସ୍ଥିତ ସମୀର ଟିଭିଏସରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏନେଇ ବୁଧବାର ଅପରାହ୍ନରେ ସମୀର ଟିଭିଏସ ପରିସରରେ ପରିଚାଳନା ନିର୍ଦ୍ଦେଶକ ସମୀର କୁମାର ଚାନ୍ଦଙ୍କ ପୌରହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କିଭଳି ଅଧିକରୁ ଅଧିକ ଲୋକ ଯୋଗଦେଇ ରକ୍ତଦାନ କରିପାରିବେ ସେ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ଅନୁନ୍ୟ ୫ଜଣ କରି ରକ୍ତଦାତାଙ୍କୁ ବୁଝାଇ ସେଦିନ ରକ୍ତଦାନ ନିମନ୍ତେ ଆଣିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ ଦୁର୍ଯ୍ୟୋଧନ ମହାରଣା, ଲକ୍ଷ୍ମୀକାନ୍ତ ବେହେରା, ସୁବାସ ସ୍ୱାଇଁ, ନିକୁଞ୍ଜଶେଖର ନାୟକ, ଶୁଭଶ୍ରୀ ନାୟକ, ସତ୍ୟବ୍ରତ ଦାସ, ଦିପ୍ତିମୟୀ ସେଠୀ, ଜଗନ୍ନାଥ ମହାରଣା, କ୍ଷିତିଶ କୁମାର କର, ଅନିଜା ଜେନା, ରଶ୍ମୀ, ସାମ୍ବାଦିକ ସୁବ୍ରତ କୁମାର ସାମଲ, ସୁଶାନ୍ତ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଜିଲ୍ଲା ମହୋତ୍ସବ 'ଯଯାତି-୨୦୨୬'

**ଯାଜପୁର,୧୬।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁରର କଳା, ସଂସ୍କୃତି ଓ ଐତିହ୍ୟର ମହାକୁମ୍ଭ ଜିଲ୍ଲା ମହୋତ୍ସବ 'ଯଯାତି-୨୦୨୬' ଆସନ୍ତା ଫେବୃଆରୀ ମାସରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଗତ ୨ ତାରିଖ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଯୋଗଦେଇ ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ଓ ଅନ୍ୟାନ୍ୟ ଅତିଥିମାନେ ମହୋତ୍ସବର ମୁଖପତ୍ର ତଥା ସ୍ମରଣିକା 'ଯଯାତି'ର ଗୁଣାତ୍ମକମାନ ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ବୈଠକର ନିଷ୍ପତ୍ତି ଅନୁଯାୟୀ, ଚଳିତ ବର୍ଷର ସ୍ମରଣିକାକୁ ଅଧିକ ତଥ୍ୟମୂଳକ ଓ ସଂଗ୍ରହଣୀୟ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିନିମନ୍ତେ ଜିଲ୍ଲା ତଥା ରାଜ୍ୟର ବିଶିଷ୍ଟ ଲେଖକ, କବି, ଗବେଷକ, ବୁଦ୍ଧିଜୀବୀ ଓ ସାହିତ୍ୟିକମାନଙ୍କ ଠାରୁ ଉଚ୍ଚକୋଟିର ପ୍ରବନ୍ଧ, କବିତା, ଗଳ୍ପ ଏବଂ ଯାଜପୁରର ଲୁକ୍କାୟିତ ଐତିହ୍ୟ ଓ ପର୍ଯ୍ୟଟନ ଭିତ୍ତିକ ଆଲେଖ୍ୟ ଆହ୍ୱାନ କରାଯାଉଅଛି। ଏହି ସ୍ମରଣିକା ପ୍ରକାଶନୀ ନିମନ୍ତେ ଉଦୀୟମାନ ଯୁବ ଏବଂ ଛାତ୍ର ଲେଖକ/ ଲେଖିକାମାନଙ୍କୁ ନିଜର ଲେଖା ପ୍ରେରଣ କରିବା ପାଇଁ ଉତ୍ସାହିତ କରାଯାଉଅଛି।

ଆଗ୍ରହୀ ଲେଖକ/ଲେଖିକାମାନେ ସେମାନଙ୍କର ଲେଖା ଆସନ୍ତା ୨୫ ତାତାରିଖ ସୁଦ୍ଧା କେବଳ ଇ-ମେଲ୍ ମାଧ୍ୟମରେ ପଠାଇବାକୁ ଜିଲ୍ଲା ସଂସ୍କୃତି ଅଧିକାରୀ ଅନୁରୋଧ କରିଅଛନ୍ତି।

## ସଡକ ସୁରକ୍ଷା ସଚେତନତା

**ସୋରଡ଼ା,୧୬।୧ ଏକ୍ସପ୍ରେସ୍ ନ୍ୟୁଜ୍**

ସୋରଡ଼ା ଥାନା ଆଇଆଇସି ସୁନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମ ରାଲିରେ ମାଲିକ ସଂଘର ସଭାପତି ସୟଦ ଓ୍ୱାସିମ, ସମ୍ପାଦକ ଆରକ୍ଷପଲୀ ସାରଥୀ, ଯୁଗ୍ମ ସମ୍ପାଦକ ବଳିଆ ସାହୁ, ଷ୍ଟାଣ୍ଡ ସେକ୍ରେଟାରୀ ସୟଦ ଇବ୍ରୁ, କୋଷାଧ୍ୟକ୍ଷ ବାଳକୃଷ୍ଣ ଜେନା, ମାଲିକ ଜଙ୍ଗଲ ରାଜା ବସ, ଏସଆଇ ପରିଡା ବାବୁ, ଏଏସଆଇ ଓଏମଭିଇଡି ଏମଭିଆଇ, ହକର ବିଚିତ୍ର ସାହୁ, ହକର ଉମା ଜେନା, ଏମପିଙ୍କ ପ୍ରତିନିଧି ସୀମାଞ୍ଚଳ ଅଧିକାରୀ, ଦୁଇଟି ଅଟୋ ସଂଘର କର୍ମକର୍ତ୍ତା ଆରଟିଓ ଅଫିସର ବରିଷ୍ଠ କିରାଣୀ, ସ୍ଥାନୀୟ ପୋଲିସ ଥାନାର ସମସ୍ତ ସଦଳ ବଳ ଓ ହୋମ ଗାର୍ଡ ପ୍ରମୁଖ ସହରରେ ଯାଉଥିବା ଦୁଇ ଚକିଆ, ଚାରି ଚକିଆ ଯାନରେ ଯାଉଥିବା ଲୋକଙ୍କୁ ସଚେତନ କରିବା ସହିତ ନିଜେ ବଞ୍ଚିବା ଓ ପରିବାରକୁ ବଞ୍ଚାଇବା ପାଇଁ ସଡକ ସୁରକ୍ଷା ନିୟମ ପାଳନ କରିବାକୁ ଲୋକଙ୍କୁ ବୁଝାଇ ଥିଲେ। ଦୁର୍ଘଟଣା କମେଇବାକୁ ହେଲେ ତୃଣମୂଳସ୍ତରରେ ସଚେତନତା ନିତ୍ୟାନ୍ତ ଆବଶ୍ୟକ କାରଣ ସଚେତନତା ବଢିଲେ ହିଁ ଦୁର୍ଘଟଣା କମିବ ବୋଲି ରାଲିରେ ମତ ପ୍ରକାଶ ପାଇଛି। ଜାତୀୟପଥ ଉପରେ ଜନ ସଚେତନ ଓ ସଡ଼କ ସୁରକ୍ଷା ସଚେତନ ତା'ଉପରେ ଗୁରୁତ୍ୱ ଦେଇ ସ୍ଥାନୀୟ ଥାନା ପକ୍ଷରୁ ଆଇଆଇସି, ଏସଆଇ ଓ ଏଭିଡିଏସଆଇ, ଏମଭିଆଇ ମାଲିକ ସଂଘର ପୂର୍ବତନ ସଭାପତି କୁନା ସାହୁ ପ୍ରମୁଖ ମିଳିତ ସହଯୋଗରେ ଜାତୀୟ ରାଜ ପଥରେ ଯିବା ଆସିବା କରୁଥିବା ଗାଡିଚାଳକମାନଙ୍କୁ ମିଷ୍ଟାନ ବଣ୍ଟନ କରିବା ସହିତ ସେମାନଙ୍କୁ ଗୋଲାପ ଫୁଲ ଦେଇ ସଚେତନ କରାଇ ଥିଲେ। ଶେଷରେ ପୋଲିସ, ପରିବହନ ବିଭାଗ ପକ୍ଷରୁ ମା କନ୍ଧୁଣି ଦେବୀ ଘରୋଇ ବସ ମାଲିକ ସଂଘକୁ ସମସ୍ତ ପ୍ରକାର ସଚେତନତାରେ ସାହାଯ୍ୟ ସହଯୋଗ କରିବା ପାଇଁ ପ୍ରତିଶ୍ରୁତିମାନ ଦେଇଥିଲେ।

## ଭାରତୀୟ ବିଚାର

ଜାପାନୀ ବିଚାର: ଯଦି ସିଏ କରିପାରୁଛି, ତା'ହେଲେ ମୁଁ ବି କରିପାରିବି। ଯଦି କେହି କରିପାରୁ ନାହାନ୍ତି, ତା'ହେଲେ ମତେ ନିଶ୍ଚୟ କରିବାକୁ ହେବ।

ଭାରତୀୟ ବିଚାର: ଯଦି ସିଏ କରିପାରୁଛି, ତା'ହେଲେ ତାକୁ କରିବାକୁ ଦିଅ। ଯଦି କେହି କରିପାରୁ ନାହାନ୍ତି, ତା'ହେଲେ ମୁଁ କୋଉ କେମ୍ବ ବଣ୍ଡ କି ତାଡ଼ି ପକାଇବି?

-----




## ଭିତିରି ଉଦ୍ଦେଶ୍ୟ

ପ୍ରେମିକା- ମୋର କ'ଣଟା ଦେଖି ତମେ ପ୍ରେମ କଲ?
ପ୍ରେମିକ- ତୁମର ସବୁକିଛି ଦେଖିବା ପାଇଁ ହିଁ ତ ମୁଁ ପ୍ରେମ କଲି।

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 17th January, 2026 Saturday | RNI Regd. No. ODIODI/2009/28880

# ଅନ୍ୟର ନୋବେଲ ଶାନ୍ତି ପୁରସ୍କାର ନେଇ ଖୁସିରେ ଆତ୍ମହରା ଟ୍ରମ୍ପ

**ୱାଶିଂଟନ,୧୬।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନୋବେଲ ଶାନ୍ତି ପୁରସ୍କାର ପାଇଁ ବିକଳ ହେଉଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶେଷରେ ଏହାକୁ ନିଜ ହାତରେ ଧରିବାକୁ ସକ୍ଷମ ହୋଇଛନ୍ତି। ନୋବେଲ ଶାନ୍ତି ପୁରସ୍କାରର ମେଡାଲ ଓ ପ୍ରମାଣପତ୍ରକୁ ଧରିବା ପରେ ଖୁସିରେ ପୁରା ଗଦଗଦ ହୋଇ ଯାଇଛନ୍ତି ଟ୍ରମ୍ପ। ଅନ୍ୟର ନୋବେଲ ପୁରସ୍କାରକୁ ନେଇ ଅଲଗାକୁ ଭଳି ବାର ଦେଖାଇ ସେ ଫଟୋ ଉଠାଇବାକୁ ମଧ୍ୟ ପଛାଇ ନାହାନ୍ତି।

୨୦୨୫ ପାଇଁ ନୋବେଲ ଶାନ୍ତି ପୁରସ୍କାର ବାସ୍ତବରେ ଭେନେଜୁଏଲାର ବିରୋଧୀ ଦଳ ନେତା ମାରିଆ ମାଚାଡୋଙ୍କୁ ମିଳିଥିଲା। କିନ୍ତୁ ଭେନେଜୁଏଲାର ଆଭ୍ୟନ୍ତରୀଣ ବ୍ୟାପାରରେ ଟ୍ରମ୍ପ ହସ୍ତକ୍ଷେପ କରୁଥିବା ମାଚାଡୋ ଶୁକ୍ରବାର ତାଙ୍କୁ ଭେଟିଥିଲେ। ଏହି ସମୟରେ ସେ ନିଜର ନୋବେଲ ଶାନ୍ତି ମେଡାଲକୁ ଟ୍ରମ୍ପଙ୍କୁ ଦେଇଛନ୍ତି। ଟ୍ରମ୍ପ ଏଥିରେ ଖୁସି ହୋଇ ମାଚାଡୋଙ୍କ ବ୍ୟବହାର ଅତି ସୁନ୍ଦର ବୋଲି କହିଛନ୍ତି। ଏଥିସହ ସେ ପୁରା ଖୁସି ହୋଇ ହସିହସି ମଚାଡୋଙ୍କ ସହ ହ୍ୱାଇଟ ହାଉସରେ ଫଟୋ ଉଠାଇଛନ୍ତି।

ନୋବେଲ ଶାନ୍ତି ପୁରସ୍କାରକୁ ହାତରେ ଧରିବା ପରେ ଟ୍ରମ୍ପ କେତେ ଖୁସି, ସେକଥା ତାଙ୍କ ହସ ହିଁ ପରିପ୍ରକାଶ କରୁଛି। କାରଣ ସେ ୨୦୨୫ ନୋବେଲ ଶାନ୍ତି ପୁରସ୍କାର ହାସଲ କରିବାକୁ ଚାତକ ଭଳି ଚାହିଁ ରହିଥିଲେ। ଏକାଧିକ ଯୁଦ୍ଧ ଶେଷ କରିଥିବା ବାହାଦ୍ଦୁରୀ ମଧ୍ୟ ମାରିଥିଲେ। ପାକିସ୍ତାନ ଭଳି କିଛି ଦେଶ ଟ୍ରମ୍ପଙ୍କୁ ଖୁସି କରିବା ପାଇଁ ତାଙ୍କ ନାଁ ନୋବେଲ ଶାନ୍ତି ପୁରସ୍କାର କମିଟିରେ ସୁପାରିସ କରିଥିଲେ।

ହେଲେ ନୋବେଲ ଶାନ୍ତି କମିଟି ଉପରେ ଏହାର କୌଣସି ପ୍ରଭାବ ପଡି ନଥିଲା। ଟ୍ରମ୍ପଙ୍କ ବଦଳରେ ନୋବେଲ ଶାନ୍ତି ପୁରସ୍କାର ମାଚାଡୋଙ୍କୁ ମିଳିଥିଲା। ହେଲେ ଏବେ ମାଚାଡୋ ବଡ ହୃଦୟ ଦେଖାଇ ନିଜର ନୋବେଲ ଶାନ୍ତି ପୁରସ୍କାର ଟ୍ରମ୍ପଙ୍କୁ ଦେଇଛନ୍ତି।

ସେ ନିଜର ମେଡାଲ କେବଳ ଟ୍ରମ୍ପଙ୍କୁ ଦେଇ ନାହାନ୍ତି, ବରଂ ଏହାକୁ ହ୍ୱାଇଟ ହାଉସରେ ରଖି ଚାଲି ଯାଇଛନ୍ତି। ଟ୍ରମ୍ପ ମଧ୍ୟ ଏହି ଜଣଙ୍କ ପୁରସ୍କାରକୁ ଗ୍ରହଣ କରି ଖୁସି ହୋଇ ଯାଇଛନ୍ତି। ଏହାକୁ ସେ ପାରସ୍ପରିକ ସମ୍ମାନର ଗୋଟିଏ ଉଦାହରଣ ଭାବେ ମଧ୍ୟ ଚିତ୍ରଣ କରିଛନ୍ତି। ଇତିହାସରେ ପ୍ରଥମଥର ପାଇଁ ଜଣେ ନୋବେଲ ଶାନ୍ତି ପୁରସ୍କାର ବିଜେତା ସ୍ୱେଚ୍ଛାକୃତ ଭାବେ ନିଜର ମେଡାଲକୁ ଆଉ ଜଣଙ୍କୁ ହସ୍ତାନ୍ତର କରିଛନ୍ତି। କିନ୍ତୁ କ'ଣ ବାସ୍ତବରେ ଏହି ସମ୍ମାନ ଏପରି ଭାବେ ଟ୍ରାନ୍ସଫର ବା ହସ୍ତାନ୍ତର କରାଯାଇ ପାରିବ? ଏ ସମ୍ପର୍କରେ ନରୱେ ନୋବେଲ ଇନଷ୍ଟିଚ୍ୟୁଟ ମାଚାଡୋଙ୍କ ହ୍ୱାଇଟ ହାଉସ ଗସ୍ତ ପୂର୍ବରୁ ହିଁ ବୟାନ ରଖିଥିଲା। ରବିବାର ଇନଷ୍ଟିଚ୍ୟୁଟ ପକ୍ଷରୁ ସ୍ପଷ୍ଟ ଭାବେ କୁହାଯାଇଥିଲା ଯେ ନୋବେଲ ଶାନ୍ତି ପୁରସ୍କାର ଆଦୌ ହସ୍ତାନ୍ତର, ଭାଗ କିମ୍ବା ରଦ୍ଦ କରାଯାଇ ପାରିବ ନାହିଁ। ମାଚାଡୋ ନିଜର ପୁରସ୍କାର ଟ୍ରମ୍ପଙ୍କୁ ଦେବାକୁ ଆଗ୍ରହ ଦେଖାଉଥିବାରୁ ଇନଷ୍ଟିଚ୍ୟୁଟ ପକ୍ଷରୁ ଏପରି ବୟାନ ଜାରି କରାଯାଇଥିଲା। ସଂସ୍ଥା ପକ୍ଷରୁ ଗୋଟିଏ ବିବୃତିରେ କୁହାଯାଇଥିଲା ଯେ ନୋବେଲ ପୁରସ୍କାର ପ୍ରଦାନ କରାଯିବାର ନିଷ୍ପତ୍ତି ଅନ୍ତିମ ଓ ସ୍ଥାୟୀ। ଏହା ବିରୋଧରେ ଆବେଦନ କରିବାର ପ୍ରାବଧାନ ମଧ୍ୟ ନାହିଁ। ପୁରସ୍କାର ପ୍ରାପ୍ତ କରିବା ପରେ ବିଜେତାଙ୍କ କାମ ଓ ବୟାନ ଉପରେ ନୋବେଲ କମିଟି କୌଣସି ଟିପ୍ପଣୀ କରି ନଥାଏ। ଗୋଟିଏ ଥର ନୋବେଲ ପୁରସ୍କାର ଘୋଷଣା ହେବା ପରେ ଏହାକୁ ରଦ୍ଦ କରାଯାଇ ପାରିବ ନାହିଁ କିମ୍ବା ଏହାକୁ ଆଉ ଜଣଙ୍କୁ ହସ୍ତାନ୍ତର କିମ୍ବା ଆଉ ଜଣଙ୍କ ସହ ଭାଗ କରାଯାଇ ପାରିବ ନାହିଁ।



## ବିଜେପିରେ ପୂର୍ବତନ ବିଜେଡି ସାଂସଦ

**ଭୁବନେଶ୍ୱର,୧୬।୧: ଏକ୍ସପ୍ରେସ୍ ନ୍ୟୁଜ୍**

ବିଜେପିରେ ଯୋଗ ଦେଲେ ଯାଜପୁରର ପୂର୍ବତନ ସାଂସଦ ରିତା ତରାଇ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନଳିନୀ ପ୍ରଭା ଜେନା ଓ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ। ନିଜର ବହୁ ସଂଖ୍ୟକ ସମର୍ଥକଙ୍କ ସହ ବିଜେପିରେ ଯୋଗ ଦେଲେ। ଅନ୍ୟପଟେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ଯୋଗ ଦେଇଛନ୍ତି ଯାଜପୁର ଜିଲ୍ଲା ବିଜେଡିର ଶତାଧିକ କର୍ମୀ।

ନଳିନୀ ଜେନା ଓ ଗଣେଶ୍ୱର ବରାଳଙ୍କ ସମର୍ଥକମାନେ ବିଜେପିରେ ମିଶିଥିବାରୁ ବାଣ ଫୁଟାଇ ନିଜର ଖୁସିବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ଅନୁପ୍ରାଣିତ ହୋଇ ବିଜେପିରେ ଯୋଗ ଦେଇଥିବା କହିଛନ୍ତି ନଳିନୀ। ଡବଲ ଇଞ୍ଜିନ ସରକାରରେ ବିକାଶ ହେଉଛି। ସମସ୍ତ ଜିଲ୍ଲାକୁ ଗୁରୁତ୍ୱ ଦିଆ ଯାଉଛି। ତେଣୁ ବିଜେପିରେ ମିଶିବା ଦ୍ୱାରା ଲୋକଙ୍କ ବିକାଶ ପାଇଁ ଅନେକ କାର୍ଯ୍ୟ କରିପାରିବେ ବୋଲି ସେ କହିଛନ୍ତି।

ଉଭୟ ନଳିନୀ ଜେନା ଓ ଗଣେଶ୍ୱର ବରାଳ କହିଛନ୍ତି ଯେ ବିଜେଡିରେ ତାଙ୍କୁ ଅବହେଳା କରାଯାଉଥିଲା। ସେଠାରେ ଅନୁଷ୍ଠିତ କୌଣସି କାର୍ଯ୍ୟକ୍ରମରେ ତାଙ୍କୁ ଡକା ଯାଉନଥିଲା, ସେଥିପାଇଁ ବିଜେଡି ଛାଡ଼ି ବିଜେପିରେ ମିଶିଛନ୍ତି। ଲୋକଙ୍କ ସେବା କରିବାର ଇଚ୍ଛା ନେଇ ବିଜେପିରେ ମିଶିଛନ୍ତି। କୌଣସି ପଦବୀ ପାଇଁ ଆଶା ନାହିଁ। ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଏକ ଭବ୍ୟ ମିଳନ ପର୍ବର ଆୟୋଜିତ କରାଯାଇ ସମସ୍ତଙ୍କୁ ସ୍ୱାଗତ କରାଯାଇଛି।

## କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରଙ୍କୁ ଆକ୍ରମଣ: ଜଣେ ଅଟକ

**ଭୁବନେଶ୍ୱର,୧୬।୧: ଏକ୍ସପ୍ରେସ୍ ନ୍ୟୁଜ୍**

କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରଙ୍କୁ ଆକ୍ରମଣ। ଶୁକ୍ରବାର ଅପରାହ୍ନରେ ଏଭଳି ଘଟଣା ସାମ୍ନାକୁ ଆସିଛି। ଦୁର୍ବୃତ୍ତଙ୍କ ଆକ୍ରମଣରେ ଡାକ୍ତରଙ୍କ ହାତ ଭାଙ୍ଗିଯାଇଛି। ଡାକ୍ତରଙ୍କୁ ବଞ୍ଚାଇବାକୁ ଯାଇ ହସ୍ପିଟାଲର ଡ୍ରେସର ମଧ୍ୟ ଆହତ ହୋଇଛନ୍ତି। ନିମାପଡ଼ାରୁ ରୋଗୀ ନେଇ ଆସିଥିବା ଜନୈକ ସମ୍ପର୍କୀୟ ଏଭଳିକାଣ୍ଡ ଘଟାଇଥିବା ସୂଚନା ମିଳିଛି। ଖବରପାଇ ଘଟଣାସ୍ଥଳରେ କ୍ୟାପିଟାଲ ଥାନା ପୁଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି। ଏହି ଘଟଣାରେ ଜଣେ ଆକ୍ରମଣକାରୀ ପୁଲିସ ଦ୍ୱାରା ଅଟକ ହୋଇଥିବାବେଳେ ଜଣେ ଫେରାର ରହିଛି।

## ଟଙ୍କା ପାଇଁ ସ୍ତ୍ରୀକୁ ବିକ୍ରି: ୭ ବର୍ଷ ହେଲା ଦୁବାଇରେ ଅଟକ

**ଟିଟିଲାଗଡ଼,୧୬।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଟଙ୍କା ଲୋଭରେ ସ୍ୱାମୀ ନିଜ ସ୍ତ୍ରୀକୁ ବିକ୍ରି କରିଦେଇଥିବା ଭଳି ଏକ ସାଙ୍ଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ଦୀର୍ଘ ୭ ବର୍ଷ ହେବ ଦୁବାଇରେ ବନ୍ଧା ପଡ଼ି ନରକ ଯନ୍ତ୍ରଣା ଭୋଗୁଛନ୍ତି ଜଣେ ଓଡ଼ିଆ ମହିଳା। ପୀଡ଼ିତା ଜଣକ ହେଲେ ହସ୍ତା ବିଶି। ନିଜର ଦୁର୍ଦ୍ଦଶା ବଖାଣି ଏକ ଭିଡିଓ ଜାରି କରିବା ସହ ତାଙ୍କୁ ଉଦ୍ଧାର କରିବା ପାଇଁ ସେ ସରକାରଙ୍କୁ କାକୁତି ମିନତି କରିଛନ୍ତି।

ସୂଚନା ମୁତାବକ, କିଛି ବର୍ଷ ତଳେ ଟିଟିଲାଗଡ଼ ଥାନା ଅନ୍ତର୍ଗତ ବୁରାବନ୍ଦ ଗାଁର ପ୍ରେମା ମହାନନ୍ଦଙ୍କୁ ହସ୍ତା ପ୍ରେମ ବିବାହ କରିଥିଲେ। ବିବାହ ପରେ ଉଭୟ ରୋଜଗାର ଆଶାରେ ମୁମ୍ବାଇ ଯାଇଥିଲେ। ସେଠାରେ ଦୁହେଁ ଶ୍ରମିକ ଭାବେ କାମ କରୁଥିବା ବେଳେ ସେମାନଙ୍କର ତିନି ଝିଅ ଜନ୍ମ ହୋଇଥିଲେ। ପରବର୍ତ୍ତୀ ସମୟରେ ତିନି ଝିଅଙ୍କୁ ହସ୍ତାଙ୍କ ବୃଦ୍ଧ ବାପାମାଆଙ୍କ ପାଖରେ ଗାଁରେ ଛାଡ଼ି ଏହି ଦମ୍ପତି ପୁଣି ମୁମ୍ବାଇ ଫେରି ଯାଇଥିଲେ।

ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ, ମୁମ୍ବାଇ ଫେରିବା ପରେ ସ୍ୱାମୀ ପ୍ରେମା ମହାନନ୍ଦ କିଛି ଟଙ୍କା ଲୋଭରେ ହସ୍ତାଙ୍କୁ ଏକ ପରିବାର ହାତରେ ଟେକି ଦେଇଥିଲେ। ପରେ ସମ୍ପୃକ୍ତ ପରିବାର ହସ୍ତାଙ୍କୁ ମୁମ୍ବାଇରୁ ଦୁବାଇ ଚାଲାଣ କରି ଦେଇଥିଲେ। ଘରୁ ଗୋଡ଼ କାଢିବାର ୧୦ ବର୍ଷ ବିତି ଯାଇଥିଲେ ସୁଦ୍ଧା ହସ୍ତା ଥରୁଟିଏ ବି ଘରକୁ ଫେରି ନାହାନ୍ତି। ବୃଦ୍ଧ ବାପାମାଆ କେତେବେଳେ ଝିଅ ହସ୍ତାକୁ ଫେରାଇ ଆଣିବା ପାଇଁ ପ୍ରଶାସନର ଦ୍ୱାରସ୍ଥ ହେଉଛନ୍ତି ତ ଆଉ କେତେବେଳେ କାନ୍ଦି କାନ୍ଦି ନିଜ ମା'କୁ ଦେଖିବାକୁ ବିକଳ ହେଉଛନ୍ତି ତିନି ଝିଅ।

ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଉପ-ଜିଲ୍ଲାପାଳ କହିଛନ୍ତି ଯେ, ଜିଲ୍ଲା ଶ୍ରମ ବିଭାଗ ସହ ଯୋଗାଯୋଗ କରାଯାଇ ଯୁବତୀଙ୍କୁ ଦୁବାଇରୁ ଉଦ୍ଧାର କରିବା ପାଇଁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।

## ପ୍ରଶାନ୍ତ ବ୍ଲକ କଂଗ୍ରେସ ସଭାପତି

**ରାଜନଗର,୧୫।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଯୁବନେତା ପ୍ରଶାନ୍ତ କୁମାର ରାଉତଙ୍କୁ ରାଜନଗର ବ୍ଲକ କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ବ୍ଲକ କଂଗ୍ରେସ ସଭାପତି ଭାବେ ପ୍ରଶାନ୍ତଙ୍କ ନାମ ଘୋଷଣା କରିଛନ୍ତି। ଜଣେ ଜଣାଶୁଣା ଛାତ୍ର ନେତା ଭାବେ ପ୍ରଶାନ୍ତଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ଛାତ୍ର ଜୀବନରୁ ରାଜନୀତିରେ ପାଦ ଥାପିଥିବା ପ୍ରଶାନ୍ତ ପ୍ରଥମେ ବ୍ଲକ ଛାତ୍ର କଂଗ୍ରେସ ସଭାପତି, ପରେ ନିର୍ବାଚନ ମଣ୍ଡଳୀ ଛାତ୍ର କଂଗ୍ରେସ ସଭାପତି ଭାବେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ମହିଷାସୁର ପଞ୍ଚାୟତର ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଏବେ ସେ ବାଲିସାହି ପାଟଣା ପଞ୍ଚାୟତର ସମିତି ସଭ୍ୟ ଅଛନ୍ତି। ରାଜ୍ୟ କଂଗ୍ରେସ ସଭାପତି ଶ୍ରୀ ଦାସ ବ୍ଲକ କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ଦେଇଥିବାରୁ ସେ ରାଜ୍ୟ ସଭାପତି ଶ୍ରୀ ଦାସଙ୍କ ସହ ରାଜ୍ୟ ପ୍ରଭାରୀ ଅଜୟ ଲୁଲୁ ଓ ରାଜ୍ୟ କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ ସମସ୍ତ କଂଗ୍ରେସ କର୍ମୀଙ୍କୁ ସାଙ୍ଗରେ ନେଇ ସଙ୍ଗଠନ ବୃଦ୍ଧି ପାଇଁ ଉଦ୍ୟମ ଜାରି ରଖିବେ ବୋଲି ପ୍ରତିକ୍ରିୟାରେ କହିଛନ୍ତି।

# ବିଜେଡିର ଏସ୍‌ପି ଅଫିସ ଘେରାଉ

**କେନ୍ଦ୍ରାପଡ଼ା,୧୫।୧: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲାରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଯାଇଛି। ପୁଲିସ ଏବେ ଗେରୁଆ ଗାମୁଛାଧାରୀଙ୍କୁ ସମ୍ମାନ ଦେଉଛି। ଗେରୁଆ ଗାମଛା ପକାଇଥିବା ଲୋକମାନେ ଯାହା ଦୋଷ କଲେ ସେମାନଙ୍କୁ ତିନିଖୁଣ ମାଫ। କିନ୍ତୁ ସାଧାରଣ ଜନତା ଟିକେ ଭୁଲ କଲେ ସେମାନଙ୍କୁ ସଙ୍ଗେ ସଙ୍ଗେ ଜେଲ। ଥାନା ଏବେ ବିଜେପି ଅଫିସରରେ ପରିଣତ ହୋଇଛି। ଜିଲାରେ ମହିଳାମାନେ ଅସୁରକ୍ଷିତ ହୋଇପଡିଛନ୍ତି। ଯାହାର ଉଦାହରଣ ହେଉଛି ରାଜନଗରରେ ମହିଳା ପ୍ରଶାସନିକ ଅଧିକାରୀଙ୍କୁ ବିଜେପି ନେତାଙ୍କ ଆକ୍ରମଣ। ପୋଲିସ ବିରୋଧରେ ଏହି ଭଳି ବହୁ ଅଭିଯୋଗ ଆଣିବା ସହିତ ଏହାର ପ୍ରତିବାଦରେ ଜିଲ୍ଲା ବିଜେଡ଼ି ଶୁକ୍ରବାର ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲା। ଆଇନ ଅମାନ୍ୟ କରିବାକୁ ଉଦ୍ୟମ କରି କେତେକ ଗିରଫ ହୋଇଥିଲେ। ପରେ ପୋଲିସ ସେମାନଙ୍କୁ ଛାଡ଼ି ଦେଇଥିଲେ। ଦଳର ଜିଲ୍ଲା ସଭାପତି ଶିବ ପ୍ରସାଦ ଭଳଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଘେରାଉରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ଅତନୁସବ୍ୟସାଚୀ ନାୟକ ପ୍ରମୁଖ ଯୋଗ ଦେଇ ବିଜେପି ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି ଲିଳିତା ଦାସ, ଉପସଭାପତି ଭୀଷ୍ମ ମହାନ୍ତି, କେନ୍ଦ୍ରାପଡ଼ା ପୌରାଧକ୍ଷା ସରିତା ସାହୁ, ଆଇନ୍‌ଜୀବୀ ଭୀମସେନ ଭୂୟାଁ, ଆଳି ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ମହିଳା ବିଜେଡି ସଭାନେତ୍ରୀ ରୋସ୍ମି ସାହୁ, ରାଜନଗର ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ପ୍ରଦ୍ୟୁମ୍ନ ସାମନ୍ତରାୟ, ରଞ୍ଜିତ ସାହୁ, ପ୍ରଦୀପ୍ତ ମହାନ୍ତି, ଲୋହିତ ମହାନ୍ତି, ପ୍ରମୋଦ ରଥ, ଆଲୋକ ସାହୁ, ହିରଣ୍ୟ ପଣ୍ଡା, ନିରଞ୍ଜନ ରାଉତ, ରାଜେଶ ପଣ୍ଡା, ପଟ୍ଟାମୁଣ୍ଡାଇ ପୌରାଧକ୍ଷ ହେମନ୍ତ ସାହୁ, ରଶ୍ମିତା ସେଠୀ, ସ୍ୱାଧୀନ ନାୟକ, ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳାକୁ ନେଇ ପୁଲିସକୁ ତୀବ୍ର ସମାଲୋଚନା କରିବା ସହିତ ବିଜେପି ସରକାର ଏଥିପାଇଁ ଦାୟୀ ବୋଲି କହିଥିଲେ। ଜିଲା ଯୁବ ବିଜେଡି ସଭାପତି ରାଜେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ରଶ୍ମିରଞ୍ଜନ ପରିଡା, ପ୍ରତାପ ନାରାୟଣ ମହାପାତ୍ର, ସମ୍ବିତ ଶ୍ରୀ ଚନ୍ଦନ, ହିବଜୁର ରହେମାନ, ପ୍ରଭାତ ଉଡାନ ସିଂ, ଯଯାତି ମହାନ୍ତି, ମଣ୍ଟୁ ମହାନ୍ତି, ମଧୁଛନ୍ଦା ମହାନ୍ତି, ମୋହନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ୧୨ ଲକ୍ଷର ବ୍ରାଉନ ସୁଗାର ସହ ୭ ଅଭିଯୁକ୍ତ ଗିରଫ

**ପୁରୀ,୧୬।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଧଳାଜହର କବଳରେ ଶ୍ରୀକ୍ଷେତ୍ର ପୁରୀ। ପ୍ରତି ସମୟରେ ଧାର୍ମିକ ତଥା ଆଧ୍ୟାତ୍ମିକ ସହର ପୁରୀରୁ ଲକ୍ଷ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ ହେଉଛି। ଏଭଳି ସ୍ଥିତିରେ ପୋଲିସକୁ ପୁଣି ବଡ଼ ସଫଳତା ମିଳିଛି। ପୁରୀ ବ୍ରହ୍ମଗିରି ଥାନା ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି ୭ ଜଣ ବ୍ରାଉନ ସୁଗାର ମାଫିଆ। ବ୍ରହ୍ମଗିରି ଥାନା ଅନ୍ତର୍ଗତ ମା' ପାଦୁକେଇ ମନ୍ଦିର ମେଳଣ ପଡ଼ିଆରୁ ୭ ଜଣ ବ୍ରାଉନ ସୁଗାର ମାଫିଆଙ୍କୁ ଗିରଫ କରିବାରେ ସଫଳ ହୋଇଛି ପୋଲିସ। ଅଭିଯୁକ୍ତଙ୍କଠାରୁ ୧୧୯ ଗ୍ରାମ ବ୍ରାଉନ ସୁଗାର ସହିତ ନଗଦ ୧୨ ହଜାର ୫ ଶହ ଟଙ୍କା ଜବତ କରାଯାଇଛି। ଏଥିସହ ଗୋଟିଏ ଚାରି ଚକିଆ ଏବଂ ତିନୋଟି ଦୁଇ ଚକିଆ ସହିତ ୧୦ଟି ମୋବାଇଲ ଫୋନ୍ ପୋଲିସ ଜବତ କରିଛି। ଜବତ ବ୍ରାଉନ ସୁଗାରର ଆନୁମାନିକ ବଜାର ମୂଲ୍ୟ ୧୨ ଲକ୍ଷ ଟଙ୍କା ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ପୁରୀ ଏସପି।

ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ତାଳବଣିଆ ଅଞ୍ଚଳର ସୁଜିତ ନାୟକ, ନାରାୟଣ ପ୍ରଧାନ, ସଦର ଥାନା ଅନ୍ତର୍ଗତ ନୀଳଚକ୍ର ନଗରର ଦୀପକ ପଣ୍ଡା, ଖୋର୍ଦ୍ଧାର ବିଭୂତି ଭୂଷଣ ପଟ୍ଟନାୟକ, ବ୍ରହ୍ମଗିରିର ଶିବପ୍ରସାଦ ସେଠୀ, ପପୁନ୍ ସୁନ୍ଦରା ଏବଂ ବିଶେଶ୍ୱର ନାୟକ। ଖୋର୍ଦ୍ଧାରୁ ଅଭିଯୁକ୍ତ ମାନେ ବ୍ରାଉନ ସୁଗାର ଆଣି ପୁରୀରେ ବିକ୍ରି କରିବା ପାଇଁ ଯୋଜନା କରିଥିଲେ। ସେପଟେ ପୁରୀ ପୋଲିସର ଏଭଳି ସଫଳତାକୁ ସ୍ୱାଗତ କରିଛନ୍ତି ସେବାୟତ ଓ ମଠାଧୀଶ। ପୁରୀରେ ନିଶା କାରବାର କରୁଥିବା ଅସାମାଜିକ ବ୍ୟକ୍ତିଙ୍କ ଉପରେ ପୋଲିସ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ପୁରୀ ସହରକୁ ନିଶାମୁକ୍ତ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ତେବେ ପୁରୀ ଏକ ଆଧ୍ୟାତ୍ମିକ ତଥା ଧାର୍ମିକ ସହର ହୋଇଥିବାରୁ ପ୍ରତିଦିନ ଏଠାକୁ ହଜାର ହଜାର ପର୍ଯ୍ୟଟକ ଓ ଭକ୍ତ ଆସୁଛନ୍ତି। ପୁରୀରେ ନିଶା କାରବାର କରୁଥିବା ମାଫିଆମାନଙ୍କ ଉପରେ ପୋଲିସ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ନିଶା ମାଫିଆଙ୍କ ତାଲିକା ପ୍ରସ୍ତୁତ ହୋଇଥିବା ବେଳେ ସେମାନଙ୍କ ଗତିବିଧି ଉପରେ ପୋଲିସ ନଜର ରଖିଛି ବୋଲି ଏସପି କହିଛନ୍ତି। ପୁରୀ ସହରରେ ନିଶା କାରବାରକୁ ଆଉ ପ୍ରଶ୍ରୟ ଦିଆଯିବନି ବୋଲି କହିଛନ୍ତି ପୁରୀ ଏସପି।

ସେପଟେ ପୁରୀ ପୋଲିସ ବ୍ରାଉନ ସୁଗାର ମାଫିଆଙ୍କୁ ଧରି ବାଃ ବାଃ ନେବା ପାଇଁ ଚେଷ୍ଟା କରୁଥିବା ବେଳେ ପୁରୀ ବସଷ୍ଟାଣ୍ଡ, ରେଲୱେ ଷ୍ଟେସନ, ତାଳବଣିଆ ସହିତ ସମୁଦ୍ର କୂଳ ଏବଂ ବିଭିନ୍ନ ବସ୍ତିରେ ଖୁଲମଖୁଲା ନିଶା ସାମଗ୍ରୀ ବିକ୍ରି ହେଉଛି। ନିଶାଖୋରମାନେ କୋରେକ୍ସ, ବ୍ରାଉନ ସୁଗାର, ଗଞ୍ଜେଇ, ଅଫିମ ସହ ନିଶା ବଟିକା ଖାଇ ପର୍ଯ୍ୟଟକ ଓ ପୁରୀ ସହରବାସୀଙ୍କ ଠାରୁ ବିଭିନ୍ନ ସମୟରେ ଲୁଟପାଟ କରୁଛନ୍ତି। ଏଣୁ ବିଭିନ୍ନ ଥାନା ପକ୍ଷରୁ କଡାକଡି ପାଟ୍ରୋଲିଂ ସହ ଉକ୍ତ ସ୍ଥାନମାନଙ୍କରେ ସାଦା ପୋଷାକଧାରୀ ପୋଲିସ ମୁତୟନ ହେବା ଆବଶ୍ୟକ ରହିଛି। ସେପଟେ ପୁରୀ ଏସପି କହିଛନ୍ତି ନିଶା ମାଫିଆଙ୍କ ତାଲିକା ପ୍ରସ୍ତୁତ ହୋଇଥିବା ବେଳେ ଖୁବଶୀଘ୍ର ସେମାନଙ୍କ ଉପରେ କଠୋର ପଦକ୍ଷେପ ଗ୍ରହଣ କରାଯିବ। ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁରୀ ପୋଲିସ ଅନେକ ପଦକ୍ଷେପ ଗ୍ରହଣ କରୁଛି। କିନ୍ତୁ କିଛି ଅସାଧୁ ପୋଲିସ ନିଶା ମାଫିଆଙ୍କ ସହିତ ସମ୍ପର୍କ ରଖିଥିବା ବେଳେ ପୁରୀ ଏସପି ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖି ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ଚଞ୍ଚଳା ଟ୍ରଫି ଦ୍ୱିତୀୟ ସେମିଫାଇନାଲରେ ୟୁନାଇଟେଡ ଇଲେଭେନ ବିଜୟୀ

**ରାଜନଗର,୧୫।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ କୋଇଲିପୁର ପଚାଂୟତ ବଡପଲୀସ୍ଥିତ ଚଂଚଳା ମିନିଷ୍ଟାଡିୟମରେ ପଲ୍ଲୀଶ୍ରୀ ଯୁବକ ସଂଘ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ୪୪ତମ ଚଂଚଳା ଟ୍ରଫିର ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହୋଇଯାଇଛି। ନିମପୁର ସ୍ପୋର୍ଟିଂ କ୍ଲବ ଜଗତପୁର କଟକକୁ ହରାଇ ୟୁନାଇଟେଡ ଇଲେଭେନ ବ୍ରହ୍ମପୁର ବିଜୟୀ। ପ୍ରଥମେ ଟସ ଜିତି ବ୍ରହ୍ମପୁର ବ୍ୟାଟିଂ ନିଷ୍ପତି ନେଇ ପଡିଆକୁ ଓହ୍ଲାଇଥିଲା। ଦଳ ୨୦ ଓଭର ଖେଳି ସମସ୍ତ ୱିକେଟ ହରାଇ ୨୨୧ ରନ କରିବାକୁ ସକ୍ଷମ ହୋଇଥିଲା। ବ୍ରହ୍ମପୁରର ବ୍ୟାଟ୍ସମ୍ୟାନ ପ୍ରବୀଣ କୁମାର ୨୯ବଲ ଖେଳି ୩ଟି ଛକା ଓ ୩ ଚୌକା ବିନିମୟରେ ୫୫ ରନ କରିଥିଲେ। ଦଳର ବ୍ୟାଟ୍ସମ୍ୟାନ ଇଲୁ ଗୋଛାୟତ ୨୫ବଲ ଖେଳି ୩ଟି ଛକା ଓ ୩ଟି ଚୌକା ସହାୟତାରେ ୪୬ରନ ସଂଗ୍ରହ କରିଥିଲେ। ଦଳର ଅନ୍ୟତମ ବ୍ୟାଟ୍ସମ୍ୟାନ ଚକ୍ରଧର ଦ୍ୱିବେଦୀ ୧୯ ବଲ ଖେଳି ୨ଟି ଛକା ଓ ୨ଟି ଚୌକା ସହାୟତାରେ ୩୩ରନ ସଂଗ୍ରହ କରିଥିଲେ। ବ୍ରହ୍ମପୁରର ବୋଲର ଆକ୍ରାମ ଖାନ ୪ ଓଭର ବୋଲିଂ କରି ୨୩ରନ ଦେଇ ୩ ଉଇକେଟ ହାସଲ କରିଥିଲେ। ବୋଲର ଇଲୁ ଗୋଛାୟତ ୫ଟି ବଲ ବୋଲିଂ କରି ୨ରନ ଦେଇ ୨ ଉଇକେଟ ହାସଲ କରିଥିଲେ। ଅନ୍ୟତମ ବୋଲର ରୁହେଲ ୩ ଓଭର ବୋଲିଂ କରି ୨୧ରନ ଦେଇ ୨ ଉଇକେଟ ହାସଲ କରିଥିଲେ। ଜବାବରେ ଜଗତପୁର କଟକ ୧୭.୫ ଓଭର ଖେଳି ସମସ୍ତ ୱିକେଟ ହରାଇ ୧୨୨ ରନ କରି ପରାଜୟବରଣ କରିଥିଲା। ନିମପୁରର ବୋଲର ଆନନ୍ଦ ଯାଦବ ୩ଓଭର ବୋଲିଂ କରି ୨୩ ରନ ବିନିମୟରେ ୩ଟି ୱିକେଟ ହାସଲ କରିଥିଲେ। ସେହିପରି ଅନ୍ୟତମ ବୋଲର ଆକାଶ ପ୍ରକାଶ ୪ଓଭର ବୋଲିଂ କରି ୨୮ରନ ବିନିମୟରେ ୩ଟି ୱିକେଟ ହାସଲ କରିଥିଲେ। ନିମପୁରର ବ୍ୟାଟ୍ସମ୍ୟାନ ସ୍ନେହାଶିଷ ମହାନ୍ତି ୧୭ ବଲ ୨୩ରନ ସଂଗ୍ରହ କରିଥିଲେ। ଦଳର ବ୍ୟାଟ୍ସମ୍ୟାନ ଆଶିଷ ବେହେରା ୧୨ବଲ ଖେଳି ୧୯ ରନ ସଂଗ୍ରହ କରିଥିଲେ। ଇଲୁ ଗୋଛାୟତ ମ୍ୟାନ ଅଫ ଦି ମ୍ୟାଚ ଘୋଷିତ ହୋଇଛନ୍ତି। ଅମ୍ପାୟାର ଭାବେ ନିରୋଦ ବଳ ଓ ବଂଶୀଧର ସ୍ୱାଇଁ, ସ୍କୋରର ଭାବେ ପ୍ରକାଶ ସେଠୀ ଓ ଉମେଶଚନ୍ଦ୍ର ବଳ ଦାୟିତ୍ୱ ନିର୍ବାହ କରିଥିଲେ। ଭାଷ୍ୟକର ଭାବେ ବିଜୟ ବଳ ଓ ରମେଶ ସାହୁ। ସଭାପତି ତପନ କୁମାର ପରିଡା ଓ ସଂପାଦକ ଅଭିମନ୍ୟୁ ପ୍ରତିହାରୀଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଭାବେ ଘନଶ୍ୟାମ ଜେନା, ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ଭଗବତୀ ରାଉତ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ।

# ଧଉଳି ଗଣଦୁଷ୍କର୍ମ ମାମଲାରେ ଆଉ ଜଣେ ଗିରଫ

**ଭୁବନେଶ୍ୱର,୧୬।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବହୁଚର୍ଚ୍ଚିତ ଧଉଳି ଗଣ ଦୁଷ୍କର୍ମ ମାମଲାରେ ଆଉ ଜଣେ ଗିରଫ। ଫେରାର ଅନ୍ୟତମ ଅଭିଯୁକ୍ତ ସାଗର ଜେନାକୁ ରାଜ୍ୟ ବାହାରୁ ଗିରଫ କରିଛି କମିଶନରେଟ୍ ପୁଲିସ। ଗିରଫ ପରେ ସାଗରକୁ କ୍ରାଇମ୍ ସ୍ପଟ୍ ନିଆଯିବା ପରେ ଟିଆଇ ପରେଡ କରିବ। ସାଗର ଜେନା ନାଁରେ ପୂର୍ବରୁ ଅନେକ ମାମଲା ରହିଛି। ବଡଗଡ ଥାନା ଅଞ୍ଚଳରୁ ମଧ୍ୟ ଫାୟରିଂ ଘଟଣାରେ ମଧ୍ୟ ଗିରଫ ହୋଇଥିଲା। ତେବେ ଗଣଦୁଷ୍କର୍ମ ଦିନ ମୁଖ୍ୟ ଅଭିଯୁକ୍ତ ହାପିର ସହଯୋଗୀ ଥିଲା ସାଗର। ଦୁଷ୍କର୍ମ ପୀଡିତାଙ୍କ ପୁରୁଷ ବନ୍ଧୁଙ୍କୁ ବାନ୍ଧି ରଖିଥିଲା ସେଦିନ। ଏହି ଘଟଣାରେ ପୂର୍ବରୁ ତିନି ଜଣ ଗିରଫ ହୋଇଛନ୍ତି। ଗତ ୧୦ତାରିଖରେ ଦୟା ନଦୀ କୂଳରେ ଘଟିଥିଲା ଘଟଣା। ଏବେବି ଆଉ ଜଣେ ଫେରାର ରହିଛି।

## ପ୍ରଥମ ପୃଷ୍ଠାରୁ...

### ମୂର୍ତ୍ତିଙ୍କୁ ପଚାରିଲେ...

ଏସସି/ଏସଟି ବିଭାଗ ଦ୍ୱାରା ପରିଚାଳିତ ଏହି ବିଦ୍ୟାଳୟରେ ଅନେକ ଅଭିଯୋଗ ସାମ୍ନାକୁ ଆସୁଥିବା ଦେଖିବାକୁ ମିଳିଛି।

ବିଦ୍ୟାଳୟର ପ୍ରାଧାନଶିକ୍ଷକ କୋଲା ବାମନମୂର୍ତ୍ତିଙ୍କ ବିରୋଧରେ ବିନା କାରଣରେ ଛାତ୍ରମାନଙ୍କୁ ଜାତିଆଣ ଆକ୍ଷେପ କରି ଟିସି ଦେଇ ବିଦା କରିଦେଇଥିବା ଅଭିଯୋଗ ହୋଇଥିଲା। ଏପରିକି ପ୍ରଧାନଶିକ୍ଷକ ଶ୍ରୀ ବାମନମୂର୍ତ୍ତି ଛାତ୍ରମାନେ ନିଶା ସେବନ କରୁଥିବା ଭଳି ଭିଡିଓ ସୁଟିଂ କରି ନିଜେ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଥିଲେ। ଘଟଣାକୁ ନେଇ ପୁଲିସ ଓ ବିଭାଗୀୟ ତଦନ୍ତ ହୋଇଥିଲା। କିଛିଦିନ ତଳେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଏହି ବିଦ୍ୟାଳୟ ପରିଦର୍ଶନ କରିଥିବା ବେଳେ ରୋଷେଇ ଘରର ସ୍ୱଚ୍ଛତାକୁ ନେଇ ଭିଷଣ ବିରକ୍ତି ପ୍ରକାଶ କରିଥିଲେ। ବିଦ୍ୟାଳୟରେ ଅନିୟମିତତା ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିବା ସତ୍ତ୍ୱେ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ।

### ନିଶାଙ୍କ ନୃତ୍ୟ...

ଉଠାଉଥିଲେ ଚନ୍ଦନଭାଟି ଫାଣ୍ଡି ଅଧିକାରୀ। ଯେଉଁଥିପାଇଁ ସେ ବିବାଦରେ ଥିଲେ। ଆଜି ତାଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟ ବଦଳି କରାଯାଇଛି। ଗତକାଲି ଏହି ମାମଲାରେ ପୋଲିସ ଆୟୋଜକ କମିଟିର ଦୁଇ ଜଣଙ୍କୁ ଗିରଫ କରିଥିଲା।

### ବିଜେଡିରୁ ଆଉ...

ଜେନା ଓ ଗଣେଶ୍ୱର ବରାଳ) ଜିତିଥିଲେ ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ହୋଇଥିଲେ। କିନ୍ତୁ ସେମାନେ ଦଳ ଓ ଦଳର ନେତାଙ୍କ ବିରୋଧରେ ଚକ୍ରାନ୍ତ କରିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଯେଉଁମାନେ ବିଜେଡିରେ ରହି ଏହା ବିରୋଧରେ ଚକ୍ରାନ୍ତ କରୁଛନ୍ତି, ସେମାନଙ୍କୁ ବିଦା କରାଯାଉଛି।

### ବନ୍ଧୁକ ବିକ୍ରି...

ଯାଜପୁରର ମନୋଜ କୁମାର ମଲ୍ଲିକ ଓରଫ ପପୁ ବୋଲି ଜଣାପଡ଼ିଛି। ଅଭିଯୁକ୍ତ ନିକଟରୁ ୬ଟି ସେମି ଅଟୋମେଟିକ୍ ପିସ୍ତଲ, ୧୦ଟି ଅଫୁଟା ଗୁଳି, ଗୋଟିଏ ମୋବାଇଲ୍, ଦୁଇଟି ବାଇକ୍ ଏବଂ ନଗଦ ୫ଶହ ଟଙ୍କା ଜବତ କରିଛି ସ୍ପେଶାଲ ୟୁନିଟ୍। ବେପାରୀ ଜଣକ ଭୁବନେଶ୍ୱର ସମେତ ଅନ୍ୟ କେଉଁ ଅଞ୍ଚଳରେ କାରବାର କରୁଥିଲେ ସେ ନେଇ ପୁଲିସ ତାକୁ ପଚରାଉଚରା କରୁଥିବା ଜଣାପଡିଛି।

### ଜିଲ୍ଲା ମହୋତ୍ସବରେ...

ଖଣ୍ଡେ ନାହିଁ। ଯେଉଁ କିଛି ସିଟ୍‌ର ବ୍ୟବସ୍ଥା ରହିଛି ତାହା ଭିଆଇପି ଓ ଭିଭିଆଇପିଙ୍କ ପାଇଁ। ଏହାକୁ ପୋଲିସ କର୍ଡ଼ନରେ ରଖାଯାଇଛି। ଭିଆଇପି ସିଟ୍ ପାଇଁ ପାଶ୍‌ର ବ୍ୟବସ୍ଥା ବି କରାଯାଇଛି। ତେବେ ସବୁଠାରୁ ବଡ଼ କଥା ହେଲା ଏହି ଭିଆଇପି ତଥା ଭିଭିଆଇପି ଅନ୍ୟ କେହି ନୁହଁନ୍ତି, କେବଳ ସରକାରୀ ଅଧିକାରୀ କର୍ମଚାରୀ ଓ ସେମାନଙ୍କ ପରିବାର ଲୋକେ। ସେମାନଙ୍କ ରିଫ୍ରେସମେଣ୍ଟ ପାଇଁ ମଧ୍ୟ ସରକାରୀ ଟଙ୍କାରେ ବ୍ୟବସ୍ଥା ହୋଇଛି। ଚା, କଫି, ଚିନାବାଦାମ, ଚାର୍ଟ ସିଙ୍ଗଡ଼ା, ଚପ୍, ଗୁପ୍‌ଚୁପ ଆଦି ମଝିରେ ମଝିରେ ପରସା ଯାଉଛି। ଆଉ ସରକାରୀ ବାବୁମାନେ ନିଜ ପରିବାର ସହିତ ଏସବୁର ମଜା ନେବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରୁଛନ୍ତି। ଅବଶ୍ୟ ଅନୁଗ୍ରହ ପାଇବାକୁ କି ଆକ୍ରୋଶର ଶୀକାର ନହେବାକୁ ଚିହ୍ନାଜଣା ଶାସକ ଦଳର ସ୍ଥାନୀୟ ନେତା ଓ କର୍ମୀଙ୍କୁ କିଛି କର୍ମଚାରୀ ଡ଼ାକି ନେଇ ସେହି ଭିଆଇପି ଭିଭିଆଇପି ସିଟ୍‌ରେ ବସାଇ ଦେଉଛନ୍ତି। ବିଚରା କେନ୍ଦ୍ରାପଡ଼ା ଜିଲ୍ଲାବାସୀ କର୍ଡ଼ନ ବାହାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଟିକେ ଦେଖିବାକୁ ଛିଡ଼ା ହୋଇ ଠେଲାପେଲା ହେବା ସାର ହୋଇଛି। ଲୋକଙ୍କ ସରକାରରେ ଲୋକଙ୍କୁ ବାହାରେ ଛିଡ଼ା କରାଇ ସରକାରୀ ବାବୁମାନେ ସେହି ଲୋକଙ୍କ ପଇସାରେ ଅୟସ କରୁଥିବା ଘଟଣାକୁ ନେଇ ପ୍ରତ୍ୟହ ସଂଧ୍ୟାରେ ବାକ୍ ବିତଣ୍ଡା ହେଉଥିଲେ ମଧ୍ୟ ପୋଲିସ ଭୟ ଦେଖାଇ ଚୁପ୍ କରାଇ ଦିଆଯାଉଥିବା କୁହାଯାଉଛି।

### ଅବସର ପରେ...

ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରୁ ନାହାନ୍ତି। ତେଣୁ ଜଣେ ଅବସର ପାଇଥିବା କର୍ମଚାରୀଙ୍କୁ କିଏ କେଉଁ ନ୍ୟାୟରେ ବର୍ଷ ବର୍ଷ ଧରି ସରକାରୀ କ୍ୱାଟର ଯୋଗାଇ ଦେଇଛି ତାର ଖୋଳତାଡ଼ କରିବା ସହ ବେଆଇନ ଭାବେ ରହିଥିବା ଏହି କର୍ମଚାରୀଙ୍କୁ ଏଠାରୁ ବିଦା କରିବାକୁ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି।

# ୩ ଏଟିଏମ୍ ଲୁଟେରା ଗିରଫ: ୧ଲକ୍ଷ ୮୦ ହଜାର ଟଙ୍କା ଜବତ

**ଯାଜପୁର,୧୬।୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ଯାଜପୁର ବିଞ୍ଝାରପୁର ଅଞ୍ଚଳର ବହୁଚର୍ଚ୍ଚିତ ୩ ଏଟିଏମ୍ ଲୁଟେରାକୁ ବିଞ୍ଝାରପୁର ପୁଲିସ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ନଗଦ ୧ଲକ୍ଷ ୮୦ ହଜାର ଟଙ୍କା ଜବତ କରିଥିବାର ଶୁକ୍ରବାର ଅପରାହ୍ଣରେ ଯାଜପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ ସୂଚନା ଦେଇଛନ୍ତି। ଗତ ଜାନୁଆରୀ ୧ ତାରିଖ ବିଳମ୍ବିତ ରାତିରେ ୬ ରୁ ୭ ଜଣ ଏଟିଏମ୍ ଲୁଟେରା ବିଞ୍ଝାରପୁର ଥାନା ମଇନ୍ଦା ଛକ ଲେଙ୍କାସାହି ଠାରେ ଥିବା ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଏଟିଏମ୍ ମେସିନକୁ ତାଡ଼ି ସେଥିରେ ଥିବା ୫ଲକ୍ଷ ୭୨ ହଜାର ଟଙ୍କାକୁ ଲୁଟ୍ କରି ନେଇ ଯାଇଥିଲେ। ୨ ତାରିଖ ଦିନ ଘଟଣା ଜଣାପଡ଼ିବା ପରେ ବ୍ୟାଙ୍କ କର୍ମଚାରୀ ସନ୍ତୋଷ କୁମାର ପାଢ଼ୀ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ବିଞ୍ଝାରପୁର ପୁଲିସ କେଶ ନଂ.୩/୨୬, ଦଫା ୩୩୧(୪)/୩୦୫ ବିଏନ୍‌ଏସ୍ ଅନୁଯାୟୀ ଏକ ମାମଲା ରୁଜୁ କରି ଭାରପ୍ରାପ୍ତ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ ଘଟଣାର ତଦନ୍ତ ଜାରି ରଖିଥିଲେ। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଆରକ୍ଷୀ ଅଧିକ୍ଷକ ଯଶ ପ୍ରତାପ ଶ୍ରୀମଲଙ୍କ ନିର୍ଦ୍ଦେଶ କ୍ରମେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମାଝୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରାଯାଇଥିଲା। ସିସିଟିଭି ଫୁଟେଜ୍ ଓ ଟେକ୍ନିକାଲ ଡାଟାକୁ ଆଧାର କରି ପୁଲିସ ଜିଲା ତଥା ଜିଲା ବାହାରରୁ ତଦନ୍ତ ଆରମ୍ଭ କରିଥିଲା। ଏପରିକି ତଦନ୍ତକାରୀ ଦଳ ବିଭିନ୍ନ ରାଜ୍ୟକୁ ଯାଇ ୩ଜଣ ଏଟିଏମ୍ ଲୁଟେରାକୁ ଧରିବାରେ ସକ୍ଷମ ହୋଇଥିଲେ। ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା ସ୍ଥାନୀୟ ଅଞ୍ଚଳର ଯୁବକଙ୍କ ସହିତ ବାହାର ରାଜ୍ୟରୁ ଲୁଟେରା ସାମିଲ ହୋଇଥିବା ଜଣାପଡ଼ିଥିଲା। ପୁଲିସ ଉତ୍ତରପ୍ରଦେଶ ଗାଜିଆବାଦ୍‌ରୁ ଅବଦୁଲ ହକ୍ ଖାନ୍‌ଙ୍କ ପୁଅ ସୋହାଙ୍ଗ ଓରଫ ରୁସ୍ତମ୍ ଖାନ୍(୩୮), ପଶ୍ଚିମବଙ୍ଗ ଉତ୍ତର ଚବିଶପ୍ରଗଣା ଅଯୋଧ୍ୟା ଗ୍ରାମର ସାହାଜାମାଲ୍ ମିର୍‌ଙ୍କ ପୁଅ ସଦାମ ମିର(୩୩) ଓ ବିଞ୍ଝାରପୁର ଥାନା ଖାଦିମ୍ ମୋହଲ୍ଲା ସାହିର ସେକ୍ ମାଫିରୁଦ୍ଦିନଙ୍କ ପୁଅ ଏସ୍‌କେ ରାଜା(୪୬)କୁ ଗିରଫ କରି ଯାଜପୁରକୁ ଆଣିଥିଲା। ଏହି ଘଟଣାରେ ଲୁଟ୍‌ରେ ବ୍ୟବହୃତ ଶାବଳ, ପ୍ଲାସ୍, ସର୍ପ ପାଣି ବୋତଲ, କରତ, ଆରି, ଟର୍ଚ୍ଚ, କଟର, ବ୍ଲେଡ, ସ୍କ୍ରୁ ଡ୍ରାଇଭର, ରେଞ୍ଚ ଓ ଅନ୍ୟ ସାମଗ୍ରୀକୁ ଲୁଚାଇ ରଖିଥିବା ଘରୁ ଉଦ୍ଧାର କରିବା ସହିତ ନଗଦ ୧ଲକ୍ଷ ୮୦ ହଜାର ଟଙ୍କା ପୁଲିସ ଜବତ କରିଥିଲା। ଲୁଟେରା ଯାଜପୁର ଟାଉନ ସନ୍ଥେଶ୍ୱରପୁର ଏସ୍‌କେ ସୋନାଙ୍କ ଘରେ ଭଡ଼ାରେ ରହୁଥିବା ଜଣାପଡ଼ିଛି। ଲୁଟ୍ ସମୟରେ ବ୍ୟବହୃତ ଗୋଟିଏ ଟିଭିଏସ୍ ଆପାଚି ଓ ଗୋଟିଏ ୟମା ଆର୧୫ ଗାଡ଼ିକୁ ପୁଲିସ ଜବତ କରିଛି। ଏହି ଲୁଟେରାମାନେ ଲୁଟ୍ ଆଗଦିନ ଏଟିଏମ୍ ସ୍ଥଳ ବୁଲି ଦେଖିଥିଲେ ବୋଲି ପୁଲିସ ସୂଚନା ଦେଇଛି। ଖୁବଶୀଘ୍ର ଅନ୍ୟ ଲୁଟେରାଙ୍କୁ ଗିରଫ କରାଯିବ ବୋଲି ଉପଖଣ୍ଡ ଆରକ୍ଷୀ ଅଧିକାରୀ କହିଛନ୍ତି। ଏହି ଲୁଟେରା ବାଂଲାଦେଶୀଙ୍କ ସହିତ ବିଭିନ୍ନ ଅପରାଧିକ କାର୍ଯ୍ୟରେ ଜଡ଼ିତ ଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460

Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ
Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ